
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

## The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୨୧ ଅଗଷ୍ଟ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 21 AUGUST 2021
Vol.No. 32 ■ No. 213 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ମୋଦି ସରକାର ବିରୋଧରେ ଏକଜୁଟ ହେଲେ ବିରୋଧୀ

## ବୈଠକରେ ଯୋଗ ଦେଲେ ୧୯ଟି ଦଳ, ୨୦୨୪ ସାଧାରଣ ନିର୍ବାଚନ ନେଇ ଆଲୋଚନା



ନୂଆଦିଲ୍ଲୀ,୨୦/୦୮: ବିଜେପି ସରକାର ବିରୋଧରେ ମେଳି ବାନ୍ଧିଲେ ବିରୋଧୀ । ସୋନିଆ ଗାନ୍ଧୀଙ୍କ ଅଧ୍ୟକ୍ଷତାରେ ୧୯ଟି ବିରୋଧୀ ଦଳଙ୍କୁ ନେଇ ଅନୁଷ୍ଠିତ ହୋଇଛି ବୈଠକ । ଯେଉଁଥିରେ ୨୦୨୪ ସାଧାରଣ ନିର୍ବାଚନରେ ବିଜେପି ସରକାରଙ୍କୁ କିପରି ଟକ୍କର ଦିଆଯିବ ସେନେଇ ଆଲୋଚନା କରାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ଏକଜୁଟ ହେଉଛନ୍ତି ବିରୋଧୀ । ଶୁକ୍ରବାର କଂଗ୍ରେସର ଅନ୍ତରୀଣ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ନେତୃତ୍ୱରେ ଏହି ବୈଠକ ବସିଛି । ସଂସଦ ଅଚଳ ହେବା ପରେ ପ୍ରଥମକରି ସବୁ ବିରୋଧୀ ଏକାଠି ହୋଇଛନ୍ତି । ଭର୍ଚୁଆଲ ମାଧ୍ୟମରେ ହୋଇଥିବା ଏହି ବୈଠକରେ ଟିଏମସି, ଆରଜେଡି, ଶିବସେନା, ଡିଏମକେ ସମେତ ୧୯ଟି ରାଜନୈତିକ ଦଳ ଯୋଗ ଦେଇଛନ୍ତି । ଟିଏମସି ଅଧ୍ୟକ୍ଷା ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଧ୍ୟ ଏହି ବୈଠକରେ ଯୋଗ ଦେଇଛନ୍ତି । ବୈଠକରେ ସୋନିଆ କହିଛନ୍ତି, "ବିଜେପି ବିରୋଧରେ ବିରୋଧୀ ଏକଜୁଟ ହୁଅନ୍ତୁ । ସରକାରଙ୍କ ଜିଦ୍ଧି ମନଭାବ ପାଇଁ ସଂସଦରେ ଅଚଳାବସ୍ଥା ସୃଷ୍ଟି ହୋଇଛି । ୨୦୨୪ ସାଧାରଣ ନିର୍ବାଚନ ପାଇଁ ରଣନୀତି ତିଆରି କରିବାକୁ ପଡିବ ଏବଂ ବିରୋଧିଙ୍କୁ ଏକାଠି ହେବାର ଆବଶ୍ୟକତା ଅଛି ।" ୨୦୨୪ ସାଧାରଣ ନିର୍ବାଚନରେ ବିଜେପିକୁ ଟକ୍କର ଦେବା ପାଇଁ ପ୍ରୟାସ ଚଳାଇଛି ବିରୋଧୀ । ପେଗାସସ୍ ପ୍ରସଙ୍ଗ, ପେଟ୍ରୋଲ-ଡିଜେଲର ଦର ବୃଦ୍ଧି, କୃଷି ଆଇନ ଓ କରୋନା ୨ୟ ପର୍ଯ୍ୟାୟରେ ଲକ୍ଷ ଲକ୍ଷ ଲୋକଙ୍କ ମୃତ୍ୟୁ ଭଳି ବଡ ବଡ ପ୍ରସଙ୍ଗ ରହିଛି ବିରୋଧୀଙ୍କ ହାତରେ । ସେଥିପାଇଁ ସଂସଦ ବି ଚାଲି ପାରିନଥିଲା । ଏବେ ବିରୋଧୀ ଲୋକମତ ସୃଷ୍ଟି କରିବା ପାଇଁ ନୂଆ ରଣନୀତି ଆପଣାଇବ । ତେବେ ବୈଠକରେ ଆମ ଆଦମି ପାର୍ଟି, ବହୁଜନ ସମାଜବାଦୀ ପାର୍ଟି ଏବଂ ସମାଜବାଦୀ ପାର୍ଟି ଯୋଗ ଦେଇନଥିଲେ ।

# ରାୟଗଡାରେ ଜନ ଆଶୀର୍ବାଦ ଯାତ୍ରାରେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ



ଭୁବନେଶ୍ୱର,୨୦/୦୮ (ନି.ପ୍ର): କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ରାୟଗଡାରେ ଜନ ଆଶୀର୍ବାଦ ଯାତ୍ରାରେ ପହଂଚିଛନ୍ତି । ସେ ସେଠାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବା ସହିତ ନୂଆ ରାୟଗଡା ରେଳ ଡିଭିଜନର ସ୍ଥାନ ବୁଲି ଦେଖିବା ସହ ଡିଭିଜନାଲ ବିଲଡିଂ ପ୍ଲାନର ସମୀକ୍ଷା କରିଛନ୍ତି । ଟ୍ରେନରେ ରାୟଗଡା ପହଂଚିଥିବା ଶ୍ରୀ ବୈଷ୍ଣବ ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧା ସୁମନ ଜ୍ଞାପନ କରିଥିଲେ । ରାୟଗଡା ଠାରେ ଜନ ଆଶୀର୍ବାଦ ଯାତ୍ରା ଅବସରରେ ସ୍ଥାନୀୟ ନାଗରିକ ମଂଚ, ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ଉଷ୍ମସିତ ସମ୍ବର୍ଦ୍ଧନା ଦିଆ ଯାଇଥିଲା । ସେ ଏହି ଅବସରରେ କହିଥିଲେ ଯେ ଏବେ ଘରେ ଘରେ ଗାଁ ମାନଙ୍କରେ ଯୋଗାଯୋଗ ବ୍ୟବସ୍ଥା କିପରି ପହଂଚି ପାରିବ ସେଥି ପ୍ରତି ବିଶେଷ ଧ୍ୟାନ ଦିଆଯାଉଅଛି ଓ ରାୟଗଡା ଠାରେ ରେଳ ମଣ୍ଡଳ ଓ ରେଳ ଯୋଗାଯୋଗ ବୃଦ୍ଧି କରିବାକୁ ସମୀକ୍ଷା କରିବି । ପ୍ରଧାନ ମନ୍ତ୍ରୀଙ୍କ ସଂକଳ୍ପ 'ପୂର୍ବୋଦୟରୁ ଭାରତର ବିକାଶ' କାର୍ଯ୍ୟକ୍ରମରେ ରାୟଗଡା ଠାରେ ଜନ ଆଶୀର୍ବାଦ ଯାତ୍ରା - ମା ଙ୍କୁ ସମ୍ମାନ ଦେଇ ଉଜ୍ଜଳା ଗ୍ୟାସ ସଂଯୋଗ ଏବଂ ଶୌଚାଳୟ ବ୍ୟବସ୍ଥା ସହ ଅନ୍ୟ ଜନ କଲ୍ୟାଣକାରୀ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଉଛି ।

# ତାଲିବାନୀଙ୍କ ଅନ୍ଧାଧୁନ୍ ଗୁଳି ଭିତରେ ଜୀବନ ବଂଚାଇବାକୁ ପ୍ରୟାସ କରୁଛନ୍ତି ଆଫଗାନିସ୍ତାନ ବାସିନ୍ଦା



ନୂଆଦିଲ୍ଲୀ,୨୦/୦୮: ଆଫଗାନିସ୍ତାନରେ ତାଲିବାନୀଙ୍କ ଆତଙ୍କର ଗୋଟିଏ ପରେ ଗୋଟିଏ ଭିଡ଼ିଓ ସାମ୍ନାକୁ ଆସିବାରେ ଲାଗିଛି । ଏବେ ୪୩ ସେକେଣ୍ଡର ଏକ ଭିଡ଼ିଓ ସୋସିଆଲ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି । କାବୁଲ ବିମାନବନ୍ଦରର ଏହି ଭିଡ଼ିଓରେ ହିଂସା ଓ ଆତଙ୍କର ସବୁ ସୀମା ଟପିଯାଇଛନ୍ତି ତାଲିବାନ । ଗୋଟିଏ ପଟେ ତାଲିବାନୀ ସୈନିକଙ୍କ ଅନ୍ଧାଧୁନ୍ ଗୁଳିମାଡ଼ ଅନ୍ୟ ପଟେ ଜୀବନ ବଂଚାଇବାକୁ ଆଫଗାନିସ୍ତାନ ବାସୀନ୍ଦାଙ୍କ ପ୍ରୟାସ । ଭିଡ଼ିଓରେ ପୁରୁଷ ମହିଳା ଓ ଶିଶୁ ମଧ୍ୟ ରହିଛନ୍ତି । ଅଗଷ୍ଟ ୧୫ରେ ଆଫଗାନିସ୍ତାନର ରାଜଧାନୀ କାବୁଲକୁ ଅକ୍ତିଆର କରିବା ପରେ ସରକାର ଗଢିବା ପାଇଁ ପ୍ରୟାସ ଚଳାଇଚନ୍ତି ତାଲିବାନୀ । ପୂର୍ବତନ ରାଷ୍ଟ୍ରପତି ହମିଦ କରଜାଇଙ୍କ ସହ ମିଳିତ ସରକାର ଗଠନ ପାଇଁ ପ୍ରୟାସ ଆରମ୍ଭ ହୋଇଛି । ହେଲେ ଏପଟେ ତାଲିବାନୀଙ୍କ ଆତଙ୍କ ଜାରି ରହିଛି ।

## ୨୩ରୁ ଖୋଲିବ ଆଖଣ୍ଡଳମଣି ମନ୍ଦିର

ଭଦ୍ରକ,୨୦/୦୮ (ନି.ପ୍ର): କରୋନା କୋପ କମିବା ହେତୁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଧର୍ମାନୁଷ୍ଠାନ ଖୋଲି ସାରିଲାଣି। ଏହିକ୍ରମରେ ଆସନ୍ତା ୨୩ ତାରିଖରୁ ବାବା ଆଖଣ୍ଡଳମଣିଙ୍କ ମନ୍ଦିର ଖୋଲିବାକୁ ନିଷ୍ପତ୍ତି ନେଇଛି ଭଦ୍ରକ ଜିଲ୍ଲା ପ୍ରଶାସନ। ଏଥିସହ ଜିଲ୍ଲାର ଅନ୍ୟ ସମସ୍ତ ଧାର୍ମିକ ଅନୁଷ୍ଠାନଗୁଡିକୁ ବି ଭକ୍ତଙ୍କ ପାଇଁ ଖୋଲାଯିବାକୁ ନିଷ୍ପତ୍ତି ହୋଇଛି। ପ୍ରତ୍ୟେକ ଦିନ ସକାଳ ୬ଟାରୁ ରାତି ୮ଟା ପର୍ଯ୍ୟନ୍ତ ମନ୍ଦିରଗୁଡିକ ଭକ୍ତମାନଙ୍କ ପାଇଁ ଖୋଲା ରହିବ। ସମସ୍ତ ଧାର୍ମିକ ଅନୁଷ୍ଠାନଗୁଡିକରେ କୋଭିଡ କଟକଣା ବଳବତ୍ତର ରହିବ।

# ମହିଳାଙ୍କ ସ୍ୱାଧିନତା କଥା କହୁଥିବା ତାଲିବାନୀ, ସାମ୍ବାଦିକାଙ୍କୁ ପୂରାଇ ଦେଲେନି ଷ୍ଟୁଡିଓକୁ

## ଭିଡିଓ କରି ଜୀବନ ପ୍ରତି ବିପଦ ଥିବା କହିଲେ ଶବନମ ଡାବରନ



ନୂଆଦିଲ୍ଲୀ,୨୦/୦୮: ଆଫଗାନିସ୍ତାନରେ ତାଲିବାନଙ୍କ କବଜା ପରେ ଗୋଟିଏ ପରେ ଗୋଟିଏ ହୃଦୟ ବିଦାରକ ଚିତ୍ର ସାମ୍ନାକୁ ଆସୁଛି । ଜୀବନ ବଂଚାଇବା ପାଇଁ କାବୁଲ ବିମାନ ବନ୍ଦରରେ ଲୋକଙ୍କ ଭିଡ ଜମୁଛି । ଏହାରି ଭିତରେ ଆଫଗାନି ମହିଳା ନ୍ୟୁଜ ଆଙ୍କର ଶବନମ ଡାବରନ ସୋସିଆଲ ମିଡିଆରେ ମାଗିଛନ୍ତି ସହଯୋଗ । ହିଜାବ ପିନ୍ଧିବା ସହ ନିଜ ଅଫିସ କାର୍ଡ ଦେଖାଇ ଭିଡିଓରେ ନିଜ ଜୀବନ ପ୍ରତି ବିପଦ ଥିବା ସେ କହିଛନ୍ତି । ଯେଉଁଠି ତାଲିବାନଙ୍କ ପକ୍ଷରୁ କୁହାଯାଇଥିଲା କି ଗଣମାଧ୍ୟମ ପ୍ରତିନିଧିଙ୍କର କୌଣସି ଅସୁବିଧା ହେବ ନାହିଁ । ହେଲେ ସେଠି ମହିଳା ନ୍ୟୁଜ ଆଙ୍କର ଭିଡିଓ ସେୟାର କରି ସହଯୋଗ ମାଗିଛନ୍ତି । ଭିଡିଓରେ ସେ କହିଛନ୍ତି ତାଙ୍କ ଜୀବନ ପ୍ରତି ବିପଦ ଅଛି, ସାହାଯ୍ୟ ପାଇଁ ନିବେଦନ କରିଛନ୍ତି । ବ୍ୟବସ୍ଥା ବଦଳିବା ପରେ ସେ ପଛଘୁଂଚା ନଦେଇ ତାଙ୍କୁ ନେଇ ଚଳିବାକୁ ଚେଷ୍ଟା କରିଥିଲେ । ହେଲେ ଦୁର୍ଭାଗ୍ୟର କଥା ଅଫିସ କାର୍ଡ ଦେଖାଇବା ପରେ ମଧ ତାଙ୍କୁ କାର୍ଯ୍ୟରେ ଯୋଗ ଦେବାକୁ ଅନୁମତି ମିଳିନଥିଲା । କାହିଁକି ନା ତାଙ୍କୁ ତାଲିବାନ ପକ୍ଷରୁ ନ୍ୟୁଜ ପଢ଼ିବାକୁ ବାରଣ କରାଯାଇଛି । କେବଳ ପୁରୁଷ କର୍ମଚାରୀଙ୍କୁ କାର୍ଯ୍ୟରେ ଯୋଗ ଦେବା ପାଇଁ ନିୟମ ହୋଇଥିଲା ବୋଲି ଅଫିସ ପକ୍ଷରୁ କୁହଯାଇଥିଲା । ବ୍ୟବସ୍ଥାକୁ ବଦଳା ଯାଇଛି ବୋଲି ମଧ ଶବନମଙ୍କୁ କୁହଯାଇଥିଲା । ଯାହା ପରେ ସେ ଭିଡିଓ ପୋଷ୍ଟ କରି ନିଜ ଜୀବନ ପ୍ରତି ବିପଦ ଥିବା କହିଛନ୍ତି ।

# ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଆଦର୍ଶରେ ଅନୁପ୍ରାଣିତ ମୋଦି ସରକାର : ଧର୍ମେନ୍ଦ୍ର ପ୍ରଧାନ



ଆଠଗଡ଼,୨୦/୦୮ (ନି.ପ୍ର): ଶହେ ବର୍ଷ ପୂର୍ବ ପୁରୀର ସତ୍ୟବାଦୀ ଠାରେ ବକୁଳ ବନ ବିଦ୍ୟାଳୟ ପ୍ରତିଷ୍ଠା କରି ଛାତ୍ରଛାତ୍ରୀ ମାନଙ୍କୁ ମୌଳିକ ଭାଷାରେ ଶିକ୍ଷା ସହ ଧନ୍ଦାମୂଳକ ଶିକ୍ଷା ପ୍ରଦାନ କରିବାର ଯେଉଁ ନୀତି ପଣ୍ଡିତ ଗୋପବନ୍ଧୁ ଦାସ ଆପଣାଇଥିଲେ ସେହି ନୀତିକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାତୀୟ ଶିକ୍ଷା ନୀତିରେ ପ୍ରଣୟନ କରିଛନ୍ତି ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସେହିରି ଗୋପବନ୍ଧୁଙ୍କ 'ନର ସେବା ହିଁ ନାରାୟଣ ସେବା' ଆଦର୍ଶରେ ଅନୁାଣିତ ହୋଇ ମୋଦି ସରକାର ସ୍ଲୋଗାନରେ ନୁହେଁ ଦାୟିତ୍ୱକୁ ପୂରା କରିବାରେ ବିଶ୍ୱାସ କରନ୍ତି ବୋଲି ସେ କହିଛନ୍ତି । କଟକ ଆଠଗଡ଼ ସ୍ଥିତ ଗୋପବନ୍ଧୁ ଆୟୁର୍ବିଜ୍ଞାନ ଏବଂ ଗବେଷଣା ପ୍ରତିଷ୍ଠାନ(ଜିମସାର)ରେ ଏମଆରଆଇ ଏବଂ ସିଟି ସ୍କାନ ସୁବିଧାର ଲୋକାର୍ପଣ ଅବସରରେ ଶ୍ରୀ ପ୍ରଧାନ ଏହା କହିଛନ୍ତି । ସେ କହିଛନ୍ତି ଯେ ଆଠଗଡ଼ ଉପଖଣ୍ଡର ମାଧପୁର ଠାରେ ଥିବା ଏହି ଜିମସାରରେ ଏମଆରଆଇ ଏବଂ ସିଟି ସ୍କାନ ଉପଲବ୍ଧି ନେଇ ସ୍ଥାନୀୟ ଲୋକମାନଙ୍କର ଦୀର୍ଘ ଦିନର ଦାବୀ ରହିଥିଲା । ଏହା ପରେ ବିସିଏଲ ସାମାଜିକ ଉତରଦାୟିତ୍ୱ ଅଧୀନରେ ୬.୬୦ କୋଟି ଟଙ୍କା ବ୍ୟୟରେ ଏଠାରେ ଏମଆରଆଇ ଏବଂ ▶▶ପୃଷ୍ଠା ୭

# ଆଜି ପୁଣି ୧୨୮ ପିଲାଙ୍କୁ କରୋନା : ୨୪ ଘଂଟା ଭିତରେ ୯୮୬ ପଜିଟିଭ ଚିହ୍ନଟ

ଭୁବନେଶ୍ୱର,୨୦/୦୮(ନି.ପ୍ର): ଆଜି ପୁଣି ୧୨୮ ପିଲାଙ୍କୁ କରୋନା । ୨୪ ଘଂଟା ଭିତରେ ୯୮୬ ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୫୭୪ ଜଣ ସଂଗରୋଧରୁ ଚିହ୍ନଟ ହୋଇଥିବା ବେଳେ ୪୧୨ ଜଣ ସ୍ଥାନୀୟ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ସର୍ବାଧିକ ୩୭୩, ଅନୁଗୁଳରୁ ୨୪ ଜଣ, ବାଲେଶ୍ୱରରୁ ୨୫ ଜଣ, ବରଗଡ଼ରୁ ୧ ଜଣ, ଭଦ୍ରକରୁ ୧୪ ଜଣ, ବଲାଙ୍ଗୀରରୁ ୧୭ ଜଣ, କଟକରୁ ୧୩୯ ଜଣ, ଦେବଗଡ଼ରୁ ୯ ଜଣ, ଢେଙ୍କାନାଳରୁ ୧୫ ଜଣ, ଗଜପତିରୁ ୧ ଜଣ, ଗଞ୍ଜାମରୁ ୮ ଜଣ, ଜଗତସିଂହପୁରରୁ ୪୫ ଜଣ, ଯାଜପୁରରୁ ୪୯ ଜଣ, କଳାହାଣ୍ଡିରୁ ୬ ଜଣ, କନ୍ଧମାଳରୁ ୧୨ ଜଣ, କେନ୍ଦ୍ରାପଡ଼ାରୁ ୨୩ ଜଣ, କେଉଁଝରରୁ ୧୩ ଜଣ, ମାଲକାନଗିରିରୁ ୧ ଜଣ, ମୟୁରଭଞ୍ଜରୁ ୩୨ ଜଣ, ନବରଙ୍ଗପୁରୁ ୬ ଜଣ, ନୟାଗଡ଼ରୁ ୨୦ ଜଣ, ପୁରୀରୁ ୩୨ ଜଣ, ରାୟଗଡ଼ାରୁ ୪ ଜଣ, ସମ୍ବଲପୁରରୁ ୧୫ ଜଣ, ସୋନପୁରରୁ ୧ ଜଣ, ସୁନ୍ଦରଗଡ଼ରୁ ୧୩ ଓ ଷ୍ଟେଟ ପୁଲରୁ ୮୫ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ୨୪ଘଂଟା ଭିତରେ ୭୦ ହଜାର ୭୯ଟି ନମୂନା ପରୀକ୍ଷା ହୋଇଥିବା ବେଳେ ପଜିଟିଭ ହାର ରହିଛି ୧ଦାମିକ ୪୦ ପ୍ରତିଶତ । ଆଜିର ଆକ୍ରାନ୍ତଙ୍କୁ ମିଶାଇ ରାଜ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୯ଲକ୍ଷ ୯୯ ହଜାର ୧୭୩ କୁ ବୃଦ୍ଧି ପାଇଛି ।

## ଅଗଷ୍ଟ ୨୭ରେ ସର୍ବଦଳୀୟ ବୈଠକ ଡାକିଲେ ବାଚସ୍ପତି



ଭୁବନେଶ୍ୱର,୨୦/୦୮ (ନି.ପ୍ର): ଆଗାମୀ ସେପଟ୍ଟେମ୍ବର ୧ରୁ ବିଧାନସଭା ଅଧିବେଶନ ଥିବାରୁ ଗୃହକୁ ସୁରୁଖୁରୁରେ ଚଳାଇବା ପାଇଁ ୨୭ ଅଗଷ୍ଟରେ ସର୍ବଦଳୀୟ ବୈଠକ ଡାକିଛନ୍ତି ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର । ମୌସୁମୀ ଅଧିବେଶନକୁ ସୁରୁଖୁରୁରେ ପରିଚାଳନା ପାଇଁ ବୈଠକ; କୋଭିଡ କଟକଣାରେ ଅଧିବେଶନ ଚାଲିବା ନେଇ ଏହି ବୈଠକରେ ଆଲୋଚନା ହେବ ବୋଲି ଜଣା ପଡିଛି ।

# ବାଣପୁର ଗ୍ୟାସ ସିଲିଣ୍ଡର ବିସ୍ଫୋରଣ

## ମୃତକଙ୍କ ପାଇଁ ୨ ଲକ୍ଷ ଟଙ୍କା ଘୋଷଣା କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨୦/୦୮ (ନି.ପ୍ର): ବାଣପୁରର ଗମ୍ଭାରୀ ମୁଣ୍ଡା ଗାଁରେ ଗ୍ୟାସ ସିଲିଣ୍ଡର ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ଖବର ପାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏହାସହ ମୁଖ୍ୟମନ୍ତ୍ରୀ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇବା ସହ ମୃତକଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ୨ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଏତଦବ୍ୟତୀତ ଏହି ଦୁର୍ଘଟଣାରେ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଥିବା ଅନ୍ୟ ବ୍ୟକ୍ତିମାନଙ୍କୁ ଉତ୍ତମ ଚିକିତ୍ସା ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବା ସହ ସେମାନଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି। ସୂଚନାଯୋଗ୍ୟ, ଗୁରୁବାର ଖୋର୍ଦ୍ଧା ଜିଲ୍ଲା ବାଣପୁର ଥାନା ଅନ୍ତର୍ଗତ ଗମ୍ଭାରୀମୁଣ୍ଡାରେ ରୋଷେଇ ଗ୍ୟାସ ଟାଙ୍କି ଫାଟିଯିବାରୁ ୭ ଜଣ ପୋଡ଼ି ଯାଇଥିଲେ। ସେମାନଙ୍କ ଅବସ୍ଥା ଗୁରୁତର ରହିଛି। ଗାଁର ରବୀନ୍ଦ୍ର ପ୍ରଧାନଙ୍କ ଘରେ ରୋଷେଇ ଚାଲିଥିବା ବେଳେ ଗ୍ୟାସ୍ ଟାଙ୍କିରେ ନିଆଁ ଲାଗି ଯାଇଥିଲା। ଏହା ପରେ ପାଖ ପଡ଼ୋଶୀରୁ ୬ ଜଣ ନିଆଁ ଲିଭାଇବାକୁ ଆସିଥିଲେ। ସେମାନେ ନିଆଁ ଲିଭାଇବାକୁ ପ୍ରୟାସ କଲା ବେଳେ ଗ୍ୟାସ୍ ଟାଙ୍କିଟି ଫାଟି ଯାଇଥିଲା। ଫଳରେ ସେଠାରେ ଉପସ୍ଥିତ ୭ ଜଣ ପୋଡ଼ି ଯାଇଥିଲେ।

# ଆରମ୍ଭ ହେଲା ସ୍ମାର୍ଟ ହେଲଥ କାର୍ଡ ଯୋଜନା, ୯୬ ଲକ୍ଷ ପରିବାରକୁ ମାଗଣାରେ ମିଳିବ ସ୍ୱାସ୍ଥ୍ୟ ସେବା

ଭୁବନେଶ୍ୱର,୨୦/୦୮(ନି.ପ୍ର): ମାଲକାନଗିରିରୁ ଆରମ୍ଭ ହୋଇଛି ସ୍ମାର୍ଟ ହେଲଥ କାର୍ଡ ବଣ୍ଟନ ପ୍ରକ୍ରିୟା । ଏହା ଜରିଆରେ ପଞ୍ଚାୟତ ଦଖଲ ପାଇଁ ବିଜେଡି ରଣନୀତି କରୁଥିବା ଚର୍ଚ୍ଚା ହେଉଛି । ମୁଖ୍ୟମନ୍ତ୍ରୀ ପ୍ରଥମ ପର୍ଯ୍ୟାୟରେ କାର୍ଡ ବାଣ୍ଟିଥିବା ବେଳେ ଏବେ ବ୍ଲକ ଓ ପଞ୍ଚାୟତ ସ୍ତରକୁ ଯିବେ ବିଧାୟକ ଓ ନେତା ମନ୍ତ୍ରୀ । ୯୬ଲକ୍ଷ ପରିବାରକୁ ଏକକାଳୀନ ଯୋଜନା ଜରିଆରେ ପହଞ୍ଚି ତୃଣମୂଳ ସ୍ତରରେ ନିଜ ଭୋଟ ବ୍ୟାଙ୍କକୁ ସୁଦୃଢ କରିବାକୁ ଦଳ ଲକ୍ଷ୍ୟ ରଖିଛି । ସେହିଭଳି ସ୍ମାର୍ଟ ସ୍କୁଲ କାର୍ଯ୍ୟକ୍ରମକୁ ଏଜେଣ୍ଡାରେ ସାମିଲ କରିଛି ଶାସକ ବିଜେଡି । ଫୋକସରେ ପଞ୍ଚାୟତ ନିର୍ବାଚନ । ମାଲକାନଗିରିରୁ ଆରମ୍ଭ ହେଲା ସ୍ମାର୍ଟ କାର୍ଡ ବଣ୍ଟନ । ୬ ମାସ ପରେ ହେବାକୁ ଯାଉଥିବା ପଞ୍ଚାୟତ ନିର୍ବାଚନ ପାଇଁ ଏବେଠାରୁ ପାଗ ଭିଡିଛି ବିଜେଡି । ମାଲକାନଗିରିରୁ ମୁଖ୍ୟମନ୍ତ୍ରୀ ଆରମ୍ଭ କରିଥିବା ସ୍ମାର୍ଟ କାର୍ଡ ବଣ୍ଟନ ପ୍ରକ୍ରିୟା ଏବେ ବ୍ଲକ ଆଉ ପଞ୍ଚାୟତ ସ୍ତରରେ ଜାରି ରଖିବେ ମନ୍ତ୍ରୀ ଓ ବିଧାୟକ । ଏଥିପାଇଁ ଦାୟିତ୍ୱ ବଣ୍ଟାସରିଛି । ଗାଁ ଗାଁରେ ସ୍ମାର୍ଟ କାର୍ଡ ଜରିଆରେ ପହଞ୍ଚିବାକୁ ହୋଇଛି ରଣନୀତି । ମୁଖ୍ୟମନ୍ତ୍ରୀ କହିଛନ୍ତି, ଚିକିତ୍ସା ପାଇଁ କାହାର ଯେମିତି ଅସୁବିଧା ନହୁଏ ତାକୁ ଦୃଷ୍ଟିରେ ରଖି ଯୋଜନା ଆରମ୍ଭ କରାଯାଇଛି । ଯୋଜନାରେ ୯୬ ଲକ୍ଷ ପରିବାକୁ କାର୍ଡ ବଣ୍ଟାଯିବ, ସାଢେ ୩ କୋଟି ଲୋକ ଉପକୃତ ହେବେ, ହସ୍ପିଟାଲରେ କାହାକୁ କୌଣସି କାଗଜପତ୍ର ଦେବାକୁ ପଡିବ ନାହିଁ । ସ୍ମାର୍ଟ ହେଲଥ କାର୍ଡ ପାଖରେ ଥିଲେ, ମିଳିବ ଚିକିତ୍ସା ସୁବିଧା, ଦେଶର ୨୦୦ ବଡ ବଡ ହସ୍ପିଟାଲରେ ହିତାଧିକାରୀ ଚିକିତ୍ସିତ ହୋଇପାରିବେ, ପରିବାର ପାଇଁ ୫ ଲକ୍ଷ, ମହିଳାଙ୍କ ପାଇଁ ୧୦ ଲକ୍ଷର ବ୍ୟବସ୍ଥା ରହିଛି, ଏଭଳି ସୁବିଧା ଦେବାରେ ଦେଶରେ ରାଜ୍ୟ ପ୍ରଥମ ଏବଂ ଏହାକୁ ଐତିହାସିକ ନିଷ୍ପତି କହି ଲୋକଙ୍କ ବିଶ୍ୱାସ ଜିଣିବାକୁ ଉଦ୍ୟମ କରିଛି ଶାସକ ଦଳ । ବଡ କଥା ହେଉଛି, ସ୍ମାର୍ଟ କାର୍ଡ ବଣ୍ଟନ ପ୍ରକ୍ରିୟା କେବଳ ▶▶ପୃଷ୍ଠା ୭

# ଚାଉଳ ଦାମ ୩୫ ଟଙ୍କାକୁ ଗାଡି ଖର୍ଚ୍ଚ ୧୫୦ଟଙ୍କା

ମାଲକାନଗିରି,୨୦/୮ (ନି.ପ୍ର): ପଂଚାୟତରେ ବିଭିନ୍ନ ଯୋଜନାରେ ମିଳୁଥିବା ଚାଉଳ ଆଣିବା ପାଇଁ ଲୋକଙ୍କୁ ଚାଲିବାକୁ ପଡୁଛି ଦୀର୍ଘ ୧୮ କିଲୋମିଟର । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ଧୂଳିପୁଟ ପଂଚାୟତ ରେ । ଅଂଚଳର ଲୋକଙ୍କ ସୁବିଧା ନିମନ୍ତେ ରାସ୍ତା ଘାଟ ଠାରୁ ଆରମ୍ଭ କରି ବିଭିନ୍ନ ସରକାରୀ ଯୋଜନା ଲୋକଙ୍କ ନିକଟରେ ପହଂଚାଇବା ପାଇଁ ଖର୍ଚ୍ଚ କରାଯାଉଛି କୋଟି କୋଟି ଟଙ୍କା । ଗାଁ କୁ ରାସ୍ତା ଥାଇ ଆଜି ବି ଲୋକଙ୍କୁ ରାସନ ଚାଉଳ ପାଇଁ ଚାଲିବାକୁ ପଡୁଛି ୧୮ କିଲୋମିଟର। ୧ ଟଙ୍କାର ଚାଉଳ ପାଇବା ପାଇଁ ଲୋକଙ୍କୁ କେଜି ପ୍ରତି ୫ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି ବୋଲି ଅଭିଯୋଗ କରିଛନ୍ତି ରାସନ ପାଇଁ ଆସିଥିବା ଧୂଳିପୁଟ ପଂଚାୟତବାସୀ । ପଡ଼ୋଶୀ ଆନ୍ଧ୍ରର ସୀମାକୁ ଲାଗି ନୂତନ ଭାବେ ଗଠିତ ହୋଇଛି ଏହି ପଂଚାୟତ ଏହି ପଂଚାୟତରେ ସମୁଦାୟ ୨୫ ଖଣ୍ଡ ଛୋଟ ଓ ବଡ଼ ଗ୍ରାମ ରହିଛି । ୪ ହଜାରରୁ ଉର୍ଦ୍ଧ ଲୋକ ଏହି ଧୂଳିପୁଟ ପଂଚାୟତ ରେ ବସ ବାସକରନ୍ତି । ଧୂଳିପୁଟ ପଂଚାୟତକୁ ରାସ୍ତା ନିର୍ମାଣ ହୋଇଥିଲେ ବି ଲୋକଙ୍କୁ ଆଜି ବି ରାସନ ନିମନ୍ତେ ଦୀର୍ଘ କିଲୋମିଟର ଚାଲି ବଡ଼ପଡ଼ାର ହାଟଗୁଡ଼ାକୁ ଆସିବାକୁ ପଡିଥାଏ । ଆଜି ହାଟଗୁଡ଼ା ଠାରେ ରାସନ ଚାଉଳ ନେବାକୁ ଆସି ଅସନ୍ତୋଷ ପ୍ରକାଶ କରିଛନ୍ତି ଧୂଳିପୁଟ ପଂଚାୟତ ବାସୀ । ଧୂଳିପୁଟ ଠାରୁ ବଡ଼ପଡ଼ା ଦୀର୍ଘ ୧୮ କିଲୋମିଟର ଦୂର ହେଉଥିବାରୁ ଓ ୩୫ କେଜି ଚାଉଳ ପାଇଁ ୧୫୦ ଟଙ୍କା ଅଟୋ ଖର୍ଚ୍ଚ ଦେବାକୁ ପଡିଥାଏ । ଏହି ଡରରେ ଅଧିକାଂଶ ବୁଢ଼ା ବୁଢ଼ୀ ଲୋକେ ମଧ ଚାଉଳ ନେଉନଥିବା ଅଭିଯୋଗ କରିଛନ୍ତି ଧୂଳିପୁଟ ପଂଚାୟତ ବାସୀ । ସରକାରଙ୍କ ନିୟମ ଅନୁଯାଇ ପ୍ରତ୍ୟେକ ପଂଚାୟତ ସଦର ମହକୁମାରେ ରାସନ ଚାଉଳ ମିଳିବା କଥା କିନ୍ତୁ କେଉଁ କାରଣ ପାଇଁ ଧୂଳିପୁଟ ପଂଚାୟତରେ ରାସନ ଚାଉଳ ନ ଦିଆ ଯାଇ ବଡ଼ପଡା ର ହାଟଗୁଡା ଠାରେ ଦିଆଯାଉଛି ତାହା ତଦନ୍ତ ସାପେକ୍ଷ । ଧୂଳିପୁ ଟ ପଂଚାୟତ ର ଯୋଗାଣ ସହାୟକ ଙ୍କ କହିବା ଅନୁଯାୟୀ ବର୍ଷା ଯୋଗୁଁ ଧୂଳିପୁଟ ପଂଚାୟତ ର ରାସ୍ତାରେ ନୂଆ କରି ମାଟି ପଡ଼ିଥିବାରୁ କାଦୁଅ ହୋଇ ଗାଡି ଯାଇ ପାରୁନାହିଁ । କୌଣସି ଗାଡ଼ିବାଲା ଚାଉଳ ନେବା ପାଇଁ ରାଜି ହେଉନାହାନ୍ତି । ଅଧିକ ଭଡ଼ା ଦାବି କରୁଛନ୍ତି ଗାଡ଼ିବାଲା । ଗାଡ଼ି ଭଡ଼ା ଅଧିକ ପଡୁଥିବାରୁ ସେଠାରେ ଦେବା ସମ୍ଭବ ହେଉନାହିଁ ବୋଲି କହିଛନ୍ତି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବା ପାଇଁ ଅଂଚଳ ବାସୀ ଦାବୀ କରିଛନ୍ତି !

# ଦୁଇଟି ସାପ କାମୁଡା ଘଟଣାରେ ଜଣେ ୬ ବର୍ଷର ନାବାଳିକା ମୃତ ଆଉ ଜଣେ ଗୁରୁତର

କନ୍ଧମାଳ,୨୦/୮ (ନି.ପ୍ର): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଡିମିରିଗୁଡା ପଂଚାୟତ ଗୁଦାଦଣି ଗାଁରେ ଗୁରୁବାର ଭୋର ସମୟରେ ଏକ ଅଭାବନୀୟ ଘଟଣା ଘଟିଛି । ଭୋର ସକାଳୁ ନିଜ ଘରେ ନିଜମା ସହ ଶୋଇଥିବା ଅବସ୍ଥାରେ ଜଣେ ୬ ବର୍ଷର ନାବାଳିକାକୁ କୌଣଷି ଏକ ବିଷାକ୍ତ ସାପ କାମୁଡି ଦେବାରୁ ତାର ମୃତ୍ୟୁ ହୋଇଛି । ତେବେ ଗୁଦାଦଣି ଗାଁ ର ଶିବ କହଁର ଙ୍କ ୬ ବର୍ଷର ଝିଅ ମାମିତା କହଁର ନିଜ ମା ସାଙ୍ଗରେ ଶୋଇଥିବା ସମୟରେ ଏକ ବିଶାକ୍ତ ସାପ କାମୁଡି ଦେଇଥିଲା। ଭୋର ୪ ଟା ସମୟରେ ପରିବାର ଲୋକେ ଗ୍ରାମବାସୀଙ୍କ ସହେଯାଗରେ ପ୍ରଥମେ ନୁଆଁପଦର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ନେଉଥିବା ବେଳେ ସେଠାରେ ସେଠାରେ ଡାକ୍ତର ନଥିବାରୁ କାର୍ଯ୍ୟରତ ମ୍ୟାଲେରିଆ ସୁପରଭାଇଜର ସମ୍ପୃକ୍ତ ନାବାଳିକାକୁ ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଯିବା ପାଇଁ ପରାମର୍ଶ ଦେଇଥିଲେ । ପରେ ପରିବାର ଲୋକେ ନବାଳିକାକୁ ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ । ଫିରିଙ୍ଗିଆ ଡାକ୍ତର ଖାନାରେ ଡାକ୍ତର ଅନୁରାଗ କୋଟା ତାକୁ ମୃତ ଘୋଷଣା କରିଥିଲେ । ଖବର ପାଇ ଡାକ୍ତରଖାନାରେ ଫିରିଙ୍ଗିଆ ପୋଲିସ ପହଂଚି ଶବ ଜବତ କରିବା ସହଏକ ଅପମୃତ୍ୟୁ ମାମଲା ୧୧/୨୦୨୧ ରେ ରୁଜୁ କରି ଶବକୁ ବ୍ୟବଛେଦ ପାଇଁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇ ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ପି .ଶ୍ୟାମ ସୁନ୍ଦର ରାଓ ସୂଚନା ଦେଇଛନ୍ତି । ସେହିପରି ଆଉ ଏକ ଘଟଣାରେ ଗୁରୁବାର ସକାଳୁ ଫିରିଙ୍ଗିଆ ନେଡିପଦର ଠାରେ ଥିବା ଅନୁସୂଚିତ ଜାତି ଓ ଜନଜାତି ବିଭାଗ ବାଳିକା ବିଦ୍ୟାଳୟର ଛାତ୍ରିନିବାସରେ ରହିଥିବା ଜଣେ ଦଶମ ଶ୍ରେଣୀର ଛାତ୍ରୀକୁ ଏକ ବିଷାକ୍ତ ସାପ କାମୁଡିବାରୁ ସ୍କୁଲ କର୍ତ୍ତୃପକ୍ଷ ଫିରିଙ୍ଗିଆ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ପାଇଁ ଭର୍ତ୍ତି କରିଥିଲେ । ଛାତ୍ରିଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ଛାତ୍ରି ଜଣକ ଫିରିଙ୍ଗିଆ ବ୍ଲକ ସାଡିଙ୍ଗିଆ ଗାଁର ବୋଲି ଜଣାପଡିଥିବା ବେଳେ ବର୍ତ୍ତମାନ ଫୁଲବାଣୀ ଡାକ୍ତର ଖାନାରେ ଚିକିତ୍ସା ପରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ଥିବା ନେଇ ନେଡିପଦର ଆଶ୍ରମର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ପାଢୀ ସୂଚନା ଦେଇଛନ୍ତି ।

# ପଂଚାୟତ ନିର୍ବାଚନକୁ ଟାର୍ଗେଟ କରି ମୁଖ୍ୟମନ୍ତ୍ରୀଙ୍କ ସ୍ମାର୍ଟ ସ୍ୱାସ୍ଥ୍ୟ କାର୍ଡ ବଂଟନ ଅଭିଯୋଗ କଲା ବିଜେପି

ମାଲକାନଗିରି, ୧ ୯ ଅଗଷ୍ଟ (ହି. ସ.)-ଆସନ୍ତା କାଲି ମାଲକାନଗିରି ଜିଲ୍ଲାରେ ବିଜୁ ସ୍ୱାସ୍ଥ୍ୟ କାର୍ଡ ବଂଟନର ଶୁଭା ରମ୍ଭ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଙ୍କ ସହ ଦଳର ଅନ୍ୟ ମନ୍ତ୍ରୀ ମାନେ ଯୋଗଦେବା କାର୍ଯ୍ୟକ୍ରମ ରହିଅଛି । ଯାହାକୁ ନେଇ ଆଜି ଜିଲ୍ଲା ବିଜେପି ଗଣମାଧମ ସାମ୍ନାରେ ଅନେକ କିଛି ପ୍ରଶ୍ନ ରଖିଛି । ପୂର୍ବରୁ କେନ୍ଦ୍ର ସରକାରଙ୍କ ବିଭିନ୍ନ ସ୍ୱାସ୍ଥ୍ୟ ଯୋଜନା ଥିବା ବେଳେ ମଧ କାହିଁକି ଆଜି ଯାଏ ରାଜ୍ୟରେ ତାହା ଲାଗୁ କରାଯାଇନାହିଁ । ଆଗରୁ ରାଜ୍ୟ ସରକାରଙ୍କ ବିଜୁସ୍ୱାସ୍ଥ୍ୟ ଯୋଜନା ଥିବା ବେଳେ ମଧ କେବଳ ଖାଲି ସେହି ଯୋଜନା କୁ ସ୍ମାର୍ଟକାର୍ଡରେ ପରିବର୍ତ୍ତନ କରି ଆଗକୁ ଥିବା ପଂଚାୟତ ନିର୍ବାଚନରେ ଭୋଟ ହାତେଇବାକୁ ଯୋଜନା ରଖିଛି କି ବୋଲି ପ୍ରଶ୍ନ କରିଛି ବେଜେପି !ଜିଲ୍ଲାରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଖାଲି ବଡ ରୁ ବଡ଼ ଅଟାଳିକା ଛଡା ନା ଅଛନ୍ତି ଡାକ୍ତର ନା ଅଛନ୍ତି ଆଶାନୁରୂପକ ସ୍ୱାସ୍ଥ୍ୟ କର୍ମୀ । ଏହା ଛଡା ଶିକ୍ଷା ବ୍ୟବସ୍ଥାର କଥାନ କହିଲେ ଭଲ । ଜିଲ୍ଲା ଅନେକ ଶିକ୍ଷକଙ୍କ ପଦବୀ ଖାଲି ପଡ଼ିଥିବା ବେଳେ ସେ ସବୁ ପ୍ରତୀ ସରକାରଙ୍କ ନିଘା ନାହିଁ । ସେହିପରି ଗମନା ଗମନ, ଶିକ୍ଷାନୁଷ୍ଠାନ, ଏମିତି ଅନେକ କିଛି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ପଶ୍ନ କରିଛନ୍ତି ମାଲକାନଗିରି ବିଧାୟକ ଆଦିତ୍ୟ ମାଢ଼ି । ଏହା ସହ ମୁଖ୍ୟମନ୍ତ୍ରୀ ଆସନ୍ତା କାଲି ଭୁବନେଶ୍ୱର ଛାଡିବା ପୂର୍ବରୁ ଏହି ସମସ୍ତ ସମସ୍ୟାର ସମାଧାନ କରିବା ଦିଗରେ ନିଷ୍ପତି ନେଇ ଆସନ୍ତୁ ବୋଲି ଦାବି କରିଛି ଜିଲ୍ଲା ବିଜେପି । ଏହା ସହ ଆସନ୍ତା କାଲି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପ୍ରଥମ ଥର ପାଇଁ କୋରାପୁଟ ଗ୍ରସ୍ତରେ ଆସି ଲୋକଙ୍କ ବିଭିନ୍ନ ସମସ୍ୟା ଉପରେ ଚର୍ଚ୍ଚା କରିବା ସହ ମାଲକାନଗିରିକୁ ରେଳ ଚଳାଚଳ ପାଇଁ କିଭଳି ଭିତ୍ତି ଭୂମି କାର୍ଯ୍ୟ କରିହେବ ସେ ନେଇ ଆଲୋଚନା କରିବା ସୂଚନା ଦେଇଛନ୍ତିବିଧାୟକ ଶ୍ରୀ ମାଢ଼ି । ଏହା ସହ ଏହି ସଭାରେ ଜିଲ୍ଲା ପରିଷଦ ଅଧକ୍ଷ ଦଶରଥ ପଡ଼ିଆମି,ଜିଲ୍ଲା ପ୍ରଭାରୀ କାଳିରା ମ ମାଝୀ, ଯୁବମୋର୍ଚ୍ଚା ପ୍ରଭାରୀ ଉମେଶ ଖୋସଲାଙ୍କ ସହ ଅନେକ ବିଜେପି ସଦସ୍ୟ ଯୋଗଦେଇଥିଲେ ।

## ଯୁବତୀକୁ ଅପହରଣ: ଯୁବକ ଗିରଫ

ଜୟପୁର ,୨୦/୮ (ନି.ପ୍ର): ଯୁବତିକୁ ଅପହରଣ ମାମଲାରେ ଜୟପୁର ସଦର ପୋଲିସ ଯୁବକଙ୍କୁ ଗିରଫ କରିଛି । ପୋଲିସ ସୁତ୍ର ରୁ ପ୍ରକାଶ ଯେ ଜୟପୁର ସଦର ଥାନା ଅନ୍ତର୍ଗତ ମକାପୁଟ ର ଜଣେ ଯୁବତି (୨୦)କୁ ଗତ ୧୨ ତାରିଖରେ ଅପହରଣ କରି ନେଇଥିବା ନେଇ ସଦର ଥାନ ରେ ଯୁବତି ର ପରିବାର ତରଫରୁ ଅଭିଯୋଗ କରାଯାଇଥିଲା । ଏନେଇ ପୋଲିସ ୧୯୦/୨୧ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ରେ ଜାଣି କେବିଡିର ଇସାକ ଖରା କେବିଡିରେ ଯୁବତିକୁ ରଖିଥିବା ଜାଣିବାକୁ ପାଇ ପୋଲିସ ଚଢାଉ କରି ଯୁବତିକୁ ଉଦ୍ଧାର କରି ଅଭିଯୁକ୍ତକୁ ଗିରଫ କରିଛି । ଏହି ମାମଲା ରେ ଜୟପୁର ସଦର ଥାନା ଅନ୍ତର୍ଗତ କେବିଡିର ଇସାକ ଖରା (୨୦)କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ଓ ଯୁବତିକ ଡାକ୍ତରି ମାଇନା କରି ଥିବା ବେଳେ ଅଭିଯୁକ୍ତ ଅପହରଣ ଓ ବଳାତ୍କାର ଅଭିଯୋଗରେ କୋର୍ଟ ଚାଲାଣ କରିଛି । ଓ ଯୁବତି କୁ ପିରିବାର ଲୋକଙ୍କ ହାତରେ ହସ୍ତାନ୍ତର କରିଛି ।

# ମାଟିଲଗ୍ନା ସମ୍ମାନରେ ସମ୍ମାନିତ ହେଲେ ଯୁବ କବି ବିଭୂତି ଭୂଷଣ ବିଶି

ନୂଆପଡ଼ା ,୨୦/୮ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ସରଧାପୁର ଗ୍ରାମ ପଂଚାୟତର ଢଙ୍କସର ଗ୍ରାମର ଯୁବ କବି ବିଭୂତି ଭୂଷଣ ବିଶିଙ୍କୁ ରାଜ୍ୟର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ମାଟିଲଗ୍ନା ସାହିତ୍ୟ ସଂସଦ ତରଫରୁ ଏହି ସମ୍ମାନରେ ସମ୍ମାନିତ କରାଯାଇଥିଲା । ବରଗଡ଼ର ମାତୃଛାୟା ତପୋବନ ଆଶ୍ରମରେ ଅନୁଷ୍ଠିତ ମାଁ ମାଟିଲଗ୍ନା ଙ୍କର ବିଗ୍ରହରେ ପ୍ରାଣ ପ୍ରତିଷ୍ଠା ଉତ୍ସବ ଅବସରରେ ଏହି ସମ୍ବର୍ଦ୍ଧନା ଦିଆଯାଇଛି । ଅନୁଷ୍ଠାନର ପ୍ରତିଷ୍ଠାତା ତଥା ରାଜ୍ୟ ସଭାପତି ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ଶ୍ରୀ କିଶୋର ଚନ୍ଦ୍ର ପ୍ରଧାନ, ମାଟିଲଗ୍ନା ମାଁ ନୂରାବତୀ ସାହୁ, ରାଜ୍ୟ ସଂଯୋଜକ ନିତ୍ୟାନନ୍ଦ ଖମାରୀ ଯୁବ କବି ବିଭୂତି ଭୂଷଣ ବିଶି ଙ୍କୁ 'ମାଟିଲଗ୍ନାଶ୍ରୀ' ସମ୍ମାନ ରେ ସମ୍ମାନିତ କରିଛନ୍ତି । ପ୍ରକାଶ ଥାଉ କି ଶ୍ରୀ ବିଭୂତି ଭୂଷଣ ବିଶି ମାଟିଲଗ୍ନା ସାହିତ୍ୟ ସଂସଦ ର ପଶ୍ଚିମ ଓଡିଶା ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଛନ୍ତି । ଏହି ସୁଅବସର ରେ ସର୍ବ ଭାରତୀୟ ମଂଚ ପରିଚାଳକ ରୁଦ୍ର ମାଧବ ବାରିକ, ମହିଳା ମଂଚ ପରରିଚାଳିକା ସୁଶ୍ରୀ ସାଗରୀକା ପଣ୍ଡା, ନୂଆପଡ଼ା ଜିଲ୍ଲା ସଭାପତି ଜୀତେନ୍ଦ୍ର ନାଥ ଗହିର, ପଶ୍ଚିମାଂଚଳ ପରିଚାଳକ ଗଣପତି ବାଗ, ନୂଆପଡ଼ା ଜିଲ୍ଲା ସଂପାଦକ ତିଳ ରାଉତ, ଭ୍ରମର ବର ବାଗ, ରାଜ୍ୟ ଅଭିଭାବକ ଚନ୍ଦ୍ର ଶେଖର ଶବର, ଦେବେନ୍ଦ୍ର ହଂସ, ରାଜ୍ୟ ମହିଳା ମଂଚ ସଦସ୍ୟା ସ୍ୱାତୀ ସୁମନ ଙ୍କ ସମେତ ରାଜ୍ୟର ଅନେକ ଭାଷାବିଦଙ୍କୁ ସମ୍ମାନିତ କରାଯାଇଥିଲା ।

## ବିଶ୍ୱ ଫଟୋଗ୍ରାଫି ଦିବସ ଉପଲକ୍ଷେ ବୃକ୍ଷରୋପଣ

ପୁରୀ,୨୦/୮ (ନି.ପ୍ର): ଅଗଷ୍ଟ ୧୯ ବିଶ୍ୱ ଫଟୋଗ୍ରାଫି ଦିବସ ଉପଲକ୍ଷେ ପୁରୀ ଜିଲ୍ଲା ଫଟୋଗ୍ରାଫି ଆସୋସିଏସନ ପକ୍ଷରୁ ବାଲୁଖଣ୍ଡ ଅଭୟାରଣ୍ୟରେ ବୃକ୍ଷରୋପଣ କରିଛନ୍ତି । ଫଟୋ ମଣିଷର ମନକୁ ଆନ୍ଦୋଳିତ ଓ ସିଧାସଳଖ ପ୍ରଭାବ ପକାଇଥାଏ । ସଂଘ ପକ୍ଷରୁ ବୃକ୍ଷରୋପଣ ପରେ ରାମଚଣ୍ଡୀ ବାଲିବସ୍ତି ଠାରେ ସ୍କୁଲ ଛାତ୍ରଛାତ୍ରୀମାନଙ୍କୁ ଖାତା କଲମ ବଂଟନ କରିଥିଲେ ।

# କୋରାଇ ବିଜେଡି କୃଷକ ସେଲର ନବକଳେବର

କୋରେଇ,୨୦/୮ (ନି.ପ୍ର): କୋରାଇ ବ୍ଲକ ବିଜେଡି କୃଷକ ସେଲର ନବକଳେବର କରାଯାଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ କୋରାଇ ବିଧାୟକ ଆଶୋକ କୁମାର ବଳଙ୍କ ଓ ଜିଲ୍ଲା କୃଷକ ସେଲର ଅନୁମୋଦନ କ୍ରମେ କୋରାଇ ବ୍ଲକର ୨୮ ପଂଚାୟତର ସଭାପତି ମନୋନୀତ କରାଯାଇଥିବା କୋରାଇ ବିଜେଡି ସେଲର ସଭାପତି ବଳରାମ ସାହୁ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି । ବିଭିନ୍ନ ପଂଚାୟତ ସଭାପତି ଯଥା ଅମୃତି-ରବିନ୍ଦ୍ର ସେନାପତି, ଅସନଝର- ତ୍ରିଲୋଚନ ବେହେରା, ବନ୍ଧାଲେ- ଗଙ୍ଗାଧର ପ୍ରତିହାରୀ, ବରୁଣ୍ଡାଇ- ଧ୍ରୁବ ଚରଣ ନାୟକ, ବଡବିରୁହାଁ- ପଦ୍ମନାଭ ଦାସ, ଧନେଶ୍ୱର- ସତ୍ୟଜିତ ପଟ୍ଟନାୟକ, ଗୋଳେଇପୁର- ପ୍ରଫୁଲ୍ଲ କୁମାର ନାୟକ, ଗୌରପୁର- ବୈରାଗୀ ବିଶ୍ୱାଳ, ଜହ୍ନା- କାର୍ତ୍ତିକ ଚନ୍ଦ୍ର ନାୟକ, ହଳଦୀ ଗଡିଆ- ନିକୁଂଜ ବିହାରୀ ସ୍ୱାଇଁ, କନ୍ତୋର- ନଗେନ କୁମାର ନାୟକ, କରଦା- ଅଭିନ ସାହୁ, ଖମଣ- ଦଶରଥ ସାହୁ, ମୂଳାପାଳ- ବାସୁଦେବ ପରିଡା, ମକୁନ୍ଦପୁର-ନୀଳମଣି ସାହୁ, ପାଣିକୋଇଲି- ନଟବର ସ୍ୱାଇଁ, ପଥରପଦା- ଜୟ ପ୍ରକାଶ ବେହେରା, ସାଦକପୁର- ରମାକାନ୍ତ ସାହୁ, ତାରାକୋଟ- ପିତବାସ ତରେଇ, ତାହାରପୁର- କାଳନ୍ଦୀ ଜେନା, ତଳଗଡ- ରାଜେନ୍ଦ୍ର କୁମାର ନାୟକ, ପଚ୍ଛିକୋଟ- ଅମୂଲ୍ୟ କୁମାର ଜେନା, ତୁଳତୀ- ସଦାନନ୍ଦ ଲେଙ୍କା, ରଣପୁର- ଯଦୁମଣୀ ଜେନା, ଅନ୍ଧାରୀ- ଅଜୟ କୁମାର ସ୍ୱାଇଁ, ତଣ୍ଡରା- ତ୍ରିଲୋଚନ ମଲିକ, ପାଟରଙ୍ଗା- ନିତ୍ୟାନନ୍ଦ ସାହୁ, କାଚରାସାହି-ଶିବ ଖିଲାର ପ୍ରମୁଖଙ୍କୁ ନିଯୁକ୍ତି ଦିଆଯାଇଅଛି ।

# ରାସ୍ତା ଓ ଗୃହ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ କାଯ୍ୟାଳୟରେ ବିକ୍ଷୋଭ

ଜୟପୁର ,୨୦/୮ (ନି.ପ୍ର): ପବ୍ଲିକ ରାଇଟ୍ସ ଆସୋସିଏସନ ତରଫରୁ ଜୟପୁର ସ୍ଥିତ ରାସ୍ତା ଓ ଗୃହ ବିଭାଗ ନିବାହୀ ଯନ୍ତ୍ରୀ ଙ୍କ କାଯ୍ୟାଳୟ ରେ ବିକ୍ଷୋଭ କରାଯାଇଛି । ପୁର୍ତ୍ତ ବିଭାଗର ନବାହୀ ଯନ୍ତ୍ରୀ ଭାସ୍କର ରାମନ୍ତରାୟଙ୍କୁ ଦାବୀ ପତ୍ର ପ୍ରଦାନ କରାଯାଇଛି । ଆସୋସିଏସନ ର ଅବିଭକ୍ତ କୋରାପୁଟ ଜିଲା ସଭାପତି ଦେବେନ୍ଦ୍ର ବାହିନିପିତଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଆସୋସିଏସନ ତରଫରୁ ଦାବି କରାଯାଇଛି ଯେ ଜୟପୁର ସହରର ମୁଖ୍ୟରାସ୍ତା ଟ୍ରାଫିକ ଛକ ଠାରୁ ରଜାନଅର ଛକ ପଯ୍ୟନ୍ତ ଦିନକୁ ଦିନ ଖରାପ ହେବାରେ ଲାଗିଛି । ତେଣୁ ମୁଖ୍ୟ ରାସ୍ତା ସହ ପୁର୍ତ୍ତ ବିଭାଗ ଅଧିନରେ ଥିବା ଜୟପୁର ସହରର ସମସ୍ତ ରାସ୍ତା ଗୁଡିକ ଯଥାଶୁଘ୍ର ନିର୍ମାଣ ଓ ମରାମତି କରିବା ପାଇଁ ପବ୍ଲିକ ରାଇଟ୍ସ ଆସୋସିଏସନ ତରଫରୁ ଦାବୀ କରାଯାଇଛି । ଦାବି ପତ୍ର ଗ୍ରହଣ କରି ନିବାହୀ ଯନ୍ତ୍ରୀ ଟେଣ୍ଡର ସରିଛି ତୁରନ୍ତ କାଯ୍ୟ ଆରମ୍ଭ କରାଯିବ ବୋଲି ବିକ୍ଷୋଭ କାରିଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ଯଦି ତୁରନ୍ତ ରାସ୍ତା ନିର୍ମାଣ ନହେଲେ ଆନ୍ଦଳନ ଜୋରସୋର ହେବ ବୋଲ ଆସୋସିସିଏସନ ତରଫରୁ ଚେତାବନି ଦେଇଥିଲେ । ଏହି ବିକ୍ଷୋଭରେ ମିନକେତନ ପରିଛା, କାହ୍ନୁ ଚରଣ ମହାନ୍ତି, ସାହେବ ମହାରଣା, ନରସିଂହ ନାୟକ, ରାଜେନ୍ଦ୍ର ପାତ୍ର, କନ୍ଦର୍ପ ପାଣିଗ୍ରାହୀ, ଶ୍ୟାମ ବେହେରା, ଆନୀଲ ମିଶ୍ର, ଗୌର ଦାସ, ଲକ୍ଷ୍ମୀ ନାରାୟଣ ପାଢୀ, ସୁଧିର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ସୁନ୍ଦୁରିଆ ଠେଙ୍ଗିଆ ବଟ ମନ୍ଦିରରୁ ରୂପା ଅଳଙ୍କାର ସହ ହୁଣ୍ଡି ଟଙ୍କା ଚୋରୀ

ଧର୍ମଶାଳା,୨୦/୮ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ସୁନ୍ଦୁରିଆ ପଂଚାୟତସ୍ଥ ସୁନ୍ଦୁରିଆ ଗ୍ରାମର ତଥା ସ୍ଥାନୀୟ ଅଂଚଳର ପ୍ରସିଦ୍ଧ ଶ୍ରୀଶ୍ରୀ ଅନନ୍ତ ମହିମା ଗାଦି ଠେଙ୍ଗିଆ ବଟ ମନ୍ଦିରରୁ ଗତ କାଲି ବିଳମ୍ବିତ ରାତିରେ ଦୃବୃତମାନେ ମନ୍ଦିର ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ରୂପା ଅଳଙ୍କାର ଓ ଦାନ ବାକ୍ସ ଲୁଟ କରିନେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ପରେ ପୁଲିସ ଘଟଣାର ତଦନ୍ତ ଚଳାଇଛି । ସୂଚନା ମୁତାବକ ଆଜି ସକାଳୁ ମନ୍ଦିର ପୂଜକ ମନ୍ଦିର ଖୋଲିବା ନେଇ ଯାଇଥିବା ସମୟରେ ମନ୍ଦିରର ତାଲାଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ । ଏହି ଘଟଣାକୁ ନେଇ ପୂଜକ ଗ୍ରାମବାସୀଙ୍କୁ ଅବଗତ କରାଇଥିଲେ । ମନ୍ଦିରରୁ ରୂପା ବଂଶୀ, ରୂପା କାନଫୁଲ, ତିନୋଟି ରୂପା ମୁକୁଟ, ୩ଟି ପିତଳ ଘଂଟି ସହ ଏକ ଦାନ ବାକ୍ସକୁ ଭାଙ୍ଗି ତାହା ଭିତରେ ଥିବା ସମସ୍ତ ଦାନ ଟଙ୍କାକୁ ଲୁଟି ନେଇ ଫେରାର ହୋଇଯାଇଛନ୍ତି । ନେଇ ଗ୍ରାମବାସୀ ଥାନାରେ ଅଭିଯୋଗ ପରେ ପୁଲିସ ଘଟଣାସ୍ଥଳରେ ପଂହଚି ତଦନ୍ତ ଚଳାଇଛି । ସୂଚନା ଥାଉକି ଗଲା କିଛି ଦିନ ହେବ କରୋନା ମହାମାରୀ ସମୟରେ ଦୃଦୃତମାନେ ବିଭିନ୍ନ ଅଂଚଳରୁ ମଠ ମନ୍ଦିର ଓ ଘରମାନଙ୍କରେ ବିଭିନ୍ନ ଉପାୟରେ ଚୋରୀ କରି ଖଉଳଖୁଲା ଫେରାର ହୋଇଯାଉଛନ୍ତି ।

## ରାକ୍ଷୀ ବଜାର ଚଳଚଂଚଳ

ପୁରୀ,୨୦/୮ (ନି.ପ୍ର): ଭାଇ ଓ ଭଉଣୀର ସଂପର୍କ ଅତି ପବିତ୍ର । ଭାଇର ସୁରକ୍ଷା ପାଇଁ ଭଉଣୀ ବର୍ଷକରେ ଗୋଟିଲ ଦିନ ଭାଇ ହାତରେ ରାକ୍ଷୀ ବାନ୍ଧି ଥାଏ । ଚଳିତବର୍ଷ ରାକ୍ଷୀ ପୂର୍ଣ୍ଣିମା ରବିବାର ପଡୁଥିବାରୁ ଶୁକ୍ରବାର ସୁଦ୍ଧା ଭଉଣୀମାନେ ରାକ୍ଷୀ ବଜାରରୁ ବିଭିନ୍ନ କିସମର ରାକ୍ଷୀ କିଣୁଥିବା ଦେଖିବାକୁ ମିଳୁଛି । ପୁରୀ ଜିଲ୍ଲାରେ କରୋନ କଟକଣା ଯୋଗୁଁ ଶନିବାର ଓ ରବିବାର ସଟଡ଼ାଉନ ଜାରି କରାଯାଇଛି । ସେଥିପାଇଁ ଆଜି ରାକ୍ଷୀ ଦୋକାନରେ ଗ୍ରାହକମାନେ ମାସ୍କ ପିନ୍ଧି ସାମାଜିକ ଦୂରତା ରକ୍ଷା କରି ରାକ୍ଷୀ କିଣୁଛନ୍ତି । ବଡ଼ଦାଣ୍ଡର ମରଚିକୋଟ ଛକ, ମାର୍କେଟ ଛକ, ବଳଗଣ୍ଡି ଛକ, ମେଡ଼ିକାଲ ଛକ, ବଡ଼ଶଙ୍ଖ ଛକ ଓ ଗୁଣ୍ଡିଚା ମନ୍ଦିର ଅଂଚଳରେ ରାକ୍ଷୀ ଦୋକାନ ଖୋଲାଯାଇଥିବା ବେଳେ ଗ୍ରାହକମାନେ ରାକ୍ଷୀ କିଣୁଥିବା ଦେଖିବାକୁ ମିଳୁଛି । ବିଭିନ୍ନ କିସମର ରାକ୍ଷୀ ମଧ୍ୟରେ ଷ୍ଟୋନ ରାକ୍ଷୀ, ଝାଲେରି ରାକ୍ଷୀ, ଫେସନ ରାକ୍ଷୀ, ରାଜସ୍ଥାନୀ ରାକ୍ଷୀ, ଚକାଆଖି ରାକ୍ଷୀ, ବେସ୍ଲଟ୍ ରାକ୍ଷୀ, ବିକ୍ରି ହେଉଛି ।

# ବ୍ରହ୍ମବରଦା ବିଜେପି ମାଇନର କମିଟିର ସଭାପତି ହେଲେ ଜ୍ୟାଉଲ ହକ୍

ଧର୍ମଶାଳା,୨୦/୮ (ନି.ପ୍ର): ଯାଜପୁର ଜିଲା ବରୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରସୁଲପୁର ବ୍ଲକ ବ୍ରହ୍ମବରଦା ପଂଚାୟତ ବିଜେପି ମାଇନର କମିଟର ସଭାପତି ଭାବେ ଯୁବନେତା ଜ୍ୟାଉଲ ହକ୍‌ଙ୍କୁ ନିଯୁକ୍ତି ଦିଆଯାଇଛି । ସଂଖ୍ୟାଲଘୁ ସମ୍ପ୍ରଦାୟ ଅଂଚଳରେ ବିଜେପିର ବହୁଳ ପ୍ରଚାର ପ୍ରସାର ପାଇଁ ଆଜି ବରୀ ନିର୍ବାଚନ ମଣ୍ଡଳୀର ବିଜେପି ଯୁବନେତା ବିଶ୍ୱରଂଜନ ମଲ୍ଲିକ ତାଙ୍କୁ ନିଯୁକ୍ତି ଦେଇଛନ୍ତି । ଏହି ଅଂଚଳରେ ଦିର୍ଘ ବର୍ଷ ହେଲା ବିଜେପି ହିତରେ କାର୍ଯ୍ୟ କରି ଆସୁଥିବା ଜ୍ୟାଉଲ ହକ୍‌ଙ୍କ ଉପରେ ଭରସା କରି ଆଜି ବ୍ରହ୍ମବରଦା ମାଇନର କମିଟିର ସଭାପତି ଭାବେ ନିଯୁକ୍ତି ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମାଇନର କମିଟର ସଭାପତି ନଇମ ରାଜା, ବିଜେପିର ବ୍ରହ୍ମବରଦା ପଂଚାୟତ ସଭାପତି ଅତୁଲ୍ୟ କୁମାର ରାଉତ, ମହେଶ୍ୱରପୁର ପଂଚାୟତର ବିଜେପି ସଭାପତି ଜ୍ୟାଉଲ ଖାଁଙ୍କ ସମେତ ସନାତନ ନାୟକ,ମନୋଜ ରାଉତ, ପ୍ରଫୁଲ୍ଲ ପଲେଇ ଓ ଅନିଲ ରାଉତ ପ୍ରମୁଖ ଉପସ୍ଥିତ ରହିବା ସେହ ଏନେଇ ବିଶ୍ୱରଂଜନଙ୍କୁ କୃତଜ୍ଞତା ଜଣାଇଛନ୍ତି । ଲୋକମାନଙ୍କ ପାଇଁ କାମ କରିବା ସହ ବ୍ରହ୍ମବରଦା ଅଂଚଳରେ ବିଜେପି ସଂଗଠନକୁ ଦୃଢ କରିବା ତାଙ୍କାର ପ୍ରାଥମିକତା ବୋଲି ସଭାପତି ଜ୍ୟାଉଲ ପ୍ରକାଶ କରିବା ସହ ବିଶ୍ୱରଂଜନଙ୍କୁ ସମସ୍ତ ଶ୍ରେୟ ଦେଇଛନ୍ତି ।

# ବେଷ୍ଟ କ୍ୟାଡେଟ ୨୦୨୧ ସମ୍ମାନରେ ସମ୍ମାନିତ ରଜତ କଲେଜର ଟେକ ରଖିଲେ

କେନ୍ଦୁଝର,୨୦/୮ (ନି.ପ୍ର): କେନ୍ଦୁଝରର ରଜତ ଚଳିତ ବର୍ଷ ଏନସିସି ପରୀକ୍ଷାରେ ଦକ୍ଷତା ପ୍ରଦର୍ଶନ କରିବା ସହ ବେଷ୍ଟ କ୍ୟାଡେଟ- ୨୦୨୧ ସମ୍ମାନରେ ସମ୍ମାନିତ ହୋଇଛନ୍ତି । ଯେଉଁଥିପାଇଁ ତାଙ୍କ ପାଖକୁ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି । ଦେଶ ୭୫ ତମ ସ୍ୱାଧୀନତା ଦିବସ ପାଳନ ଏହି ଦିବସରେ ଇତି ମଧ୍ୟରେ ସିନିଅର ଅଣ୍ଡର ଅଫିସର ରଜତ କୁମାର ତ୍ରିପାଠୀ ଏନ ଆଇ ସି , ଆଇ . ୟୁ .ସି . ଏବଂ ସିଏଟିସି କ୍ୟାମ୍ପରେ ଯୋଗ ଦେବା ଅବସରରେ ଏନସିସି -ସି '- ପରୀକ୍ଷାରେ ଏ"– ଗ୍ରେଡ ରଖି କୃତକାର୍ଯ୍ୟ ହାସଲ କରି ପାରିଛନ୍ତି । ଅନୁରୁପ ଭାବେ ଇବିଏସ . ବି ଓ ସିଏଟି ସି କ୍ୟାମ୍ପରେ ଯୋଗ ଦେଇଥିବା ଜୁନିଅର ଅଣ୍ଡର ଅଫିସର ସିଦ୍ଧାନ୍ତ ଶେଖର ଜୟସିଂ ଏନସିସି -ବି'- ପରୀକ୍ଷାରେ ଏ"- ଗ୍ରେଡ ରଖି କୃତକାର୍ଯ୍ୟ ହାସଲ କରିଛନ୍ତି । କୃତକାର୍ଯ୍ୟ ହାସଲ କରିଥିବା ଏହି ଦୁଇ ଛାତ୍ର ୪(ଓ) ସିଟିସି , କଟକ ର ନାମ ସହିତ ଆର୍ଯ୍ୟାନ କଲେଜର ନାମକୁ ଗୌରବାନ୍ୱିତ କରିଥିବା କଥା କହିଛନ୍ତି କଲେଜ କର୍ତ୍ତୃପକ୍ଷ । ଏହି ଛାତ୍ର ଦ୍ୱୟ ମଧ୍ୟ ଏଏନଓ ଲେଫ୍ଟନାଂଟ ରୁଦ୍ର ପ୍ରସାଦ ନନ୍ଦଙ୍କ ତତ୍ତ୍ୱାବଧାନରେ ମହାମାରୀ କୋଭିଡ ସମୟରେ ଏକ ହେଲ୍ପଡେସ୍କ ପ୍ରତିଷ୍ଠା କରି ଅସହାୟ ଲୋକମାନଙ୍କୁ ରକ୍ତଦାନ ଠାରୁ ଆରମ୍ଭ କରି କୋଭିଡ ଆକ୍ରାନ୍ତଙ୍କ ପାଇଁ ଶଯ୍ୟା ବ୍ୟବସ୍ଥା, ଔଷଧ ବଂଟନ , ଖାଦ୍ୟ ସାମଗ୍ରୀ ବଂଟନ ଆଦି ସାହାର୍ଯ୍ୟ ସହଯୋଗ ଯୋଗାଇ ଦେଇ ଭୁରି ଭୁରି ପ୍ରଶଂସା ସହ ଆର୍ଶିବାଦ ମଧ୍ୟ ସାଉଁଟିଥିଲେ । ସମାଜ ସେବା କ୍ଷେତ୍ରରେ ଆଜି ପର୍ଯ୍ୟନ୍ତ ୨୦୦ ରୁ ଅଧିକ ଲୋକଙ୍କୁ ଏମାନେ ସହାୟତା ଯୋଗାଇ ଦେଇ ପାରିଛନ୍ତି । ଏକ ସ୍ୱତନ୍ତ୍ର ଉତ୍ସବରେ ଏ ଏନ୍ ଓ ଲେଫ୍ଟନାଂଟ ରୁଦ୍ର ପ୍ରସାଦ ନନ୍ଦଙ୍କ ଦ୍ୱାରା ଏହି ଛାତ୍ର ଦ୍ୱୟଙ୍କୁ ଚଳିତ ବର୍ଷର ବେଷ୍ଟ କ୍ୟାଡେଟ-୨୦୨୧ ରେ ସମ୍ମାନିତ କରାଯାଇ ଥିବା ବେଳେ କଲେଜର ସହପାଠୀ , ସହପାଠିନୀ , ଅଧ୍ୟାପକ . ଅଧ୍ୟାପିକାଙ୍କ ସମେତ ବିଭିନ୍ନ ମହଲରୁ ସେମାନଙ୍କର ଉଜ୍ଜଳ ଭବିଷ୍ୟତ କାମନା କରାଯାଇଛି ।

# ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ର, ଜୀବିକା ମିଶନ ଓ ମିଶନ ଶକ୍ତିର ମିଳିତ ବୈଠକ

କେନ୍ଦ୍ରାପଡ଼ା,୨୦/୮ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅଧିନ ଜଝାଙ୍ଗ ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଓଡିଶା ଜୀବିକା ମିଶନ ଓ ଓଡିଶା ମିଶନ ଶକ୍ତି ର ଏକ କୃଷି ଭିତିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଅମ୍ରିତ ରତୁରାଜ ଅଧକ୍ଷତା କରିଥିଲେ । ଜିଲ୍ଲାର କୃଷି ଓ ଆନୁସଙ୍ଗିକ ବିଭାଗ ଓ କୃଷି ବିଜ୍ଞାନ କେନ୍ଦ୍ରକୁ ନେଇ ଜିଲ୍ଲାର ବିକାଶ ମୂଳକ କାର୍ଯ୍ୟକୁ କିପରି ସୂଚାରୁ ରୂପେ କରାଯାଇ ପାରିବ ତା ଉପରେ ଆଲୋଚନା ଓ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ଶ୍ରୀ ରତୁରାଜଙ୍କ ସମେତ ସମସ୍ତ ସଦସ୍ୟକୃଷି ବିଜ୍ଞାନ କେନ୍ଦ୍ରର ବିଭିନ୍ନ ପ୍ରଦର୍ଶନୀ ଏକକକୁ ପରିଦର୍ଶନ କରିବା ସହ ଏହା କିପରି ଚାଷି ମାନଙ୍କ କ୍ଷେତ୍ରରେ ସଫଳ ରୂପାୟନ ହୋଇପାରିବ ଏହା ଉପରେ ଆଲୋଚନା କରାଯାଇଥିଲା । ବିଭିନ୍ନ ବ୍ଲକରେ କରାଯାଉଥିବା ପାଣି ସିଙ୍ଗଡା ଚାଷ, ମଖନା ଚାଷ, କମ୍ୟୁନିଟି ନର୍ସରୀ , ରଙ୍ଗିନ ମାଛଚାଷ, ଉନ୍ନତ ପ୍ରଣାଳୀରେ ଛତୁଚାଷ ପ୍ରଭୃତିକୁ ଅଗ୍ରାଧିକାର ଭିତିରେ କରାଇବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଓଡିଶା ଜୀବିକା ମୀଶନର ଜିଲ୍ଲା ସଂଯୋଜକ ସତ୍ୟଭାମା ପ୍ରଧାନ, ମିଶନ ଶକ୍ତି ଜିଲ୍ଲା ସଂଯୋଜକ, କୈଳାସ କୁମାର ସେନାପତି, ଜିଲ୍ଲାମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ତ୍ରିଲୋଚନ ଦାସ, ଜିଲ୍ଲା କୃଷି ଅଧିକାରୀ ଶିବ ପ୍ରସାଦ ମଲିକ, ମତ୍ସ୍ୟ ଅଧିକାରୀ ମମତା ମହାପାତ୍ର, ସହକାରୀ ଉଦ୍ୟାନ କୃହି ନିର୍ଦ୍ଦେଶକ କନ୍ଦ ଜେନା, ବୈଜ୍ଞାନିକ ପ୍ରଭଞ୍ଜନ ମିଶ୍ରଙ୍କ ସମେତ ମାନସ ରଞ୍ଜନ ବେହେରା, ପ୍ରଭାତ କୁମାର ସାହୁ, ରାଜେଶ କୁମାର ମହାପାତ୍ର, ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ଼ଃ ସୂର୍ଯ୍ୟ ନାରାୟଣ ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ତାପସ ରଞ୍ଜନ ସାହୁ ସ୍ୱାଗତ ଭାଷଣ ଓ ନମିତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ବିରଳ ୮ ଗୋଡିଆ ମେଣ୍ଢା ଛୁଆ ଜନ୍ମ

କେନ୍ଦ୍ରାପଡ଼ା,୨୦/୮ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅଧିନ ଆୟବା ପଂଚାୟତର ବାଲିଗୋଠ ଗାଁରେ ଏକ ୮ ଗୋଡିଆ ମେଣ୍ଢା ଛୁଆ ଜନ୍ମ ହୋଇଥିବା ଘଟଣା ସ୍ଥାନୀୟ ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ସେହି ଗାଁର ଅମୀୟ ଦାସଙ୍କ ମେଣ୍ଢୀ ଗୁରୁବାର ଅପରାହ୍ନରେ ବିଲରେ ଚରୁଥିବା ବେଳେ ଏକ ୮ ଗୋଡିଆ ମେଣ୍ଢା ଛୁଆକୁ ଜନ୍ମ ଦେଇଛି । ଏହାର ଗୋଟିଏ ମୁଣ୍ଡ ଥିବାବେଳେ ବିଭିନ୍ନ ରଙ୍ଗର ୮ଟି ଗୋଡ ଓ କାନ ନଥିବା ଛୁଆ ଜନ୍ମ ହେବା ପ୍ରଚାର ହେବାପରେ ବହୁଲୋକ ଦେଖିବା ପାଇଁ ଘଟଣା ସ୍ଥଳରେ ରୁଣ୍ଡ ହୋଇଥିଲେ ।

# ୱାନ ନେସନ -ୱାନ ରେସନ ପାଇଁ ଜିଲ୍ଲା ଯୋଗଣ ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ

ପୁରୀ,୨୦/୮ (ନି.ପ୍ର): ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ୱାନ ନେସନ ୱାନ ରେସନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ନୂଆ ଜିଲ୍ଲା ଯୋଗାଣ ଅଧିକାରୀ ସୁବୋଧ ହୋତା ଯୋଗଦେବା ପରେ ଗ୍ରାହକ ମାନଙ୍କୁ କିପରି ସୁବିଧାରେ ଯୋଗାଣ ସାମଗ୍ରୀ ପାଇ ପାରିବେ ଏଥିପାଇଁ ଡ଼ିଲରମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାରେ ଥିବା ଶ୍ରମିକମାନେ ଏହି ରେସନ ପାଇବା ପରେ ରାଜ୍ୟ ବାହାରକୁ କାମ କରିବା ପାଇଁ ଯାଇଥିଲେ ମଧ ସେଠାରେ ଏହି ରେସନ କାର୍ଡ଼ ଦେଖାଇ ସାମଗ୍ରୀ ପାଇ ପାରିବେ । ରେସନ କାର୍ଡ଼ ସହ ଆଧାର ଲିଙ୍କ ମଧ ହୋଇଅଛି । ଜିଲ୍ଲାରେ ୩ ଲକ୍ଷ ୬ହଜାର ୨୩୨ ଜଣ ରେସନ କାର୍ଡ଼ଧାରୀ ରହିଛନ୍ତି । ୪୧ ହଜାର ୧୯୦ ଜଣ ଅର୍ନ୍ତୋଦୟ କାର୍ଡ଼ ଧରି ରହିଛନ୍ତି । ସେମାନଙ୍କୁ ପରିବାର ପିଛା ୩୫ କେଜି ଚାଉଳ ଦିଆଯାଉଛି । ପିଏସ୍‌ଏସ କାର୍ଡ଼ ଯୋଜନାରେ ପରିବାରର ମୁଣ୍ଡ ପିଛା ୫ କେଜି ଚାଉଳ ଦିଆଯିବ ବୋଲି ଶ୍ରୀ ହୋତା ସୂଚନା ଦେଇଛନ୍ତି ।

# ହୋମିଓପାଥି ଔଷଧ ଖାଉଥିଲେ...




କେତେକ ଲୋକ ହୋମିଓପାଥି ଔଷଧରେ ଚିକିତ୍ସା ହୋଇଥାନ୍ତି। ହେଲେ ଏହାକୁ ଖାଇବା ପୂର୍ବରୁ କିଛି ଦିଗପ୍ରତି ସାବଧାନତା ଅବଲମ୍ବନ କରିବା ଦରକାର। ନଚେତ୍ ଚିକିତ୍ସାରେ କୌଣସି ଉନ୍ନତି ଦେଖାଦେବ ନାହିଁ। କି କି ସାବଧାନତା ଅବଲମ୍ବନ କରିବାକୁ ପଡ଼ିବ ଆସନ୍ତୁ ଜାଣିବା...।




ଖୋଲା ରଖନ୍ତୁ ନାହିଁ: ହୋମିଓପାଥି ଔଷଧକୁ ଆଦୌ ଖୋଲା ରଖନ୍ତୁ ନାହିଁ। ଥଣ୍ଡା ସ୍ଥାନରେ ରଖନ୍ତୁ। ଔଷଧ ଖାଇ ସାରିଲା ପରେ ଡବା କିମ୍ବା ବୋତଲର ମୁହଁ ବନ୍ଦ କରିଦିଅନ୍ତୁ। କାରଣ ଖୋଲା ରହିଲେ ଏଥିରେ ଥିବା ଔଷଧୀୟ ଗୁଣ ନଷ୍ଟ ହୋଇଯାଏ।

ଔଷଧ ହାତକୁ ନେଇ ଖାଆନ୍ତୁ ନାହିଁ: ହୋମିଓପାଥି ଗୋଲି ଖାଇବା ପାଇଁ ହାତ ପାପୁଲିରେ ବାହାର କରନ୍ତୁ ନାହିଁ। କାରଣ ଏଥିରେ ଥିବା ସ୍ପିରିଟ ଅଂଶ ହାତ ସଂସ୍ପର୍ଶରେ ଆସି ନଷ୍ଟ ହୋଇଯାଏ। ଏହାଦ୍ୱାରା ଔଷଧର ପ୍ରଭାବ କମିଯାଏ।

୧୦ ମିନିଟ ପର୍ଯ୍ୟନ୍ତ କିଛି ଖାଆନ୍ତୁ ନାହିଁ: ହୋମିଓପାଥି ଔଷଧ ଖାଇବାର ୧୦ ମିଟ୍ ପୂର୍ବରୁ ଓ ୧୦ ମିନିଟ ପରେ କିଛି ଖାଆନ୍ତୁ ନାହିଁ। କାରଣ କୌଣସି ଖାଦ୍ୟ ସଂସ୍ପର୍ଶରେ ଔଷଧ ଆସିଲେ ତାର ପ୍ରଭାବ ହ୍ରାସ ପାଏ। ଫଳରେ ଉକ୍ତ ଔଷଧରେ ରୋଗ ଦୂର ହେବା ପାଇଁ କଷ୍ଟହୁଏ।

ଅନ୍ୟ ଔଷଧ ସହିତ ରଖନ୍ତୁ ନାହିଁ: ହୋମିଓପାଥି ଔଷଧ ସହିତ ଅନ୍ୟ କୌଣସି ଔଷଧ ଯଥା ଆୟୁର୍ବେଦିକ ଓ ଏଲୋପାଥିକ ଔଷଧ ସହିତ ମିଶାଇ ରଖନ୍ତୁ ନାହିଁ। କାରଣ ହୋମିଓପାଥି ଔଷଧର ଶକ୍ତି ହ୍ରାସ ପାଇଥାଏ। ଏହାକୁ ଖାଇବା ଦ୍ୱାରା ରୋଗ ଉପରେ କିଛି ପ୍ରଭାବ ପଡ଼ିନଥାଏ।



ଖଟା ଜାତୀୟ ଖାଦ୍ୟ ଖାଆନ୍ତୁ ନାହିଁ: ହୋମିଓପାଥି ଔଷଧ ଖାଇବା ପରେ କୌଣସି ପ୍ରକାର ଖଟା ଦ୍ରବ୍ୟ ଖାଇବା ଅନୁଚିତ। କାରଣ ଖଟାର ପ୍ରଭାବରେ ଔଷଧ ଶକ୍ତି ହ୍ରାସ ପାଇଥାଏ।

ଅନ୍ୟ କୌଣସି ଔଷଧ ଖାଆନ୍ତୁ ନାହିଁ: ହୋମିଓପାଥି ଔଷଧ ଖାଉଥିଲେ ଅନ୍ୟ ଔଷଧ ତଥା ଆୁର୍ବେଦିକ ଓ ଏଲୋପାଥି ଔଷଧ ଖାଆନ୍ତୁ ନାହିଁ। ନଚେତ୍ ହୋମିଓପାଥି ଔଷଧର କୌଣସସି ପ୍ରଭାବ ପଡ଼ିବ ନାହିଁ।

ପାଟି ଧୁଅନ୍ତୁ: ହୋମିଓପାଥି ଔଷଧ ଖାଇବା ପୂର୍ବରୁ ଭଲ ଭାବରେ ପାଟି ଦିଅନ୍ତୁ। ଅର୍ଥାତ୍ ଭଲ ଭାବରେ କୁଳି କରି ଦାନ୍ତ ଓଜିଭକୁ ସଫା କରି ଔଷଧ ଖାଆନ୍ତୁ। ଏହାଦ୍ୱାରା ଔଷଧ ଉପଯୁକ୍ତ ପ୍ରଭାବ ଶରୀର ଉପରେ ପଡ଼ିଥାଏ।

କୌଣସି ନିଶା ଦ୍ରବ୍ୟ ଖାଆନ୍ତୁ ନାହିଁ: ହୋମିଓପାଥି ଔଷଧ ଖାଇବା ପୂର୍ବରୁ ଓ ପରେ କୌଣସି ପ୍ରକାର ନିଶା ଦ୍ରବ୍ୟ ଯଥା ମଦ, ବିଡ଼ି, ଆଦି ଖାଆନ୍ତୁ ନାହିଁ। ଏହି ଦ୍ରବ୍ୟରେ ହାନିକାରକ ନିଶା ରହିଛି, ଯାହା ଔଷଧଣ ପ୍ରଭାବକୁ ହ୍ରାସ କରିଥାଏ। ଏରୁ ହୋମିଓପାଥି ଗ୍ରହଣ କରୁଥିଲେ ଏସବୁରୁ ଦୂରେଇ ରହନ୍ତୁ।

ଖରାରେ ଔଷଧ ରଖନ୍ତୁ ନାହିଁ: ହୋମିଓପାଥି ଔଷଧକୁ ଆଦୌ ଖରା ତଥା ସୂର୍ଯ୍ୟ କିରଣରେ ରଖନ୍ତୁ ନାହିଁ। ଖରା ତେଜ ସଂସ୍ପର୍ଶରେ ଆସିଲେ ଏହାର ଔଷଧୀୟ ଗୁଣ ନଷ୍ଟ ହୋଇଯାଇଥାଏ। ଯାହା ରୋଗଜ ଉପଶମ କରିପାରେ ନାହିଁ।

ଚା' ପିଅନ୍ତୁ ନାହିଁ: ହୋମିଓପାଥି ଔଷଧ ଖାଇବା ସମୟରେ ଅବା କିଛି ସମୟ ପର୍ଯ୍ୟନ୍ତ ଚା' କିମ୍ବା କଫି ପିଅନ୍ତୁ ନାହିଁ। କାରଣ ଔଷଧ ପ୍ରଭାବ ହ୍ରାସ ହୋଇଥାଏ।

# ଲେଖିବା ଆରମ୍ଭ ସମୟରେ ଶିଶୁଙ୍କର ଦ୍ୱନ୍ଦ୍ୱ

ଶିଶୁମାନେ ଯେତେବେଳେ ପ୍ରଥମ କରି ପାଠପଢା ଆରମ୍ଭ କରିବା ସହିତ ବିଦ୍ୟାଳୟ ଯାଆନ୍ତି, ସେହି ସମୟରେ ସେମାନେ କେଉଁ ହାତରେ ଲେଖିବେ ସେଥିନେଇ ଦ୍ୱନ୍ଦ୍ୱରେ ପଡିଥାନ୍ତି ବୋଲି ଏକ ନୂତନ ଗବେଷଣାତ୍ମକ ଅନୁଧ୍ୟାନରୁ ଜଣାପଡିଛି । ଗବେଷକଙ୍କ କହିବାନୁଯାୟୀ, ଶିଶୁର ଶାରୀରିକ ଓ ଶୈକ୍ଷିକ ବିକାଶରେ ଏହା ପ୍ରତିବନ୍ଧକ ସୃଷ୍ଟି କରିଥାଏ । ମନସ୍ତତ୍ତ୍ୱବିତ୍‌ଙ୍କ ମତରେ ୫ ବର୍ଷ ବୟସ୍କ ୩୦ ପ୍ରତିଶତ ପିଲା ଲେଖିବା ପାଇଁ ବାମ ହାତ କିମ୍ବା ଦକ୍ଷିର ହାତ ବ୍ୟବହାର କରିବେ ତାହା ଜାଣିନଥାନ୍ତି । କେଉଁ ହାତରେ ପେନ୍‌ସିଲ ବା ଚକ୍ ଧରିବେ ସେଥିନେଇ ଦ୍ୱନ୍ଦ୍ୱରେ ପଡିଯାଇଥାନ୍ତି । ଅତୀତ ଅପେକ୍ଷା ଏବେ ପିଲାମାନେ ଧୀରେ ବିକଶିତ ହେଉଥିବା ଗବେଷକ କହିଛନ୍ତି; ଯାହାଫଳରେ କି ବୟସ ବଢିବା ପରେ ମଧ୍ୟ ଆଳୁ ଚୋପା ଛଡାଇବା ଭଳି ସାଧାରଣ କାର୍ଯ୍ୟ ମଧ୍ୟ ଠିକ୍ ଭାବେ କରିପାରିନଥାନ୍ତି । ତେବେ ଶିଶୁର ମନ୍ଥର ବିକାଶ ପାଇଁ ଅଦିକ ସଚେତନ ପିତାମାତା ଦାୟୀ । ସେମାନେ ଛୁଆଟିକୁ ତଳେ ଗଡିବା ବା ଗୁରୁଣ୍ଡିବାର ସୁଯୋଗ ଯିକେ ମଧ୍ୟ ଦେଇନଥାନ୍ତି । ଯଦି ଶିଶୁଙ୍କ ମୋଟର ଦକ୍ଷତା ଆପେ ଆପେ ନ ବଢ଼େ, ସେତେବେଳେ ସେମାନଙ୍କ ବାମ-ଦକ୍ଷିଣ ସମନ୍ୱୟ ଦକ୍ଷତା କମିତା, । ହୁରହାମ୍ କର୍ଟ୍ରି କାଉନସିଲର ମୁକ୍ୟ ମନସ୍ତତ୍ତ୍ୱବିତ୍ ମ୍ୟାଡେଲିନ୍ ପୋର୍ଟଉଡ୍ ଏହି ଗବେଷଣା କରିଛନ୍ତି । ଶିଶୁଙ୍କ ମାନସିକ ଓ ଶାରୀରିକ ଦକ୍ଷତା ବୃଦ୍ଧି କରିବା ପାଇଁ ପିତାମାତା ସେମାନଙ୍କ ସମ୍ମୁଖରେ ଶିଶୁକୁ ଖେଳାଖେଳି କିମ୍ବା କିଛି ଜିନିଷପତ୍ର ଭଙ୍ଗା ଭଙ୍ଗି କରିବା ସହିତ ଏହାକୁ ଅନୁକରଣ କରିବା ଭଳି ସୁଯୋଗ ସୃଷ୍ଟି କରିବା ଦରକାର । ଯଦି ଶିଶୁଙ୍କୁ ୪ କିମ୍ବା ୫ ବର୍ଷ ବୟସରୁ ପାଠପଢା ଆରମ୍ଭ କରୁଥାନ୍ତି, ତେବେ ପଢାଇବା ସହିତ ଲେଖିବାର ଅଭ୍ୟାସ କରାନ୍ତୁ । କେଉଁ ହାତରେ କିଭଳି ପେନ୍‌ସିଲ ଅଥବା ଚକ୍ ଖଡି ଧରିବ ସେ ସଂପର୍କରେ ମଦ୍ୟ ଧାରଣା ଦିଅନ୍ତୁ । ପୋର୍ଟଉଡଙ୍କ ଗବେଷଣାତ୍ମକ ତଥ୍ୟ ଅନୁଯାୟୀ ତିନିବର୍ଷ ବୟସ୍କ ୫୭ ପ୍ରତିଶତ ପିଲା ଯେଉଁ କାର୍ଯ୍ୟ କରିବା କ୍ଷମତା ରଖିବା କଥା ତାହା ରଖିପାରନ୍ତି ନାହିଁ । ଅନେକ କ୍ଷେତ୍ରରେ ଏଭଳି ଦକ୍ଷତାହ୍ରାସର କାରେର ଯେଳିଭିଜନ ଦେଖିବା ବୋଲି ମଧ୍ୟ ପୋର୍ଟଉର୍ଡ୍ ଏକ କାରର ସଂପର୍କରେ ସତର୍କ କରାଇ ଦେଇଛନ୍ତି ।



# ଘରକୁ ସଫା ରଖନ୍ତି ଏହି ପୋକ



ଆମ ଘରମାନଙ୍କରେ ଏମିତି କିଛି ଛୋଟ ଛୋଟ ପୋକ ବୁଲିଥାନ୍ତି, ଯାହା ଆମକୁ ବିଶେଷ କ୍ଷତି କରନ୍ତିନାହିଁ । ଏପରି ପୋକ ହେଉଛି 'ସିଲଭର ଫିସ୍' । ଏହାର ଶରୀର ଦେଖିବାକୁ ଏହା ମାଛ ପରି ଏବଂ ଏମାନଙ୍କର ସାଧାରଣତଃ ୬ଟି ଗୋଡ଼ ଥାଏ । ଏହି ପୋକଙ୍କ ଶରୀର ରୂପେଲି ରଙ୍ଗର । ତେଣୁ ଏମାନଙ୍କୁ ଏପରି ନାମକରଣ କରାଯାଇଛି। ଏମାନଙ୍କ ବିଶେଷତ୍ୱ ହେଲା- ଏମାନେ କାମୁଡ଼ନ୍ତି ନାହିଁ । ମଣିଷର ମୃତ ଚମଡ଼ା ଏବଂ କେଶ ଖାଇବାକୁ ଏମାନେ ଭଲ ପାଇଥାନ୍ତି । ଆମେ କୌଣସି ସ୍ଥାନରେ ଉଠାବସା କରିବା ସମୟରେ ଶରୀରର କ୍ଷୁଦ୍ର ମୃତ ଚର୍ମ କିମ୍ବା କେଶ ଝଡ଼ି ପଡ଼ିଥାଏ ଏହି ପୋକମାନେ ଏହାକୁ ଖାଇଥାନ୍ତି । ଯାହା ଫଳରେ ସଂକ୍ରମଣ ରୋଗ ହେବାର ଆଶଙ୍କା ଦେଖାଯାଇନଥାଏ । ଏହାସହ ଘରର ପରିବେଶ ମଧ୍ୟ ସଫା ରହିଥାଏ । ଚର୍ମ ଏବଂ କେଶକୁ ଛାଡ଼ିଦେଲେ ଏହି ପୋକମାନେ କାଗଜ ଏବଂ ନରମ କାଠି ମଧ୍ୟ ଖାଇଥାନ୍ତି । ତେଣୁ ଏହି ପୋକକୁ ଆପଣମାନେ ପୁରୁଣା କାଗଜ ଥିବା ସ୍ଥାନରେ କିମ୍ବା ପୁରୁଣା କାଠ ବସ୍ତୁରେ ବେଶୀ ଦେଖିବାକୁ ପାଇବେ । ଶୀତ ଋତୁରେ ଏମାନଙ୍କ ସଂଖ୍ୟା ବଢ଼ିଯାଇଥାଏ । କାରଣ ଏହି ସମୟରେ ସିଲଭର ଫିସ୍ମାନେ ପ୍ରଜନନ କରିଥାନ୍ତି । ଏକ ରିପୋର୍ଟ ଏକ ରିପୋର୍ଟ ଅନୁସାରେ, ଏହି ପୋକମାନେ ଡାଇନୋସର ଯୁଗରୁ ଦେଖାଯାଆନ୍ତି । ଅର୍ଥାତ୍ ଏମାନେ ପ୍ରାୟ ୧୦୦ ମିଲିଅନ୍ ବର୍ଷର ପୁରୁଣା ପୋକ ଅଟନ୍ତି ।



# ବାଟ ଦେଖାଉଛି ବାଉଁଶ

ବାଉଁଶ.. ଆଦିବାସୀ ମଣିଷ ପାଇଁ ଏକ ଅନନ୍ୟ ପ୍ରାକୃତିକ ସାହାରା । ଏନ୍ତୁଡ଼ିଶାଳରେ ନବଜାତକର ନାହିଁ କଟିବା ପାଇଁ ବାଉଁଶ ପାତଠାରୁ ଆରମ୍ଭ କରି କୋକେଇ ଯାଏ, ଖୋଜାପଡ଼େ ଏଇ ବାଉଁଶ । ହେଲେ ଆଧୁନିକତାର ଚାକଚକ୍ୟ ଭିତରେ ଏହା ଯେମିତି ଏବେ ନିଜର ପରିଚୟ ହରାଇବସିଛି । ମୟୂରଭଞ୍ଜ ଜିଲ୍ଲାରୁ ପ୍ରତ୍ୟେକ ଦିନ ଶହଶହ ଟ୍ରିପ ଲମ୍ବା ଓ କଟା ବାଉଁଶ ରାଜ୍ୟର ବିଭିନ୍ନ ଜିଲ୍ଲା ସହ ରାଜ୍ୟ ବାହାରକୁ ଚାଲାଣ ହେଉଛି । ଏପରି ସମୟରେ ବାଉଁଶ ଯେ ଜିଲ୍ଲାବାସୀଙ୍କ ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ କ୍ଷମତା ରଖେ, ସେ ନେଇ ରାଜ୍ୟ କିମ୍ବା କେନ୍ଦ୍ର ସରକାର, କେହି ବି ଚିନ୍ତା କରି ନାହାଁନ୍ତି ।

ତେବେ ଏହି ବାଉଁଶ ଯେ ଅନେକଙ୍କୁ ବଳ ଯୋଗାଉଛି, ପେଟକୁ ଦାନା ଯୋଉଛି; ତାର ଏକ ବଳିଷ୍ଠ ଉଦାହରଣ ଆମ ପାଖରେ ଅଛି । ଜିଲ୍ଲାର ବେତନଟୀ ବ୍ଲକ୍ ଅଧୀନ ଦହିକୋଟୀ ପଞ୍ଚାୟତ ଭାଲିଆ ଗ୍ରାମ । ଏହି ଗ୍ରାମ ଏବେ ମୁଣ୍ଡ ଟେକିଛି । ଏଠାରେ ୨୦୦୮ ମସିହାରେ ଆନନ୍ଦ ମହାନ୍ତଙ୍କ ତତ୍ତ୍ୱାବଧାନରେ ମା ମନସା ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ହୁଏ । ପ୍ରାଥମିକ ପର୍ଯ୍ୟାୟରେ ଗୋଷ୍ଠୀରେ ୨୧ଜଣ ମହିଳା ପୁରୁଷ କାମ କରୁଥିଲେ । ଏବେ ଏଠାରେ ୧୦ଜଣ ମହିଳା, ୧୦ଜଣ କାରିଗର ଓ ଦିନ ମଜୁରିଆଙ୍କୁ ମିଶାଇ ମୋଟ ୪୫ଜଣ କାମ କରୁଛନ୍ତି । ଏମାନେ ବାଉଁଶରୁ ସୋଫା ସେଟ, ଆରାମ ଚେୟାର, ଷ୍ଟୁଲ ସହ ପେନଷ୍ଟାଣ୍ଡ, ବସ୍‌ଷ୍ଟାଣ୍ଡ, ଫୁଲତୋଡ଼ା, ଫୁଲଚାଙ୍ଗୁଡ଼ି, ଚାବିରିଙ୍ଗ, ଧୂପଷ୍ଟାଣ୍ଡ, ଫୁଲକଚଣ୍ଡ ଇତ୍ୟାଦି ଇତ୍ୟାଦି କରି ବିକ୍ରି କରିଛନ୍ତି । ବାଉଁଶ ତିଆରି ଗୋଟିଏ ସୋଫା ସେଟର ଦାମ ୧୦ରୁ ୧୨ହଜାର ଟଙ୍କା ରହିଛି । ସେହିପରି ଆରାମ ଚେୟାରର ଦାମ ୧୮୦୦ରୁ ୨୦୦୦ଟଙ୍କା ରହିଛି। ତେବେ ଖର୍ଚ୍ଚକୁ ଛାଡ଼ି ଏବେ ଗୋଷ୍ଠୀକୁ ୧୦ରୁ ୩୦ ପ୍ରତିଶତ ପର୍ଯ୍ୟନ୍ତ ଲାଭାଂଶ ମିଳୁଛି । ସବୁଠାରୁ ବଡ଼କଥା ଯେ ବିଭିନ୍ନ ଆକର୍ଷଣୀୟ ଘରକରଣା ଜିନିଷ ନିର୍ମାଣ କରୁଥିବା କାରିଗରମାନଙ୍କ ମଧ୍ୟରେ ଅଧିକାଂଶ ହେଲେ ଜିଲ୍ଲାର ଅପରାଧ ପ୍ରବଣ ଜନଜାତି କୁହାଯାଉଥିବା ଲୋଧା ସଂପ୍ରଦାୟର ।





ଏଠାରେ ଗୋଷ୍ଠୀର ଆର୍ଥିକ ସଫଳତା ଦିଗକୁ ଛାଡ଼ିଦେଲେ ଲୋଧାଙ୍କୁ କର୍ମସଂସ୍ଥାନ ଯୋଗାଇବା ଭଳି ଯେଉଁ ନିଷ୍ପତ୍ତି ନିଆଯାଇଛି, ତାହା ଅତ୍ୟନ୍ତ ପ୍ରଶଂସାଯୋଗ୍ୟ । ଯାହା ଲୋଧାମାନଙ୍କୁ ବଂଚିବାର ଏକ ନୂଆ ରାହା ଦେଖାଇଛି । ଏହା ଭିତରେ ମା ମନସା ସ୍ୱୟଂ ସହାୟକ ଗୋଷ୍ଠୀ ୧୦ ଲକ୍ଷରୁ ଅଧିକ ଟଙ୍କାର ଉତ୍ପାଦ ପ୍ରସ୍ତୁତ କରିବାରେ ସକ୍ଷମ ହୋଇପାରିଛି । ହେଲେ ଦୁ!ଖ ଓ ପରିତାପର ବିଷୟ ଏହି ଯେ ଏହି ସ୍ୱୟଂ ସହାୟକ ଗୋଷ୍ଠୀ ଜିଲ୍ଲା ଶିଳ୍ପ କେନ୍ଦ୍ର ଅଧୀନରେ ରହିଥିଲେ ବି ଏଯାଏ କୌଣସି ସରକାରୀ ସହାୟତା କି ଅନୁଦାନ, କିଛି ବି ମଳିନାହିଁ ।



# ଏହି ଘରୁ କେହି ଜୀବିତ ଫେରିନାହାନ୍ତି



କିଛି ସହରରେ ଏମିତି ଘର ଥାଏ ଯାହାକୁ ଲୋକେ ହଣ୍ଟେଡ୍ ହାଉସ୍ କହିଥାନ୍ତି । ଏମିତି ଘରେ କେହି ବି ଲୋକ ରହିବାକୁ ଆସନ୍ତି ନାହିଁ । ଲୋକମାନେ କୁହନ୍ତି, ଘରେ ପ୍ରେତାତ୍ମା ବାସ କରୁଛି । ଏମିତି ଗୋଟିଏ ଘର ଅଛି ହାଇଦ୍ରାବାଦର ସୀତାଫଳମଣ୍ଡି ଅଞ୍ଚଳରେ । ଏହି ବଙ୍ଗଳା ଗତ ୪୦ ବର୍ଷ ହେବ ଖାଲି ପଡ଼ିଛି । ଲୋକମାନେ ଏହି ବଙ୍ଗଳାରେ ରହିବାକୁ ଭୟ କରନ୍ତି । ଏହି ବଙ୍ଗଳାକୁ ଲୋକମାନେ 'ଦେଢ଼ ଲକ୍ଷ ଘରର ରହସ୍ୟ' ବୋଲି କହିଥାନ୍ତି । ଏହି ଘରେ ଏବେ କେହି ନାହାନ୍ତି । ଘରର ଚାରିପାଖ ନିସ୍ତବ୍ଧ । ଏହି ଘରର ପାଖ ଦେଇ ଯିବାକୁ ମଧ ଲୋକ ଭୟ କରନ୍ତି । ଏହା ପଛରେ ଲୋକଙ୍କ ବିଶ୍ୱାସ ଯେ ଯେଉଁ ବ୍ୟକ୍ତି ଏହି ଘରେ ରହିବାକୁ ଆସେ ତା'ର ମୃତ୍ୟୁ ହୁଏ । କୁହାଯାଏ ଏହି ଘରେ ଭୌତିକ କାଣ୍ଡ ଘଟୁଥିବାରୁ ଲୋକମାନେ ରହିବାକୁ ଭୟ କରନ୍ତି । ୪୦ ବର୍ଷ ପୂର୍ବେ ଲକ୍ଷ୍ମଣ ନାମକ ଜଣେ ବ୍ୟକ୍ତି ଏହି ବଙ୍ଗଳାକୁ ଦେଢ଼ ଲକ୍ଷ ଟଙ୍କାରେ ତିଆରି କରିଥିଲେ । ଏହି ବଙ୍ଗଳା ସେହି ସମୟରେ ଅଞ୍ଚଳର ସବୁଠୁ ଅଧିକ ଦାମୀ ବଙ୍ଗଳା ରୂପେ ପରିଚିତ ଥିଲା । ସ୍ଥାନୀୟ ଲୋକେ ସେଇ ଘରକୁ ଦେଢ଼ ଲକ୍ଷ ଘର ବୋଲି କହି ଆସୁଛନ୍ତି । ହେଲେ ସେଇ ବ୍ୟକ୍ତି ଜଣକ ଜାରି ନଥିଲେ ଏଇ ଘର ତାଙ୍କ ପାଇଁ କେତେ ବଡ଼ ବିପଦ ଆଣିଦେବ । ଘରେ ତାଙ୍କର ପରିବାର ରହିବା ପରଠାରୁ ତାଙ୍କ ସହିତ ଅପ୍ରୀତିକର ଘଟଣା ସବୁ ଘଟିଥିଲା । ସେଇ ଘରର ମାଲିକଙ୍କ ଦୁଇ ଝିଅ ଏବଂ ତିନି ପୁଅ ଥିଲେ । ଯେଉଁ ପର୍ଯ୍ୟନ୍ତ ସେଇ ଘର ଭିତରକୁ ପ୍ରବେଶ କରିନଥିଲେ ଠିକ୍ ଥିଲେ । ହେଲେ ଯେଉଁଦିନ ତାଙ୍କ ପରିବାର ଗୃହପ୍ରବେଶ କରିଥିଲେ ଠିକ୍ ସେହିଦଦିନ ହିଁ ତାଙ୍କ ସ୍ତ୍ରୀଙ୍କର ମୃତ୍ୟୁ ହୋଇଯାଇଥିଲା । ସେଥିପାଇଁ ସେ ଏଇ ଘଟଣାର କିଛି ବର୍ଷ ପରେ ଆଉ ଏକ ପରିବାର ଏହି ଘରେ ରହିବାକୁ ଆସିଥିଲେ । କିଛି ଦିନ ପର୍ଯ୍ୟନ୍ତ ସବୁ ଠିକ୍ ଚାଲିଥିଲା । କିନ୍ତୁ ଗୋଟିଏ ଦିନ ସେଇ ପରିବାର ଜଣେ ମହିଳା ନିଜ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରି ଦେଇଥିଲେ । ଏହି ଘଟଣା ବିଷୟରେ ସ୍ଥାନୀୟ ଲୋକଙ୍କଠାରୁ ଜାଣିବାକୁ ମିଳିଥିଲା, ସେହି ମହିଳାଙ୍କର ମୃତ୍ୟୁର ବାସ୍ତବ କାରଣ କିଛି ଜଣା ପଡ଼ିନଥିଲା । ଏହି ଘଟଣା ପରେ ଜଣେ ଛାତ୍ର ଘରେ ରହିବାକୁ ଆସିଥିଲା । ହେଲେ ସେ ବି ଫାଶି ଲଗାଇ ଆତ୍ମହତ୍ୟା କରି ଦେଇଥିଲା । ତା' ପରେ ଏହି ଘରକୁ ଆଉ କେହି ରହିବାକୁ ଆସିନଥିଲେ । ସେଦିନ ପରଠାରୁ ସେହି ଘରଟି ଭୌତିକ ଘର ରୂପେ ପରିଚିତ ହେଲା । ରାତିରେ ଏହି ଘରର ଆଖପାଖରେ କାହାକୁ ଦେଖିବାକୁ ମିଳେ ନାହିଁ । ବେଳେବେଳେ ସ୍ଥାନୀୟ ଲୋକ ଏହି ଘର ଭିତରୁ ଜଣେ ମହିଳାର ଚିତ୍କାର ମଧ ଶୁଣିବାକୁ ପାଆନ୍ତି ।



# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୧ ଅଗଷ୍ଟ ୨୦୨୧, ଶନିବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ତୃତୀୟ ଲହରର ଭୟାବହତା...

କରୋନାର ଦ୍ୱିତୀୟ ଲହର ଭାରତରୁ ସଂପୂର୍ଣ୍ଣ ରୂପେ ଦୂର ହୋଇନାହିଁ । ଏହା ଧୀରେ ଧୀରେ ପ୍ରଶମିତ ହେବାରେ ଲାଗିଛି । କିନ୍ତୁ ସମ୍ଭାବ୍ୟ ତୃତୀୟ ଲହରର ଭୟ ଏବେ ଦେଶକୁ ଘାରିବାରେ ଲାଗିଛି । ଅଗଷ୍ଟ ପ୍ରଥମ ସପ୍ତାହରେ ଦେଶରେ ଦୈନିକ ସଂକ୍ରମଣ ସଂଖ୍ୟା ଯେତିକି ମାତ୍ରାରେ ହ୍ରାସ ପାଇଚାଲିଥିଲା ଏବେ ସେଥିରେ ପୁଣି ଥରେ ବୃଦ୍ଧି ଦେଖାଦେଇଛି । ଏହି ସଂଖ୍ୟା ଅଗଷ୍ଟ ୮ ତାରିଖ ଦିନ ୧୫ ହଜାର ତଳକୁ ଖସି ଆସିଥିଲା, ଯାହାକି ସରକାର ଓ ଦେଶବାସୀଙ୍କୁ ଆଶ୍ୱସ୍ତ କରିଥିଲା । କିନ୍ତୁ ଏହାର ମାତ୍ର ଗୋଟିଏ ସପ୍ତାହ ପରେ ପୁଣି ଥରେ ତାହା ୪୦ ହଜାର ଉପରକୁ ଉଠିବା ଏହି ଆଶଙ୍କାକୁ ପୁଷ୍ଟ କରିଛି ଯେ, କରୋନାର ତୃତୀୟ ଲହରର ପୂର୍ବାଭାସ ଘଟିଛି । ତେବେ ତୃତୀୟ ଲହରକୁ ନେଇ ଏବେ ସମସ୍ତେ ଏକ ଦ୍ୱନ୍ଦ୍ୱାତ୍ମକ ସ୍ଥିତିରେ ଅଛନ୍ତି । ଦେଶରେ କୋଭିଡ-୧୯ର ଯେଉଁ ନୂତନ ଭେରିଆଣ୍ଟ- ଡେଲଟା ପ୍ଲସ୍ ଚିହ୍ନଟ କରାଯାଇଛି, ଅଧିକାଂଶ କ୍ଷେତ୍ରରେ ଡେଲଟା ପ୍ଲସ୍ ହିଁ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ଆଶଙ୍କା କରାଯାଉଛି । ବୈଜ୍ଞାନିକମାନେ ଅନୁମାନ କରନ୍ତି ଯେ, ଦେଶରେ ଏବେ କୋଭିଡ କଟକଣାକୁ ଧୀରେ ଧୀରେ କୋହଳ କରାଯାଉଛି । ଯଦିଚ କୋଭିଡ ଉପଯୁକ୍ତ ଆଚରଣ ଆପଣାଇବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଲୋକମାନଙ୍କୁ ବାରମ୍ବାର ସତର୍କବାଣୀ ଶୁଣାଯାଉଛି, ତାହା ଲୋକଙ୍କ ଉପରେ ସେତେଟା ପ୍ରଭାବ ପକାଇବା ପରି ମନେ ହୁଏନାହିଁ । ଲୋକମାନେ ନିଜ ନିଜ କର୍ମକ୍ଷେତ୍ରକୁ ଲେଉଟିବା ସହ ଦୋକାନ ବଜାର, ଶିକ୍ଷାନୁଷ୍ଠାନ ଓ କଳାକାରଖାନାମାନ ଖୋଲିବାରେ ଲାଗିଛି । ଏହା ନିଶ୍ଚିତ ଭାବେ ଲୋକମାନଙ୍କ ଚଳପ୍ରଚଳକୁ ତ୍ୱରାନ୍ୱିତ କରିବ । ତାହା ହିଁ ସମ୍ଭାବ୍ୟ ତୃତୀୟ ଲହରକୁ ବାସ୍ତବତାରେ ପରିଣତ କରିବ ବୋଲି ଆଶଙ୍କା କରାଯାଉଛି । ଏହାର ସୂଚନା କେରଳ ଏବଂ ଉତ୍ତର-ପୂର୍ବାଞ୍ଚଳ (ମିଜୋରାମ, ମଣିପୁର, ନାଗାଲାଣ୍ଡ ଓ ଅରୁଣାଚଳ ପ୍ରଶେ ଆଦି ରାଜ୍ୟ) ଆଦି ରାଜ୍ୟମାନଙ୍କରୁ ମିଳିବା ଆରମ୍ଭ କରିଛି । ପୁଣି ଅନୁମାନ କରାଯାଉଛି ଯେ, ଯେଉଁସବୁ ରାଜ୍ୟରେ ଡେଲଟା ପ୍ଲସ୍ ଭୂତାଣୁର ମାତ୍ରା କମ୍ ରହିଛି ସେଠାରେ ସୁଦ୍ଧା ତୃତୀୟ ସଂକ୍ରମଣ ଅଧିକ ମାତ୍ରାରେ ଉତ୍କଟ ଆକାର ଧାରଣ କରିପାରେ । ସେଠାରେ ଏହି ସଂକ୍ରମଣ ଶିଶୁ ଓ କିଶୋରମାନଙ୍କଠାରେ ଅଧିକ ହେବ । ସାମଗ୍ରିକ ଭାବେ ତୃତୀୟ ଲହର ଶିଶୁ ଓ କିଶୋରମାନଙ୍କ ପ୍ରତି ବିଶେଷ ଘାତକ ହେବ ବୋଲି ପୂର୍ବରୁ ଅନୁମାନ କରାଯାଉଥିଲା । ଦେଶରେ କରାଯାଇଥିବା ଚତୁର୍ଥ ସେରୋ ସର୍ଭେ ରିପୋର୍ଟ (ଯାହା ଜୁଲାଇ ମାସରେ ପ୍ରକାଶ ପାଇଛି) ସୂଚାଏ ଯେ, ୬୮ ପ୍ରତିଶତ ନାଗରିକଙ୍କ ଠାରେ କରୋନା ସଂକ୍ରମଣ ପ୍ରତିରୋଧୀ କ୍ଷମତା ବୃଦ୍ଧି ପାଇଛି । କିନ୍ତୁ ତାହା ଦେଶର ସବୁ ରାଜ୍ୟରେ ସମାନ ନୁହେଁ କିମ୍ବା ସେଥିରେ ୧୮ବର୍ଷର ତଳ ଆୟୁର ଶିଶୁ ଓ କିଶୋରମାନେ ସାମିଲ ନୁହଁନ୍ତି । ଏହି ରିପୋର୍ଟ ଆହୁରି ଦର୍ଶାଇଥିଲା ଯେ, ଦେଶର ପ୍ରାୟ ଏକ-ତୃତୀୟାଂଶ ନାଗରିକଙ୍କ ପ୍ରତି ଏବେ ସୁଦ୍ଧା ଅଧିକ ସଂକ୍ରମଣ ବିପଦ ରହିଛି । ସେଥିରେ ଶିଶୁ ଓ କିଶୋର ଏବଂ ଯେଉଁମାନଙ୍କଠାରେ ଏଭଳି କରୋନା ପ୍ରତିରୋଧକ ଶକ୍ତି ବୃଦ୍ଧି ନପାଇଛି ସେମାନେ ସାମିଲ । ତେଣୁ ସରକାରଙ୍କ ପକ୍ଷରୁ ସମ୍ଭାବ୍ୟ ତୃତୀୟ ଲହର ପୂର୍ବରୁ ଟିକାକରଣ କାର୍ଯ୍ୟକ୍ରମକୁ ଯେତିକି ବ୍ୟାପକ କରାଯାଇଛି, ରାଜ୍ୟ ସରକାରମାନଙ୍କ ସହ ସମନ୍ୱୟ ରକ୍ଷା ସହ ହସପିଟାଲମାନଙ୍କରେ ଶିଶୁମାନଙ୍କ ଓ୍ୱାର୍ଡ ଓ ଶଯ୍ୟା ସଂଖ୍ୟା ବୃଦ୍ଧି କରାଯାଉଛି । ଇତିମଧ୍ୟରେ ଶିଶୁମାନଙ୍କ ପାଇଁ କରୋନା ପ୍ରତିଷେଧକ ଟିକାର ତୃତୀୟ ପର୍ଯ୍ୟାୟ ମାନବ ପରୀକ୍ଷଣ କରାଯାଉଛି ଏବଂ ଯେତେଦୂର ଆଶା କରାଯାଏ, ସେପ୍ଟେମ୍ବର ସୁଦ୍ଧା ଏହା ଶିଶୁମାନଙ୍କୁ ଦିଆଯାଇପାରେ । କିନ୍ତୁ ତୃତୀୟ ଲହର ଆଗ ଆସିବ ନା ଶିଶୁମାନଙ୍କ ଟିକା, ତାହାକୁ ନେଇ ଏକ ପ୍ରତିଯୋଗିତା ଚାଲିଛି । ଏହା କେବଳ ଭାରତର ସ୍ଥିତି ନୁହେଁ, ଉଣା ଅଧିକେ ସମଗ୍ର ବିଶ୍ୱ ସେହି ପରିସ୍ଥିତି ଦେଇ ଗତି କରୁଛି । ଟିକାକରଣକୁ ଏବେ କୋଭିଡ ବିରୋଧରେ ଏକମାତ୍ର ଅମୋଘ ଅସ୍ତ୍ର ବୋଲି ସଭିଏଁ ଗ୍ରହଣ କରିସାରିଛନ୍ତି । ତେଣୁ ବିଭିନ୍ନ ଫାର୍ମା କମ୍ପାନୀମାନଙ୍କ ଦ୍ୱାରା ଦୁଇ ଡୋଜର ଟିକା, ସିଙ୍ଗଲ ଡୋଜ ଟିକା, ଶିଶୁମାନଙ୍କ ଟିକା, ନାସିକା ଡ୍ରପ୍ ପ୍ରତିଷେଧକ ଆଦିର ବିକାଶ ଘଟାଯାଉଛି । ସମ୍ଭବତଃ ଏହି ଟିକା ହିଁ ମାନବ ସମାଜ ନିମନ୍ତେ ଭବିଷ୍ୟତରେ ଏକମାତ୍ର ସୁରକ୍ଷା କବଚ ହେବ ।

## ଯୁଗଜନ୍ମା ଚନ୍ଦ୍ରଶେଖର ବେହେରା




ପ୍ର.ଗିରିଜା ଶଙ୍କର ଶର୍ମା

ଧନକଉଡ଼ା, ସଂବଲପୁର
(ମୋ) ୯୪୩୭୦୮୮୬୦୨


ପ୍ରଜ୍ଞାପୁରୁଷ ଚନ୍ଦ୍ରଶେଖର ବେହେରା ସମ୍ବଲପୁର ସନ୍ନିକଟ ଧନକଉଡ଼ା ଗ୍ରାମରେ ୧୮୭୯ ମସିହା 'ମେ' ମାସ କୋଡ଼ିଏ ତାରିଖରେ ଜନ୍ମଗ୍ରହଣ କରିଥିଲେ । ଓଡ଼ିଶା ପ୍ରଦେଶର ଏକତ୍ରୀକରଣ ତଥା ଓଡ଼ିଆ ଭାଷାର ସୁରକ୍ଷା ନିମନ୍ତେ ସେ ଯାହା କରିଯାଇଛନ୍ତି, ତାହା ଓଡ଼ିଶାବାସୀ କେବେ ଭୁଲି ପାରିବେ ନାହିଁ । ଆଜି ତାଙ୍କର ଜୟନ୍ତୀ ଦିନରେ ସେସବୁର ସ୍ମୃତିଚାରଣା କରିବା ଏହି ଆଲେଖ୍ୟର ଉଦ୍ଦେଶ୍ୟ ।

ଉନବିଂଶ ଶତାବ୍ଦୀର ଶେଷ ଭାଗରେ ସମ୍ବଲପୁର ସେଣ୍ଟ୍ରାଲ ପ୍ରୋଭିନ୍ସର ଅଂଶ ବିଶେଷ ଥିଲା । ଏ ଅଞ୍ଚଳର ଲୋକଙ୍କ କଥିତ ଭାଷା ଓଡ଼ିଆ ଥିଲା ଓ ଏହାର ସମସ୍ତ ରାଜକାର୍ଯ୍ୟ ଓଡ଼ିଆ ଭାଷାରେ ହେଉଥିଲା । ୧୮୯୬ ଜାନୁଆରୀ ପହିଲାରୁ ଏଠାରେ ସମସ୍ତ କୋର୍ଟ କୋଚେରୀ ଓଡ଼ିଆ ଭାଷା ପରିବର୍ତ୍ତେ ହିନ୍ଦି ଭାଷାରେ ଚାଲିବା ପାଇଁ ତତ୍କାଳୀନ ମଧ୍ୟ ପ୍ରଦେଶର ଚିପ୍ କମିଶନର ଉଡ଼ବର୍ଣ୍ଣ ଆଦେଶ ଦେଲେ । ଶାସକୀୟ ଭାଷାର ପରିବର୍ତ୍ତନ ପ୍ରବଳ ବିରୋଧର ସମ୍ମୁଖୀନ ହେଲା । ବିଭିନ୍ନ ସଭା ସମିତି ମାଧ୍ୟମରେ ପୁନର୍ବାର ଓଡ଼ିଆକୁ ଏ ଅଞ୍ଚଳର ଭାଷା ରୂପେ ମାନ୍ୟତା ଦେବା ପାଇଁ ଦାବି ଉଠିଲା ଓ ପ୍ରସ୍ତାବମାନ ଗୃହୀତ ହେଲା । ଏ ପ୍ରସ୍ତାବ ଇଂରେଜ ବଡ଼ଲାଟଙ୍କ ଦ୍ୱାରା ଗୃହୀତ ନହେବାରୁ କୋର୍ଟ କଚେରୀ ହିନ୍ଦି ଭାଷାରେ ଚାଲିଲା । ଏ ଅବାଞ୍ଛିତ ଆକ୍ରମଣକୁ ସେତେବେଳେ ଶ୍ରୀପତି ମିଶ୍ର, ଧରଣ ଧର ମିଶ୍ର, ବୈକୁଣ୍ଠନାଥ ପୂଜାରୀ, ବ୍ରଜମୋହନ ପଟ୍ଟନାୟକ ପ୍ରମୁଖ ପ୍ରତିଷ୍ଠିତ ବ୍ୟକ୍ତିଗଣ ଘୋର ବିରୋଧ କଲେ । ସେ ସମୟରେ ନାଗପୁର ସେକ୍ରେଟେରିଏଟ୍‌ରେ କାର୍ଯ୍ୟରତ ଚନ୍ଦ୍ରଶେଖର ବେହେରା ଅଣଓଡ଼ିଆଙ୍କ ଓଡ଼ିଆ ବିରୋଧି ନୀତିକୁ ଲକ୍ଷ୍ୟ କରୁଥିଲେ ଏବଂ ଯଥା ସମ୍ଭବ ଓଡ଼ିଆ ଭାଷାର ସୁରକ୍ଷା ପାଇଁ କାର୍ଯ୍ୟ କରୁଥିଲେ । ସେ ଓଡ଼ିଆ ବିରୋଧିଙ୍କ ସମସ୍ତ କାର୍ଯ୍ୟର ପୂର୍ବ ସୂଚନା ଦେଉଥିଲେ । ୧୯୦୧ରେ ଆଇନ୍ ସ୍ନାତକ ହେବା ପରେ ସେ ଚାକିରୀ ଛାଡ଼ି ସମ୍ବଲପୁରର ପ୍ରଥମ ଓଡ଼ିଆ ଓକିଲ ଭାବରେ ଓକିଲାତି ଆରମ୍ଭ କଲେ । ଓକିଲାତି କରିବା ସହିତ ସେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଓ ଓଡ଼ିଆ ଭାଷାରେ ସମ୍ବଲପୁରରେ ପୁନଃ ପ୍ରଚଳନ ତଥା ଉନ୍ନତି ନିମନ୍ତେ କାମ କରିବା ଆରମ୍ଭ କରିଦେଲେ ।

୧୯୦୧ ମସିହା ଅକ୍ଟୋବର ମାସରେ ଫ୍ରେଜର ସାହେବ ଭାଷା ସମସ୍ୟାର ସମାଧାନ ନିମନ୍ତେ ସମ୍ବଲପୁର ଆସି ପହଞ୍ଚିଲେ । ସେ ପ୍ରାଥମିକ ତଦନ୍ତରୁ ଜାଣିପାରିଲେ ଯେ ଓଡ଼ିଆ ଭାଷାର ପୁନଃ ପ୍ରତିଷ୍ଠା ପାଇଁ ଏ ଅଞ୍ଚଳର ସମସ୍ତେ ଆଗ୍ରହୀ । ଏ ସମୟରେ ଚନ୍ଦ୍ରଶେଖର ବେହେରା ଓ ତାଙ୍କ ଅନୁଗତ ବ୍ୟକ୍ତିଙ୍କ କାର୍ଯ୍ୟ ପ୍ରସଂଶନୀୟ ଥିଲା ଜନ ସାଧାରଣଙ୍କ ମତାମତକୁ ସମ୍ମାନ ଦେଇ ୧୯୦୩ ଜାନୁଆରୀ ମାସରୁ ଓଡ଼ିଆ ଭାଷାର ପୁନଃ ପ୍ରଚଳନ ହେଲା ।

୧୯୦୪ ମସିହାରେ ଚନ୍ଦ୍ରଶେଖର ବେହେରାଙ୍କ ସମେତ ଅନ୍ୟକେତେ ନେତୃସ୍ଥାନୀୟ ଲୋକ ସମ୍ବଲପୁର ଜିଲ୍ଲାକୁ ବଂଗପ୍ରଦେଶର ଓଡ଼ିଆ ଡିଭିଜନ୍‌ରେ ମିଶେଇବା ପାଇଁ ପ୍ରସ୍ତାବ ଦେଇ ସରକାରଙ୍କୁ ଆବେଦନ କରିବାରୁ ୧୯୦୫ ମସିହାରେ ତାହା କାର୍ଯ୍ୟକାରୀ ହୋଇଥିଲା । ଏହା ହେବା ଫଳରେ ଓଡ଼ିଆବାସୀଙ୍କ ସ୍ୱପ୍ନର କିଛିକାଂଶ ବାସ୍ତବତାରେ ରୂପାନ୍ତରୀତ ହୋଇଥିଲା ।

ସେ ସମୟରେ ଲୋକ ଗୌରବ ମଧୁସୂଦନ ଦାସ ଭାଷା ଭିତ୍ତିରେ ଓଡ଼ିଶାପ୍ରଦେଶ ଗଠନ ପାଇଁ ଆପ୍ରାଣ ଉଦ୍ୟମ ଚଳଇଥାନ୍ତି । ଭାଷାର ଉତ୍‌ଥାନ ଓ ଓଡ଼ିଶାପ୍ରଦେଶ ଗଠନର ନେତୃତ୍ୱ ନେବା ପାଇଁ ଉତ୍କଳ ସମ୍ମିଳନୀ ୧୯୦୩ ମସିହାରେ ଗଠିତ ହୋଇଥିଲା । ଏହାର ବିଶିଷ୍ଟ କର୍ମୀ ଶ୍ରୀ ଦାମୋଦର କର ସମ୍ବଲପୁର ଆସିଲେ ଚନ୍ଦ୍ରଶେଖରଙ୍କର ଆତିଥ୍ୟ ଗ୍ରହଣ କରୁଥିଲେ । ୧୯୧୯ ମସିହାରେ ପୁରୀରେ ଅନୁଷ୍ଠିତ ହୋଇଥିବା ଉତ୍କଳ ସମ୍ମିଳନୀରେ ଶ୍ରୀ ବେହେରା ସଭାପତି ଆସନ ଅଳଂକୃତ କରିଥିଲେ । ଭାଷାର ଉନ୍ନତି ନ ହେଲେ ଜାତି ରସାତଳକୁ ଯାଏ ଏହି ଧାରଣା ତାଙ୍କ ଭିତରେ ପ୍ରଚ୍ଛନ୍ନ ଭାବରେ ରହିଥିଲା । ସେଥିପାଇଁ ସେ ମାତୃଭୂମି ଓ ମାତୃଭାଷାର ମଙ୍ଗଳ ନିମନ୍ତେ ନିଃସ୍ୱାର୍ଥପର ଭାବରେ ସଂଗ୍ରାମ ଚଳାଇ ଥିଲେ ।

ସମାଜରୁ ଅନ୍ଧବିଶ୍ୱାସ ଓ କୁସଂସ୍କାର ଦୂର ନହେଲେ ଦେଶ ଆଗେଇ ପାରିବ ନାହିଁ ବୋଲି ତାଙ୍କର ଦୃଢ଼ ବିଶ୍ୱାସ ଥିବାରୁ ସେ ଶିକ୍ଷାର ପ୍ରସାର ଉପରେ ଗୁରୁତ୍ୱ ଆରୋପ କରୁଥିଲେ ନାରୀ ଶିକ୍ଷାର ପ୍ରଚାର ପ୍ରସାର ତାଙ୍କର ପ୍ରାଥମିକ ସାରଣୀ ଅନ୍ତର୍ଗତ ଥିଲା । ସେ ଜାଣି ଥିଲେ ଯେ ନାରୀଶିକ୍ଷା ସକାସେ ତାଙ୍କ ସମୟର ସମାଜ ବିଶେଷ ଭାବରେ ପ୍ରସ୍ତୁତ ନୁହେଁ । ପୁରୁଷ ପ୍ରଧାନ ସମାଜରେ ନାରୀମାନଙ୍କୁ ତାଙ୍କର ଉପଯୁକ୍ତ ସ୍ଥାନ ଦେବା ପାଇଁ ଲୋକ ସେତେବେଳେ ପ୍ରସ୍ତୁତ ନଥିଲେ । ଅନ୍ଧବିଶ୍ୱାସ, ସାମାଜିକ କୁସଂସ୍କାର ଓ ନିମ୍ନ ମାନସିକତା ନାରୀ ଶିକ୍ଷାର ଅଗ୍ରଗତି ଦିଗରେ ଅନ୍ତରାୟ ଥିଲା । ବୈଦିକ ଯୁଗରେ ଭାରତୀୟମାନେ ନାରୀ ଶିକ୍ଷାକୁ ପ୍ରାଧାନ୍ୟ ଦେଇଥିବାରୁ ସେ ସମୟରେ ବହୁ ବିଦୁଷୀ ନାରୀଙ୍କର ଆବିର୍ଭାବ ହୋଇଥିଲା ଓ ସମାଜର ପ୍ରଗତି କ୍ଷେତ୍ରରେ ସେମାନେ ମଧ୍ୟ ଯୋଗଦାନ ଦେଇ ପାରିଥିଲେ । ଲୀଳାବତୀଙ୍କ ଗଣିତ ଶାସ୍ତ୍ରରେ ଅଗାଧ ପାଣ୍ଡିତ୍ୟ ଥିଲା । ସେ ଆବିଷ୍କାର କରିଥିବା ଗାଣିତିକ ସୂତ୍ର ଯାହା ଲୀଳାବତୀ ସୂତ୍ର ନାମରେ ପରିଚିତ ତାହା ଆଜି ମଧ୍ୟ ପ୍ରଚଳିତ । ଚନ୍ଦ୍ରଶେଖର ବେହେରା ନାରୀ ଶିକ୍ଷାର ଦୃଢ଼ ସମର୍ଥକ ଥିବାରୁ, ନାରୀ ଶିକ୍ଷାର ପ୍ରଗତି ନିମନ୍ତେ ଯଥାସାଧ ଚେଷ୍ଟା କରି ଯାଇଛନ୍ତି । ସେ ସମ୍ବଲପୁରର ନଗରପାଳ ଥିବା ସମୟରେ ସ୍ୱାସ୍ଥ୍ୟ, ଶିକ୍ଷା ଓ ପାନୀୟ ଜଳ ଯୋଗାଣ ଦିଗରେ ବହୁ ପଦକ୍ଷେପ ନେଇଥିଲେ । ସେ କେତୋଟି ଅବୈତନିକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରି ମାଗଣା ଶିକ୍ଷାଦାନର ବ୍ୟବସ୍ଥା କରିଥିଲେ । ତାଙ୍କ ଦ୍ୱାରା ସ୍ଥାପିତ ଆଦିବାସୀ ହରିଜନ ସ୍କୁଲ ସମଗ୍ର ଦେଶ ପାଇଁ ଉଦାହରଣ ସୃଷ୍ଟି କରିଥିଲା ।

ଚନ୍ଦ୍ରଶେଖର ଅତିସରଳ ଓ ନିରାଡ଼ମ୍ବର ଜୀବନଯାପନ କରୁଥିଲେ । ତାଙ୍କ ହୃଦୟର ତୀବ୍ର ଦେଶାତ୍ମବୋଧର ଅଗ୍ନି ପ୍ରଜ୍ୱଳିତ ହେଉଥିଲା । ସ୍ୱାଧୀନତା ଆନ୍ଦୋଳନରେ ସେ ଏ ଅଞ୍ଚଳର ପ୍ରତିନିଧି । ତାଙ୍କର ସମ୍ମାନାର୍ଥେ ସମ୍ବଲପୁରବାସୀ ତାଙ୍କୁ ୧୯୩୫ ମସିହାରେ ଉଚ୍ଛାସିତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ୧୯୩୬ ମସିହା ଜାନୁଆରୀ ୨୭ ତାରିଖ ଦିନ ଏହି ମହାନ୍ କର୍ମଯୋଗୀଙ୍କ ପାର୍ଥିବ ଶରୀରର ଅନ୍ତ ହୋଇଥିଲା । ସେ ଏବେ ଆମ ଗହଣରେ ନଥିଲେ ମଧ୍ୟ ତାଙ୍କର ଅମଳିନ ସ୍ମୃତି ସବୁ ଆଜି ପର୍ଯ୍ୟନ୍ତ ରହିଛି ।

## ରାକ୍ଷୀ ପୂର୍ଣ୍ଣିମା




ଡଃ ମାଙ୍ଗଳିକା ମହାପାତ୍ର

ରେଭେନସା ବିଶ୍ୱବିଦ୍ୟାଳୟ
(ମୋ) ୯୪୩୭୮୬୧୯୯୯


ରାକ୍ଷୀ ପୂର୍ଣ୍ଣିମା ବା ଗହ୍ମା ପୂର୍ଣ୍ଣିମା : ଏକ ଜନପ୍ରିୟ ପାରମ୍ପରିକ ହିନ୍ଦୁ ପର୍ବ। ଏହି ପର୍ବ ଭାଇ ଓ ଭଉଣୀଙ୍କ ସମ୍ପର୍କକୁ ଦୃଢ କରିଥାଏ। ଏହି ଦିନ ଭଉଣୀ ଭାଇ ହାତରେ ରାକ୍ଷୀ ବାନ୍ଧିଥାଏ ଓ ତାର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପ୍ରାର୍ଥନା କରିଥାଏ। ତା ବଦଳରେ ଭାଇ, ତା'ର ଭଉଣୀକୁ ରକ୍ଷା କରିବାର ସଂକଳ୍ପ ନେଇଥାଏ। ଏହି ପର୍ବ ଦକ୍ଷିଣ ଏସିଆରେ ପାଳନ କରାଯାଏ ।

ଶ୍ରାବଣ ପୂର୍ଣ୍ଣିମା ବା ଗହ୍ମା ପୂର୍ଣ୍ଣିମାକୁ ପ୍ରଭୁ ବଳଭଦ୍ରଙ୍କ ଜନ୍ମ ତିଥିଭାବେ ଗ୍ରହଣ କରାଯାଏ । ହଳମୂଷଳ ଧାରଣ କରିଥିବା ବଳଭଦ୍ରଙ୍କୁ ସମ୍ମାନ ଜଣାଇ ଏହିଦିନ ଗୋମାତାଙ୍କୁ ପୂଜା କରାଯାଏ । ସେମାନଙ୍କୁ ଗାଧୋଇ ଦିଆଯାଇ ତାଙ୍କ ଶିଙ୍ଗରେ ରାକ୍ଷୀ ବାନ୍ଧିବା ଏବଂ ପିଠା ଖାଇବାକୁ ଦେବାର ପରମ୍ପରା ରହିଛି। ବ୍ରାହ୍ମଣ ମାନେ ଏହିଦିନ ମନ୍ତୁରା ପଇତା ମଧ୍ୟ ପ୍ରଦାନ କରିଥାନ୍ତି। ଏହି ପଇତା ପିନ୍ଧିଲେ ବ୍ରହ୍ମରାକ୍ଷସ କବଳରୁ ମୁକ୍ତି ମିଳେ ବୋଲି ବିଶ୍ୱାସ ରହିଛି ।

କୃଷ୍ଣଙ୍କ ବଡ଼ଭାଇ ଭଗବାନ୍ ବଳରାମ ଏହି ଦିନ ଅବତୀର୍ଣ୍ଣ ହୋଇଥିଲେ । ତେଣୁ ଏହି ଦିନଟିକୁ ବଳରାମ ଜୟନ୍ତୀ ରୂପେ ପାଳନ କରାଯାଏ। ଏହିଦିନ ସବୁ ପାଳିତ ପଶୁ ଗାଇ, ଗୋରୁ ଆଦିଙ୍କୁ ସଜାଯାଏ ଏବଂ ପୂଜା କରାଯାଏ। ବିଭିନ୍ନ ପ୍ରକାରର ପିଠା ଓ ମିଠା ତିଆରି କରାଯାଏ ଏବଂ ପରିବାର, ବନ୍ଧୁ ବାନ୍ଧବ ମାନଙ୍କ ମଧ୍ୟରେ ବଣ୍ଟା ଯାଇଥାଏ ।

ପୁରାଣ ଓ ଇତିହାସରେ ରହିଛି ରକ୍ଷାବନ୍ଧନର ଅନେକ ଘଟଣା । ପୁରାଣରେ ଅସୁର ରାଜାବଳିଠାରୁ ମୋଗଲ ସମ୍ରାଟ ହୁମାୟୁନଙ୍କ ଯାଏ ରାକ୍ଷୀ ପୂର୍ଣ୍ଣିମା ଭଉଣୀର ସମ୍ମାନ ରକ୍ଷା କରିଆସିଛି। ମହାଭାରତରେ ମଧ୍ୟ ରାକ୍ଷୀ ପୂର୍ଣ୍ଣିମାକୁ ନେଇ ପୌରାଣିକ କାହାଣୀ ରହିଛି। ଶ୍ରୀକୃଷ୍ଣଙ୍କ କଟି ଯାଇଥିବା ଆଙ୍ଗୁଳିରେ ଦ୍ରୌପଦୀ ନିଜ ପିନ୍ଧା ଶାଢ଼ୀକୁ ଚିରି ବାନ୍ଧି ଦେଇଥିଲେ, ଫଳରେ ରକ୍ତ ଝରିବା ବନ୍ଦ ହୋଇ ଯାଇଥିଲା। ଦ୍ରୌପଦୀଙ୍କ ମଧ୍ୟରେ ଶ୍ରୀକୃଷ୍ଣ ଭଉଣୀର ସ୍ନେହ ପାଇଥିଲେ। ଏଥିପାଇଁ ଯେତେବେଳେ କୁରୁସଭାରେ ଦ୍ରୌପଦୀଙ୍କୁ କୌରବ ମାନେ ବିବସନା କରିବାକୁ ଚେଷ୍ଟା କରୁଥିଲେ, ସେତେବେଳେ ଶ୍ରୀକୃଷ୍ଣ ବସ୍ତ୍ର ଦାନକରି ଦ୍ରୌପଦୀଙ୍କ ସମ୍ମାନ ରକ୍ଷା କରିଥିଲେ।

ଇତିହାସରେ ମଧ ରହିଛି ରକ୍ଷାବନ୍ଧନ। ମାସିଡୋନିଆର ସମ୍ରାଟ ଆଲେକଜାଣ୍ଡର ଭାରତ ଉପରେ ବିଜୟ ଲାଭ ପାଇଁ ଅଗ୍ରସର ହେଉଥିବା ବେଳେ ଯୁଦ୍ଧରେ ରାଜା ପୁରୁଙ୍କ ଠାରୁ ପରାସ୍ତ ହୋଇଥିଲେ । ସେତେବେଳେ ଆଲେକଜାଣ୍ଡରଙ୍କ ପତ୍ନୀ ରୁକ୍ସାନା ପୁରୁଙ୍କ ନିକଟକୁ ରାକ୍ଷୀ ପ୍ରେରଣ କରିଥିଲେ। ପୁରୁ ତାଙ୍କୁ ଭଉଣୀ ରୂପେ ଗ୍ରହଣ କରିଥିଲେ।

ରାକ୍ଷୀ ପୂର୍ଣମା ଶ୍ରାବଣ ମାସର ପୂର୍ଣ୍ଣମୀ ଦିନ ପାଳନ କରାଯାଇଥାଏ। ଗୁଜୁରାଟ, ମହାରାଷ୍ଟ୍ର, ଗୋଆ, କର୍ଣ୍ଣାଟକ ଆଦି ସ୍ଥାନରେ ଶ୍ରାବଣ ପୂର୍ଣ୍ଣିମା 'ନାରିକେଳ ପୂର୍ଣ୍ଣିମା' ରୂପେ ପାଳିତ ହୋଇଥାଏ । ଏହିଦିନ ସମୁଦ୍ର ଦେବତା ବରୁଣଙ୍କୁ ନାରିକେଳ ବା ନଡ଼ିଆ ପ୍ରଦାନ କରାଯାଏ। ଉପକୂଳବର୍ତ୍ତୀ ଅଞ୍ଚଳ ବିଶେଷ କରି ଯେଉଁମାନେ ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ ସମୁଦ୍ର ଉପରେ ନିର୍ଭର କରନ୍ତି, ସେମାନଙ୍କ ପାଇଁ ଏହି ପର୍ବ ଯଥେଷ୍ଟ ମହତ୍ତ୍ୱ ରଖେ । ଗୁଜୁରାଟରେ ଏହି ଦିନ 'ପବିତ୍ରୋପନ'ମଧ ପାଳିତ ହୋଇଥାଏ। ଶ୍ରାବଣ ମାସର ପ୍ରତି ସୋମବାର ଶିବ ମନ୍ଦିରରେ ଜଳ ଲାଗି ସହ ପୂର୍ଣ୍ଣମୀରେ ଏହି ପର୍ବ ବହୁ ଆଡମ୍ବର ସହ ପାଳିତ ହୋଇଥାଏ । ଉତ୍ତର ଭାରତରେ ଏହି ପର୍ବ 'କାଜରି ପୂର୍ଣମା' ଭାବେ ଜଣାଶୁଣା।

ଭଲ ଫସଲ ଉତ୍ପାଦନ ପାଇଁ ଏହି ଦିନ ଦେବୀଙ୍କୁ ପୂଜା କରା ଯାଇଥାଏ। ତେବେ ଏହା ସବୁ ସ୍ଥାନରେ ନୁହେଁ, ସ୍ଥାନୀୟ ଭାବେ ପାଳିତ ହୋଇଥାଏ। ଉତ୍ତର ପ୍ରଦେଶ, ମଧ୍ୟ ପ୍ରଦେଶ ଓ ଛତିଶ ଗଡ଼ରେ ଏହା ପାଳିତ ହୋଇଥାଏ। ତେବେ ଦକ୍ଷିଣ ଭାରତରେ ଏହି ତିଥିକୁ 'ଅବନୀ ଅଭିଟ୍ଟମ' ବୋଲି କୁହାଯାଏ। ଏହାକୁ ଓଡ଼ିଶାର ବ୍ରାହ୍ମଣୀ ଶାସନରେ 'ଶ୍ରାବଣୀ ବେଦଉପାକର୍ମ' ମଧ୍ୟ କୁହାଯାଏ। ବ୍ରାହ୍ମଣମାନେ ଏହିଦିନ ପବିତ୍ର ବୁଡ଼ ପକାଇ ଶ୍ଳୋକ ଉଚ୍ଚାରଣ ସହ ଯଜ୍ଞୋପବୀତ ଧାରଣ କରିଥାନ୍ତି।

ଭାଇ- ଭଉଣୀଙ୍କ ଅତୁଟ ସ୍ନେହ ଓ ପ୍ରେମର ସାକ୍ଷୀ ଏହି ରାକ୍ଷୀ ପୂର୍ଣ୍ଣିମା ପ୍ରତିବର୍ଷ ସମ୍ପର୍କକୁ ପୂର୍ବ ଅପେକ୍ଷା ଆହୁରି ମଜବୁତ୍ କରିଥାଏ। ଚଳିତ ବର୍ଷ ରାକ୍ଷୀ ପୂର୍ଣ୍ଣିମା ଅଛି ସତ, କିନ୍ତୁ ଅନେକ ଭାଇଙ୍କ ପାଖରେ ଭଉଣୀର ସ୍ନେହର ଡୋରି ପହଞ୍ଚିବା ଯେପରି ସ୍ୱପ୍ନ ପାଲଟି ଯାଇଛି।

କରୋନା ଭୟରେ ଦେଶରେ ଲାଗୁ ହୋଇ ଚାଲିଥିବା ଗୋଟାଏ ପରେ ଗୋଟାଏ ଲକ୍ ଡାଉନ୍ ଲୋକମାନଙ୍କ ବଞ୍ଚିବା ମୁସ୍କିଲ୍ କରିଛି ଯେତେବେଳେ ପର୍ବ ପାଳନ ର ବା ଆଉ କେତେ ଗୁରୁତ୍ୱ ..!!!

## କବିତା କୋଣାର୍କ

### ସମ୍ପର୍କର ମୂଲ୍ୟ

ପ୍ରଦୀପ୍ତ ଆଚାର୍ଯ୍ୟ



ଚକ୍ଷୁରେ ଯାହାର, ନିଦ୍ରା ଭରପୁର,
ବିଛଣା ସେ ପାଏନାହିଁ,
ସୁନ୍ଦର ବିଛଣା, ଥାଇ
ପାଶେ ଥୋକେ,
କଲବଲ ନିଦ୍ରା ପାଇଁ ।
ଦୟାଭାବ ଯାର, ହୃଦୟେ ପୁରିତ,
ସମ୍ବଳ ନାହିଁ ତା ପାଶେ,
ପ୍ରାଚୁର୍ଯ୍ୟତା ମଧ୍ୟେ, ରହିଥିବା ଜନ,
ହୃଦୟେ ଦୟା ନଆସେ ।
ସତ୍ୟର ଆଶ୍ରୟ, ନେଉଥିବା ବ୍ୟକ୍ତି,
ଜଗତ ଚକ୍ଷୁରେ ଦୋଷୀ,
ମିଥ୍ୟାବାଦୀ ଲୋକ, କରଇ ପ୍ରମାଣ,
ନିଜକୁ ସଦା ନିର୍ଦ୍ଦୋଷୀ ।
ସମ୍ପର୍କର ମୂଲ୍ୟ, ବୁଝିଥିବା ବ୍ୟକ୍ତି,
ସମ୍ପର୍କ ନପାଏ ଖୋଜି,
ଯା ସାଥେ ସମ୍ପର୍କ, ରଖିବାକୁ ଇଚ୍ଛା,
ମୂଲ୍ୟ ସେ ପାରେନି ବୁଝି ।


+ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ,
ଈଶାଣୀବ୍ରହ୍ମପୁର,କଟକ।
(ମୋ)୬୩୭୧୫୯୩୨୨୦


### ପବିତ୍ର ପରବ ରାକ୍ଷୀ

ଅମୂଲ୍ୟ କୁମାର ପଣ୍ଡା



ବରଷକେ ଥରେ ଆସିଛି ଆଜିରେ
ପବିତ୍ର ପରବ ରାକ୍ଷୀ
ଭଉଣୀର ରକ୍ଷା କବଚ ଭାଇଟି
ରାକ୍ଷୀ ଅଟେ ତାର ସାକ୍ଷୀ।

ଓଡ଼ିଆ ଘରର ପରମ୍ପରା ଅଟେ
ଶ୍ରାବଣ ପୂର୍ଣ୍ଣିମା ଏହି
ରାକ୍ଷୀ ପୂର୍ଣ୍ଣମୀଟି କହିଥାଏ କିଏ
ଗହ୍ମା ପୁନେଇଁ ବି କେହି।

ଭାଇ ଭଉଣୀର ପ୍ରୀତି ବନ୍ଧନ ଏ
ଭାଇଚାରା ଭାବ ଦିଏ
ଜାତି ଭେଦ ଭାବ ନାହିଁ ଏ ପରବେ
ଆପଣାର କରି ନିଏ।

ଭାବର ସୁତାରେ ଭଉଣୀ ପ୍ରୀତିରେ
ମିଶାଇ ଗୁନ୍ଥଇ ରାକ୍ଷୀ
ଗୁନ୍ଥିବା ପାଇଁକି ବିତେ ସାରା ବର୍ଷ
ଶ୍ରାବଣ ତାହାର ସାକ୍ଷୀ।

ଅନ୍ତରର ସ୍ନେହ ଶ୍ରଦ୍ଧାର କୁସୁମେ
ରାକ୍ଷୀ ତା ଉଠଇ ହସି
ହୃଦୟକୁ କରି ବନ୍ଦାପନା ଥାଳି
ଭାଇ ପାଖେ ଯାଏ ବସି।

ରାକ୍ଷୀ ପରବକୁ ଆନନ୍ଦେ ପାଳିବା
ପର ଆପଣା ନ ଭାବି
ଭଉଣୀ ପାଇଁକି ପ୍ରିୟ ଭାଇ ତାର
ଅଟେ ସୁରକ୍ଷାର ଚାବି।


+ ଅରଙ୍ଗାବାଦ, ବରୀ, ଯାଜପୁର
(ମୋ) ୯୯୩୮୯୦୬୦୭୦


### ଗୋଟେ ସମ୍ପର୍କ

ସୁଧାଂଶୁ ଶେଖର ଦ୍ୱିବେଦୀ



ଗୋଟେ ସମ୍ପର୍କ
ଗୋଟେ ଡୋରି
ଗୋଟେ କଚଟି
ଲଢେଇ ଝଗଡ଼ା
ରଷିବା ମନେଇବା
ମାନ ଅଭିମାନ
ଭଲ ପାଇବା ଭୁଲିଯିବା
ସ୍ନେହ ବିତୃଷ୍ଣା
ସମ୍ମାନ ଅସମ୍ମାନ
ହାରିବା ଜିତିବା
ଅଭିଯୋଗ ସହମତି
ଦୁଃଖ ସୁଖ
କେବେ ଯୁବାବସ୍ଥା
କେବେ ବୃଦ୍ଧାବସ୍ଥା
କେବେ ଅନଭିଜ୍ଞ
କେବେ ବିଜ୍ଞ ଏବଂ
କେବେ ଅଜ୍ଞର
ଏକ ପବିତ୍ର ବନ୍ଧନ।
ଗୋଟେ ସମ୍ପର୍କ ବନ୍ଧନର
ଗୋଟେ ସମ୍ପର୍କ ଭଲ ପାଇବାର
ଗୋଟେ ସମ୍ପର୍କ ସଦ୍ଭାବନାର
ଗୋଟେ ସମ୍ପର୍କ ଭାଇ ଭଉଣୀର
ଏବଂ ଗୋଟେ ସମ୍ପର୍କ ରାକ୍ଷୀର
ଏକ ପବିତ୍ର ବନ୍ଧନ।


+ ବିସି-୭୪, ସଲଟ
ଲେକ,କଲକତା-୭୦୦୦୬୪
ମୋ-୯୬୮୧୩୭୩୫୧୨


### ରେଶମ ଡୋରି

ଶକୁନ୍ତଳା ମହାପାତ୍ର



ରେଶମର ଡୋରି ଭାବିବୁନି ଭାଇ
ରାକ୍ଷୀ ବାନ୍ଧିଲି ତୋ ହାତରେ
ରାକ୍ଷୀ ସାକ୍ଷି ଆମ ପବିତ୍ର ପ୍ରେମର
ସାଇତିବୁ ହୃଦ କନ୍ଦରେ ।।

ତୁ ମୋର ଜଗା ତୁ ମୋର ବଳିଆ
ମୁଁ ତୋର ଶୁଭଦ୍ରା ଭଉଣୀ
ବିପଦ ଆପଦୁ ରକ୍ଷା କରୁଥିବୁ
ଏତିକି ମୋର ମାଗୁଣି ।।

ଅନ୍ତରରୁ କେବେ କରିବୁନି ଦୂର
ଭାବିବୁନି ପର ବୋଲି
ମୁଁ ତୋର ଭଉଣୀ ଅଟେ ଅଲିଅଳି
ସଦା ସୁକୁମାରୀ ଗେହ୍ଲୀ ।।

ଟାଣ କଥା କେବେ କହିବୁନି ମୋତେ
ଝରିବ ଆଖିରୁ ଲୁହ
ମୁହଁ ଖୋଲି କିଛି ପାରିବିନି କହି
ହୃଦରେ ଭରିବ କୋହ ।।

ମାଗିବିନି ତୋତେ ସୁନା ରୂପା ହୀରା
ଅମୂଲ୍ୟ ସମ୍ପଦ ଜମା
ଦୋଷ ମୋର କେବେ ନଧରି ମନରେ
କରୁଥିବୁ ସଦା କ୍ଷମା ।।

ଜୀଇଁ ଥିବା ଯାଏ ଏହି ଦିନ ସଦା
ବାନ୍ଧୁଥିବି ତୋତେ ରାକ୍ଷୀ
ତୋ ଶୁଭ ମନାସି ମଥାନତ କରେ
କାଳିଆ କୁ ରଖି ସାକ୍ଷୀ ।।


+ ଡିଏଭି ପବ୍ଲିକ ସ୍କୁଲ
ଭୁବନେଶ୍ୱର
(ମୋ)୯୪୩୯୮୫୬୨୯୯






### ଅତୁଟ ସମ୍ପର୍କ

ରଶ୍ମି ସାମଲ



ବନ୍ଧନର ସେହି ସରୁ ସୁତା ଟିଏ
ନାଁଆଟି ତାର ରାକ୍ଷୀ
ଭାଇ ଭଉଣୀର ଅତୁଟ ସମ୍ପର୍କ
ଅଟଇ ସେ ମୁକ ସାକ୍ଷୀ।

ଧୂପ ଦୀପ ଫୁଲ ଅକ୍ଷତ ଚନ୍ଦନ
ପୂଜା ଥାଳିଟେ ସଜେଇ
ଭଉଣୀ ଟିଏ ଯେ ଅପେକ୍ଷାରେ ଥାଏ
ଭାଇ ଆସିବା ବାଟକୁ ଚାହିଁ।

ରାକ୍ଷୀଟିଏ ବାନ୍ଧି ଭଉଣୀ ହାତରୁ
ଭାଇର ବଡୀମା ଟେକ
ଭାଇର ଜୀବନ ରାକ୍ଷୀ ପୂର୍ଣ୍ଣିମାରେ
ହୁଏ କି ସତେ ସାର୍ଥକ।

ସ୍ନେହ ମମତାକୁ ରେଶମୀ
ଡୋରୀରେ ବାନ୍ଧି ଦିଏ ଭାଇ ହାତେ।
ସୁଦୃଢ ଭାବେ ଆଗେ ବଢ଼ିବାକୁ
ମନେ ଭରି ତାର ସର୍ବ ସାନ୍ତ୍ୱନା
ଦେଇଥାଏ ଭାଇ ଭଉଣୀକୁ।

ଭାଇ ମୁହଁ ଦେଖି ଭଉଣୀର
ସବୁ ଦୁଃଖ ଭୁଲି ହୋଇଯାଏ
ଭାଙ୍ଗିଯାଏ ନାହିଁ ଏହି ନିଆରା ସମ୍ପର୍କ
ଭଉଣୀ ମାନ ଭାଇ ସଦା ରଖି ଥାଏ ।

ଭଉଣୀ ଟିଏ ଯେ ସ୍ଥିର ଚିତ ହୋଇ
ଭକ୍ତି ଭାବରେ ଶୁଭ ଚିନ୍ତା କରି
ସେହି ପ୍ରଭୁ ପାଶେ ବସିଥାଏ
ଆରାଧ ଦେବତା ବଳ ଦେବଙ୍କର
ଜନମ ଦିନରେ ଆଜି
ଆଶିଷ ମନାସେ ଭାଇ ପାଇଁ
ପୁଣି ପ୍ରଭୁଙ୍କ ପୟରେ ପୁଜି।


+ ଭୁବନେଶ୍ୱର
(ମୋ) ୯୪୩୭୧୧୫୮୬୫



# ଫୁଲ ଫୁଲ କଢ଼ି







କାର୍ତ୍ତିକ ସାଇଁ

## ମିନା ଅପାଙ୍କ ରାମାୟଣ ଟୁର୍ଣ୍ଣି (୯)

# ମହାରାଜା ରଘୁ ଓ ଅଜ



(ପୂର୍ବ ପ୍ରକାଶିତ ଉତ୍ତାରୁ)

ମିନା ଅପା ଆସିବା ଆଗରୁ ପିଲାମାନେ ନରହରିପୁର ପାଠାଗାରରେ ପଂହଚି ଯାଉଥିଲେ। ମିନା ଅପା ପହଂଚିବା ମାତ୍ରେ ପ୍ରଥମେ ପାଂଚ ମିନିଟ୍ ଲାଗି ସମସ୍ତେ ପ୍ରାର୍ଥନା କରୁଥିଲେ ଓ ବିଶ୍ୱର ମଙ୍ଗଳ କାମନା କରୁଥିଲେ।

ପିଲାମାନେ, ପ୍ରଭୁ ଶ୍ରୀ ରାମଚନ୍ଦ୍ରଙ୍କୁ ରଘୁକୁଳ ତିଳକ ବୋଲି କୁହାଯାଉଥିଲା। ସୂର୍ଯ୍ୟ ବଂଶରେ ଜଣେ ପିତୃଭକ୍ତ ଓ ପରାକ୍ରମୀ ରାଜା ଥିଲେ। ତାଙ୍କ ନାମ ରଘୁ। ଆଜି ମୁଁ ରଘୁ ଓ ଶ୍ରୀରାମଙ୍କ ଜେଜେଙ୍କ କଥା କହିବି।

ସୂର୍ଯ୍ୟ ବଂଶରେ ଜଣେ ରାଜା ଥିଲେ। ତାଙ୍କ ନାମ ଦିଲ୍ଲୀପ। ଦିଲୀପଙ୍କ ପୁତ୍ର ଥିଲେ ରଘୁ। ଦିଲୀପ ବହୁତ ପରାକ୍ରମୀ ରାଜା ଥିଲେ। ସେ ଅନେଶ୍ୱତ ଅଶ୍ୱମେଧ ଯଜ୍ଞ କରୁଥିଲେ। ସେ ଯୁଗରେ ରାଜାମାନେ ଅଶ୍ୱମେଧ ଯଜ୍ଞ କରି ନିଜର ପ୍ରଭୁତ୍ୱର ପ୍ରତିଷ୍ଠା କରୁଥିଲେ।

ପୁତ୍ର ରଘୁ ବହୁତ ପରାକ୍ରମୀ ଯୋଦ୍ଧା ଥିଲେ। ପିତାଙ୍କ ଆଦେଶରେ ସେ ଅଶ୍ୱମେଧ ଯଜ୍ଞକରି ନିଜର ପ୍ରଭୁତ୍ୱର ପ୍ରତିଷ୍ଠା କରୁଥିଲେ।

ପୁତ୍ର ରଘୁ ବହୁତ ପରାକ୍ରମୀ ଯୋଦ୍ଧା ଥିଲେ। ପିତାଙ୍କ ଆଦେଶରେ ସେ ଅଶ୍ୱମେଧ ଯଜ୍ଞର ଘୋଡ଼ା ସହିତ ସବୁଆଡ଼େ ବୁଲିଲେ। ପୃଥିବୀ ଉପରେ ତାଙ୍କ ଘୋଡ଼ାକୁ ମାୟାବଳରେ ଯଜ୍ଞ ଅଶ୍ୱକୁ ଅପହରଣ କରିନେଲେ।

ଇନ୍ଦ୍ରଙ୍କର ଭୟ ଥିଲା- ମହାରାଜା ଦିଲୀପ ଏକଶତ ଅଶ୍ୱମେଧ ଯଜ୍ଞ କଲେ ତାଙ୍କୁ ଇନ୍ଦ୍ର ପଦ ପ୍ରାପ୍ତି ହେବ। ସେଇ ଡରରେ ଇନ୍ଦ୍ର ଏପରି କାର୍ଯ୍ୟ କଲେ।

ଯଜ୍ଞ ଅଶ୍ୱକୁ କିଏ ନେଲା କେହି ଜାଣିପାରିଲେନି। ରଘୁ ଚିନ୍ତାରେ ପଡ଼ିଗଲେ। ଏହି ସମୟରେ ବଶିଷ୍ଠ ଋଷିଙ୍କ ଧେନୁ ନନ୍ଦିନୀ ରଘୁଙ୍କ ସାମ୍ନାରେ ପ୍ରକଟ ହେଲେ। ନନ୍ଦିନୀଙ୍କ କୃପାର ରଘୁ ଇନ୍ଦ୍ରଙ୍କୁ ଯଜ୍ଞ ଅଶ୍ୱ ନେଇଯାଉଥିବାର ଦେଖିଲେ।

ରଘୁ ଇନ୍ଦ୍ରଙ୍କୁ ଡାକ ଦେଲେ ଓ ଅନୁରୋଧ କଲେ ଯଜ୍ଞ ଅଶ୍ୱକୁ ଛାଡ଼ି ଦେବାକୁ। ମାତ୍ର ଇନ୍ଦ୍ର ତାଙ୍କ କଥା ଶୁଣିଲେନି। ରଘୁ ପରାକ୍ରମୀ ରାଜକୁମାର ଥିଲେ ଓ ତାଙ୍କ ପାଖରେ ଅନେକ ଦିବ୍ୟାସ୍ତ୍ର ଥିଲା। ସେ ସଂଗେ ସଂଗେ ଇନ୍ଦ୍ରଙ୍କୁ ତୀରମାରି ଆକ୍ରମଣ କଲେ। ଇନ୍ଦ୍ର ଓ ରଘୁଙ୍କ ଭିତରେ ଘୋର ଲଢ଼େଇ ହେଲା। ଶେଷକୁ ଦେବରାଜ ଇନ୍ଦ୍ର ଯୁଦ୍ଧରେ ହାରିଗଲେ। ସେ ରଘୁଙ୍କ ବଳ ଓ ପରାକ୍ରମ ଦେଖି ବହୁତ ଖୁସୀ ହେଲେ ଓ ରଘୁଙ୍କୁ ଯଜ୍ଞ-ଘୋଡ଼ା ଛାଡ଼ି ଆଉ କିଛି ବର ମାଗିବାକୁ କହିଲେ। ତେଣୁ ଅନ୍ୟ କୌଣସି ବରକୁ ପ୍ରତ୍ୟାଖାନ କଲେ। ଇନ୍ଦ୍ର ମଧ୍ୟ ଯଜ୍ଞ ଅଶ୍ୱ ଦେବାକୁ ପ୍ରସ୍ତୁତ ନଥିଲେ। ଦିଲୀପ ରାଜା ଏକଶତ ଯଜ୍ଞ ସାରିଲେ ସେ ଇନ୍ଦ୍ର ହୋଇଯିବେ। ଏକଥା ଇନ୍ଦ୍ର ଜାଣିଥିଲେ।

ଶେଷରେ ଇନ୍ଦ୍ର ଓ ରଘୁଙ୍କ ମଧ୍ୟରେ ଏକ ବୁଝାମଣା ହେଲା। ବୁଝାମଣା ଅନୁସାରେ ରଘୁଙ୍କ ପିତାଙ୍କ ଅଶ୍ୱମେଧ ଯଜ୍ଞର ସୁଫଳ ମିଳିବ, ମାତ୍ର ଇନ୍ଦ୍ରପଦ ମିଳିବନି। ତା ଛଡ଼ା ଇନ୍ଦ୍ର ଦେବତା ରଘୁଙ୍କୁ ଆହୁରି କିଛି ବର ଦେଲେ ଯାହା ଫଳରେ ତାଙ୍କ ରାଜ୍ୟରେ ପ୍ରଜାମାନେ ଭଲରେ ରହିବେ।

ରଘୁ ପିତୃ ଭକ୍ତ ଥିଲେ, ମହାନ୍ ଯୋଦ୍ଧା ଥିଲେ ଓ ଜଣେ ଦାନୀ ରାଜା ଥିଲେ। ରଘୁରାଜ ବିଶ୍ୱଜିତ୍ ଯଜ୍ଞ କରି ତାଙ୍କ ପାଖରେ ଯାହା ଥିଲା ସବୁ ଦାନ କରିଦେଲେ। ଏହି ସମୟରେ ବିରତନ୍ତୁ ଋଷିଙ୍କ ଶିଷ୍ୟ କୌସ୍ ରଘୁଙ୍କ ପାଖରେ ପହଂଚିଲେ। ଗୁରୁ ଦକ୍ଷିଣା ଦେବାକୁ ତାଙ୍କର ବହୁତ ସୁବର୍ଣ୍ଣ ମୁଦ୍ରା ଦର୍କାର ଥିଲା। କୌସ୍ ଯେତେବେଳେ ରଘୁରାଜାଙ୍କ ପାଖରେ ପହଂଚିଲେ, ସେହି ସମୟରେ ରଘୁ ଓ ତାଙ୍କ ପତ୍ନୀ ମୃତ୍ତିକା ପାତ୍ରରେ ଖାଦ୍ୟ ଖାଉଥିଲେ। ଏହା ଦେଖି କୌସ୍ଙ୍କ ମନରେ ସନ୍ଦେହ ହେଲା ଯେ ରଘୁରାଜା ତାଙ୍କ ଆବଶ୍ୟକ ସ୍ୱର୍ଣ୍ଣ ମୁଦ୍ରା ଦେଇ ପାରିବେ କି ନାହିଁ। ମାତ୍ର ରଘୁରାଜା କୌସ୍ଙ୍କୁ ସୁବର୍ଣ୍ଣ ମୁଦ୍ରା ଦେବାର ପ୍ରତିଶ୍ରୁତି ଦେଲେ। ରାଜ୍ୟର ଧନୀ ବ୍ୟକ୍ତିମାନଙ୍କୁ ସୁବର୍ଣ୍ଣ ମୁଦ୍ରା ଦେବାକୁ କହିଲେ- ମାତ୍ର ଯଥେଷ୍ଟ ସୁବର୍ଣ୍ଣ ମୁଦ୍ରା ଥିଲା ଶେଷକୁ ରାଜା ରଘୁ ଧନର ଦେବତା କୁବେରଙ୍କ ସହିତ ଯୁଦ୍ଧ କରି ସୁବର୍ଣ୍ଣ ମୁଦ୍ରା ଆଣିବାକୁ ପ୍ରସ୍ତୁତି ଆରମ୍ଭ କଲେ। ଡରରେ କୁବେର ରଘୁଙ୍କ ରାଜକୋଷକୁ ସୁବର୍ଣ୍ଣ ମୁଦ୍ରାରେ ଭରି ଦେଲେ ଓ ରଘୁ କୌସ୍ଙ୍କୁ ଆବଶ୍ୟକ ସୁବର୍ଣ୍ଣ ମୁଦ୍ରା ଦେଲେ।

ରଘୁରାଜାଙ୍କ ପରେ ତାଙ୍କ ବଂଶ ରଘୁକୁଳ ନାମରେ ପ୍ରସିଦ୍ଧ ହେଲା।

ରଘୁଙ୍କ ପୁତ୍ର ଥିଲେ ଅଜ। ସେ ରଘୁଙ୍କ ପରି ବହୁତ ପ୍ରଜାବତ୍ସଳ ଓ ପରାକ୍ରମୀ ରାଜା ଥିଲେ।

ପିଲାମାନେ ପୃଥିବୀର ସମୟକୁ ଚାରିଟି ଯୁଗରେ ବିଭକ୍ତ କରାଯାଏ। ଏହା ସବୁ ପୁରାଣରେ ବର୍ଣ୍ଣିତ ଅଛି। ସେ ଯୁଗ ଗୁଡ଼ିକ ହେଲେ- ସତ୍ୟ ଯୁଗ, ତ୍ରେତୟା ଯୁଗ, ଦ୍ୱାପର ଯୁଗ ଓ କଳି ଯୁଗ। ବିଶ୍ୱାସ କରାଯାଏ ଯେ ଆମେମାନେ କଳି ଯୁଗରେ ଅଛେ। ଅନ୍ୟ ଯୁଗ ମାନଙ୍କରେ ମଣିଷ ନିଜର ତପସ୍ୟା ବଳରେ ଦେବତାଙ୍କ ଦର୍ଶନ କରି ପାରୁଥିଲେ। ଦେବତାମାନେ ମଧ୍ୟ ସ୍ୱର୍ଗରୁ ପୃଥିବୀକୁ ବୁଲିବାକୁ ଆସୁଥିଲେ।

ଅଜ ପ୍ରଭୁ ରାମଚନ୍ଦ୍ରଙ୍କର ଜେଜେ ଥିଲେ। ରାଜା ଦଶରଥଙ୍କର ପିତା ଥିଲେ। ଶାପପାଇ ଦୁଇଜଣ ସ୍ୱର୍ଗର ଲୋକ ଅଜ ଓ ଇନ୍ଦୁମତୀ ରୂପେ ଜନ୍ମ ହୋଇଥିଲେ। ଇନ୍ଦୁମତୀ ମଥୁରାର ରାଜାଙ୍କ ଝିଅ ଥିଲେ। ସେ ବହୁତ ଗୁଣବତୀ ଓ ସୁନ୍ଦରୀ ଥିଲେ। ଅଜ ରାଜା ତାଙ୍କ ରାଣୀ ଇନ୍ଦୁମତୀଙ୍କୁ ବହୁତ ଭଲ ପାଉଥିଲେ।

ତାଙ୍କ ଔରସରୁ ଜନ୍ମ ହୋଇଥିଲେ ଦଶରଥ। ଦଶରଥ ମାତ୍ର ଗୋଟିଏ ବର୍ଷର ହୋଇଥାନ୍ତି। ଥରେ ତାଙ୍କ ଉଦ୍ୟାନରେ ଅଜ ଓ ରାଣୀ ଇନ୍ଦୁମତୀ ଭ୍ରମଣ କରୁଥାଆନ୍ତି। ଏଇ ସମୟରେ ଦେବର୍ଷି ନାରଦ ଆକାଶରେ ବୀଣା ବଜାଇ ଯାଉଥିଲେ। ତାଙ୍କ ବୀଣାରେ ରହିଥିବା ପାରିଜାତ ପୁଷ୍ପ ମାଳା ତଳକୁ ଖସିପଡ଼ିଲା ଓ ଏହା ରାଣୀ ଇନ୍ଦୁମତିଙ୍କ ଉପରେ ପଡ଼ିଲା। ରାଣୀ ଧରାଶାୟୀ ହୋଇଗଲେ ଓ ତାଙ୍କ ପ୍ରାଣବାୟୁ ଉଡ଼ିଗଲା। ଏହା ବିଧି ନିର୍ଦ୍ଦିଷ୍ଟ ଥିଲା । ରାଜା ଅଜ ମଧ୍ୟ ଅଳ୍ପ ଦିନରେ ଦେହ ତ୍ୟାଗ କଲେ।

ଦଶରଥ 'ବାପ ମା' ଛେଉଣ୍ଡ ହୋଇଗଲେ। ତାଙ୍କୁ ତାଙ୍କ କୁଳଗୁରୁ ବଶିଷ୍ଠ ନେଇ ପାଖରେ ରଖିଲେ ଓ ଲାଳନ ପାଳନ କଲେ। ଦଶରଥଙ୍କ ଭାଗ୍ୟ ଥିଲା ସେପରି। ଅଛି ଛୋଟ ଥିଲା ବେଳେ ବାପା ମା'ଙ୍କୁ ହରେଇ ଥିଲେ। ବୃଦ୍ଧାବସ୍ଥାରେ ସେ ପୁତ୍ରଙ୍କ ମୁଖ ନ ଦେଖି ଦେହ ତ୍ୟାଗ କରିଥିଲେ।

ପିଲାମାନେ, ଆସନ୍ତା କାଲି ଆମେ ରାଜା ଦଶରଥ ଓ ଶ୍ରବଣ କୁମାରଙ୍କ କଥା ଜାଣିବା।

ମିନା ଅପା ରାମାୟଣ କଥା କହି ସାରିଥିଲେ। ପିଲାମାନେ 'ଜୟ ଶ୍ରୀରାମ' କହି ଘରକୁ ଫେରିଗଲେ।

(କ୍ରମଶଃ)

+ (ମୋ) ୯୯୮୦୩୦୦୭୫୧

---

## କବିତା
ତୁମ ପାଇଁ

### ପାଉଣା ଯାଇଛି ପାଇ
ଶୁଭନାରାୟଣ ଶତପଥୀ



କୁନି ଆଣିଥିଲା ରାକ୍ଷୀଟେ ବଜାରୁ
ଥାକରେ ରଖିଲା ନେଇ
ରାକ୍ଷୀ ପୂନେଇଁରେ ସକାଳୁ ଦେଖେତ
ରାକ୍ଷୀଟା ସେଠାରେ ନାହିଁ ।

ଉସୁନା ହାଣ୍ଡିଟା ପରି ମୁହଁ କରି
ବସିଛି କୁନାକୁ ଚାହିଁ
ରାକ୍ଷୀ ନାହିଁ ତେଣୁ କଅଣ ବାନ୍ଧିବ
ଭାଇର ହାତେରେ ନେଇ ।

ଜେଜବାପା ଦେଖି କହିଲେ କୁନିକୁ
ବୋଧ ମୁଷା ନେଇଗଲା
ଫୁଲର ରାକ୍ଷୀଟେ ମୁଁ କରିଦେଉଛି
କାମ ଚଳିଗଲେ ହେଲା ।

କୁନି ଆଣିଥିବା ରାକ୍ଷୀ କୁନା ଦେଇ
କହିଲା ବାନ୍ଧିବୁ ନେ
ପଡିବନି ବୋଲି କାହାର ନଜର
ରଖିଥିଲି ମୁଁ ଯତନେ ।

ରାକ୍ଷୀ ବାନ୍ଧିଦେଇ କୁନି କହୁଥାଇ
ପାଉଣା ଯାଇଛି ପାଇ
ମାର ଆୟୁଷଟା ନେଇଯାଆ ତୁହି
ଆଜି ତୁ ଦେଲୁ ହସେଇ ।

ଜେଜବାପା ଦେଖି ମୁରୁକି ହସନ୍ତି
ଆଶୀର୍ବାଦ କେତେ କଲେ
କହିଲେ ସଂପର୍କ ରହେଟି ଅକ୍ଷୁର୍ଣ୍ଣ
ପରସ୍ପର ସ୍ନେହ ଥିଲେ ।

+ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ- ୯୪୩୮୪୩୨୦୨୩

### ଇଂରାଜୀ ମାସ.....
ନିରଞ୍ଜନ ସାହୁ



ବର୍ଷକ ଅଟେ ବାରଟି ମାସ
ଜାଣିରଖିଥା' ପିଲେ
ଇଂରାଜୀ ବର୍ଷ ବିଷୟେ ତୁମେ
ଶୁଣିରଖିଥା' ଭଲେ ।
ପ୍ରଥମ ମାସ ଜାନୁଆରୀ ଓ
ତା'ପରେ ଫେବୃଆରୀ
ମାର୍ଚ୍ଚ,ଏପ୍ରିଲ, ମେ, ଜୁନ, ଜୁଲାଇ
ଆସଇ ଧାଡିକରି ।
ଅଗଷ୍ଟ, ସେପ୍ଟେମ୍ବର, ଅକ୍ଟୋବର
ନଭେମ୍ବର ଯେ ଆସେ
ଡିସେମ୍ବର ମାସ ଗୋଟିକ
ଆସେ ବରଷ ଶେଷେ ।
ପ୍ରତ୍ୟେକ ମାସରେ ପଡଇ
ବିଭିନ୍ନ ସଂଖ୍ୟାର ଦିବସ
ଅଠାଇଶ, ଅଣତିରିଶ
ତିରିଶ, ଏକତିରିଶ ।
ଅଠାଇଶ ଦିବସ ନେଇ
ଫେବୃଆରୀଟି ଆସଇ
ଅଧିବର୍ଷ ହୋଇଲେ ଏହା
ସହିତ ଦିନେ ମିଶଇ ।
ପ୍ରତି ଚାରି ବରଷରେ
ଅଧିବର୍ଷ ପଡିଥାଏ
ଅଣତିରିଶ ଦିବସ ଯେ
ଫେବୃଆରୀ ମାସ ହୁଏ ।
ସେପଟ୍ମେର, ଅପ୍ରେଲ,ଜୁନ
ନଭେମ୍ବର ଚାରିମାସ
ବରଷକ ସାରା ଏମାନେ
ତିରିଶ ଗୋଟି ଦିବସ ।
ଜାନୁଆରୀ, ମାର୍ଚ୍ଚ, ମେ,ଜୁଲାଇ
ଅଗଷ୍ଟ, ଅକ୍ଟୋବର
ଡିସେମ୍ବର ମାସ ସାଥେ
ଏକତିରିଶ ଦିବସର ।

+ନିହଲପ୍ରସାଦ, ଗଁଦିଆ ପାଟଣା
ଢ଼େଙ୍କାନାଳ- ୭୫୯୦୧୬
ମୋ: ୯୯୩୮୭୪୧୫୮୩

### ମାମୁଁ ଘର ଗାଆଁ.....
ଧ୍ରୁବ ଚରଣ ବେହେରା



ନଈ ସେପାରିରେ ମାମୁଁ ଘର ଗାଆଁ
ଆହା କି ସୁନ୍ଦର ଦିଶେ
ସବୁଜ ଶ୍ୟାମଳ କ୍ଷେତ ପରେ କ୍ଷେତ
ମନକୁ ସଦା ହରଷେ ।

ଧାଡି ଧାଡି ହୋଇ ତାଳଗଛ ଛଇ
ଲାଗେ ଭାରି ମନୋହର
ବାଦଲ ଖେଳଇ ଲୁଚକାଳି ଖେଳ
ନୀଳ ଆକାଶର ତୀର ।

ସକାଳ ସୂରୁଜ ବୁଣଇ ମୁରୁଜ
ସୁନାର ଓଢଣା ଟାଣି
ନାନା ଫୁଲ ଫଳେ ସୁଶୋଭିତ ଧରା
ଲାଗଇ ରଙ୍ଗର ବେଣି ।

ଗାଆଁ ପୋଖରୀରେ ହଂସ ହଂସରାଳି
ଖେଳନ୍ତି ଆନନ୍ଦ ହୋଇ
ରାତି ଓଠ ପରେ ଜହ୍ନ ହସି ଦେଲେ
ସରସୀରେ ହସେ କଇଁ ।

ଶଗଡ ଗାଡିରେ କାଶିଆ ନନା ମୋ
ବସି ଯାଉଥାଏ କ୍ଷେତ
ମୁଖରୁ ତାର ଭାସି ଆସୁଥାଏ
ରାମ ସୀତା ବିଭା ଗୀତ ।

ମାଇଁଙ୍କ ଆଦର ମାମୁଁଙ୍କ ସେନହ
କିଣି ନେଉଥାଏ ମନ
ଆଇ ଅଜା ସାଥେ ମଜାଳିଆ କଥା
ହୋଇଛି ଏବେ ସପନ ।

ସାତ କୋଷ ବାଟ ପାର ହୋଇ ଯାଉ
ମାମୁଁ ଘର ଶଗଡରେ
କାଳିଆ କସରା ଦୁଇଟି ବଳଦ
ଟାଣୁଥାନ୍ତି ଧିରେ ଧିରେ ।

ନାହିଁ ସେହି ସ୍ମୃତି ହଜିତ ଗଲାଣି
ସମୟର ପାହଚରେ
ମାମୁଁଘର ଗାଆଁ ମନେ ପଡେ ବେଶୀ
ଅଲିଭା ସ୍ମୃତି ଆଗରେ ।

+ଭାରତୀୟ ସାମରିକ ସେବା
ଝାଡଖଣ୍ଡ
ମୋ-୮୩୨୮୯୩୦୫୫୪

### ଫୁଟାଫୁଲ କିଛି ଗଛରେ ଶୋହୁ...
ଦେବାଶିଷ ଚକ୍ରବର୍ତ୍ତୀ



ବଗିଚାକୁ ଯାଇ ମାଆ ଦେଖିଲେ ଯେ
ଗୋଟିଏ ବି ଫୁଲ ଗଛରେ ନାହିଁ
ତହୁଁ ସେ ମୁନାକୁ ଡାକି ପଚାରିଲେ
ଫୁଲତକ କିଏ ନେଲା ଛିଣ୍ଡେଇ ?
ଏହା ଶୁଣି ମୁନା କହିଲା ମାଆଙ୍କୁ
ଫୁଲସବୁ ମୁଁ ଆଣିଛି ତୋଳି
ଆସୁନ ଦେଖିବ ଠାକୁରଙ୍କୁ ଫୁଲ
ପିନ୍ଧେଇ ଅଛନ୍ତି ଜେଜେ କିପରି ?
ମାଆ ଆସିକରି ଦେଖିଲେ ସତରେ
ଯତନରେ ଫୁଲଛନ୍ତି ପିନ୍ଧେଇ
ବଳକା ଫୁଲକୁ ଦେବ ଦେବୀଙ୍କର
ପାଦତଳେ ଦେଇଛନ୍ତି କୁଢ଼େଇ ।
ଏହା ଦେଖି ମାଆ କହିଲେ ମୁନାକୁ
ଫୁଲ ତୋଳିବାକୁ କରୁନି ମନା
ପୂଜା ପାଇଁ ଯେତେ ଫୁଲ ଦରକାର
ଆମେ ତାକୁ ତୋଳି ଆଣିବା ସିନା ?
ଅଧିକା ଫୁଲକୁ ଉପାୟ ନପାଇ
ଜେଜେ ରଖିଦେଲେ ଗଦେଇ କରି
ସେହି ଫୁଲ ବଗିଚାରେ ରହିଥିଲେ
ଚହଟି ଥାଆନ୍ତା ସିନା ତା ଶିରି ?
ଏହା ଶୁଣି ମୁନା କହିଲା ମାଆ ମୁଁ
ତୋଳିବିନି ଫୁଲ ଅଧିକ ଆଉ
ବଗିଚାର ଶୋଭା ନାଶିବି କିଆଁ ମୁଁ
ଫୁଟାଫୁଲ କିଛି ଗଛରେ ଶୋହୁ ।

+ମଣ୍ଡୁଆ, କେନ୍ଦୁଝରଗଡ଼
ମୋ: ୯୪୩୭୭୫୨୩୯୫

---

## ପିଲାଙ୍କ ଉପନ୍ୟାସ : ଭାଗ-୧୬
ପୀତାମ୍ବରୀ ଦାଶ

# ପାଗଳାବାବାଙ୍କ ଟାଇମ୍ ମେସିନ୍



(ପୂର୍ବ ପ୍ରକାଶିତ ଉତ୍ତାରୁ)

...ପୃଥିବୀରେ ସଂଗଠିତ ହେଲା ତୃତୀୟ ବିଶ୍ୱଯୁଦ୍ଧ । ଏ ଯୁଦ୍ଧ ସିଧା ସଳଖ କୌଣସି ଦୁଇଟି ଦେଶ ସପକ୍ଷ ବା ବିପକ୍ଷ ଦେଶ ମାନଙ୍କ ମଧ୍ୟରେ ନୁହେଁ । ଏହା ଥିଲା ଏକ ପ୍ରକାର ଛାୟା ଯୁଦ୍ଧ । ମଣିଷମାନେ ହେଇଗଲେ ସ୍ୱାର୍ଥାନ୍ଧ। ନିଜେ ବାହୁବଳୀ ସାଜି ସମସ୍ତଙ୍କୁ ନିଜର ପଦାନତ କରିବାକୁ ଚାହିଁଲେ । ପ୍ରେତ୍ୟକ ଦେଶର ଶାସନକର୍ତ୍ତା ଚିନ୍ତା କଲେ ନିଜ ଦେଶକୁ ଶ୍ରେଷ୍ଠ ଆଉ ଧନଶଳୀ କରିବାକୁ। ପୃଥିବୀର ସବୁ ଦେଶକୁ ପଦାନତ କରି ରଖିବାକୁ । ଏଥିପାଇଁ ଜଘନ୍ୟ ଘୃଣ୍ୟ ପନ୍ଥା ବି ଆପଣେଇ ନେଲେ । ଚିନ୍ତା କଲେନି ସେମାନେ ଏଇ ପୃଥିବୀର ଅଧିବାସୀ। ପୃଥିବୀ ଯଦି ଧ୍ୱଂସାଭିମୁଖୀ ହେବ ସେମାନେ ବି ରସାତଳଗାମୀ ହେବେ ବି ନଷ୍ଟ ହେବେ। ଧନ, ବଡପଣ, ଅହଂକାର, ତାଙ୍କୁ ରକ୍ଷା କରିପାରିବନି। ଏମିତି ଧନୀ ହେବା ପାଇଁ ଦେଶବାସୀମାନେ ଖାଦ୍ୟରେ ଅଧିକ ଅର୍ଥ ବ୍ୟୟ କରିବାକୁ ଚାହିଁଲେନି । ପୃଥିବୀର ବିଭିନ୍ନ ଜୀବଜନ୍ତୁଙ୍କୁ ବିନା ଦ୍ୱିଧାରେ ନିଜର ଖାଦ୍ୟ ରୂପେ ଗ୍ରହଣ କଲେ। ପୃଥିବୀ ପୃଷ୍ଠର କୌଣସି ଜୀବ ଏମାନଙ୍କ ଜାନ୍ତବକ୍ଷୁଧାରୁ ମୁକ୍ତି ପାଇଲେ ନାହିଁ। ଏମାନେ ସଭ୍ୟତାର ଶିଖର ଦେଶରେ ପଂହଚି ସାରିଥିଲେ ମାତ୍ର ଏମାନଙ୍କ ଚିନ୍ତା, ଚେତନା, ଜ୍ଞାନ, ବିଚାରବୋଧକୁ ଧୀରେ ଧୀରେ ଆଦିମାତା କବ୍‌ଜା କରିନେଇଥିଲା । ଏମାନେ ଜ୍ଞାନବିଜ୍ଞାନରେ ଶ୍ରେଷ୍ଠତା ପ୍ରଦର୍ଶନ କରୁଥିଲେ ଅଥଚ ଆଦିମ ମଣିଷ ପରି ଜୀବନ୍ତ ଜୀବଜନ୍ତୁଙ୍କୁ ବିକାରହୀନ ଭାବେ ଖାଇ ଚାଲିଲେ । ଜୀବଜନ୍ତୁଙ୍କ ଶରୀରରୁ ବିଭିନ୍ନ ଭୂତାଣୁଜନିତ ରୋଗ ମଣିଷମାନଙ୍କୁ ସଂକ୍ରମିତ କଲା । ବିଜ୍ଞାନରେ ଶ୍ରେଷ୍ଠତ୍ୱ ହାସଲ କରୁଥିବା ମଣିଷ ଏହାକୁ ବି ନିଜ ଜୟ ଯାତ୍ରାର ଏକ ସୋପାନ ଭାବେ ବାଛିନେଲା । ଗବେଷଣା ଗାରରେ ଦିନରାତି ଭାଇରସ୍ ଉପରେ ପରୀକ୍ଷା ନିରୀକ୍ଷା କରି ଚାଲିଲା । ଭୂତାଣୁକୁ ପ୍ରତିହତ କରିବା ପାଇଁ ନିର୍ମାଣ କଲା ଆଂଟିଭାଇରସ୍ ମେଡିସିନ୍ ଯାହା କେବଳ ନିଜ ଦେଶ, ନିଜ ଲୋକଙ୍କ ପାଇଁ। ସେଇ ଗବେଷଣାଗାରରେ ନିର୍ମାଣ ହେଲା । ଭୂତାଣୁ ଆଉ ଜୀବାଣୁ କୁ ବ୍ୟବହାର କରି ଜୈବିକ ଅସ୍ତ୍ର। ଜୈବିକ ଆଉ ଆଣବିକ ଅସ୍ତ୍ରର ପ୍ରତିଯୋଗିତା ଆରମ୍ଭ ହୋଇଗଲା । ଏହି ପୃଥିବୀ ପୃଷ୍ଠରେ । ଜୈବିକ ଯୁଦ୍ଧର ଘନଘଟାରେ ଜୀବସତା ଧ୍ୱଂସ ପାଇଲା। ଉଦ୍ଭିଦ ତ ଦୂରର କଥା ଦୂବଘାଷଟିଏ ବି କଁଅଳିଲା ନାହିଁ । ଖୁବ୍ କମ୍ ମନୁଷ୍ୟ ଆଉ ଜୀବଜନ୍ତୁ ବଂଚିଲେ । ଖାଦ୍ୟ ପାନୀୟ ପାଇଁ ସେମାନେ ପରସ୍ପର ମଧ୍ୟରେ ସଂଘର୍ଷ କଲେ । ଧ୍ୱଂସ ସ୍ତୁପରେ ବସି ମଧ୍ୟ ମନୁଷ୍ୟ କିଛି ଶିକ୍ଷା କରିପାରିନି। ପୁଣି ବ୍ୟକ୍ତି କୈନ୍ଦ୍ରିକ ଭାବନାରେ ନିଜକୁ ହିଁ ଦେଖିଛି । ଏଇ ଆମ ସଭ୍ୟତା ହେଉଛି ୨୦୫୦ର ଉପରି ଭାଗ ଶୁଷ୍କ ଟାଙ୍ଗରା ପଥୁରିଆ ଭୂମି । ସୂର୍ଯ୍ୟଙ୍କ ପ୍ରଖର କିରଣରୁ ବଂଚିବା ଲାଗି ଆମେ ସବୁ ଅଛୁ ଭୂମି ତଳେ ଏଠି ଖାଦ୍ୟ ନାହିଁ କି ପାନୀୟ ନାହିଁ । ଆଣବିକ/ଜୈବିକ ଯୁଦ୍ଧପରେ ଜଳବିହୀନ ଦୁନିଆ। ଉଦ୍ଭିଦ ନଥିଲେ ଖାଦ୍ୟ ମିଳିବ କାହୁଁ। ଦିନାକାତେ ଜୀବଜନ୍ତୁଙ୍କୁ ମାରି ତାକୁ ଖାଇଲା । ଜୀବନ ବଂଚାଇଲା ମଣିଷ । ତା' ପରେ ଖାଦ୍ୟ ମିଳିବ କୁଆଡୁ? ପୁଣି ବଂଚିବା ପାଇଁ ସଂଘର୍ଷ .....ଗବେଷଣା-ଉଦ୍ଭାବନ .....!! ଜଳ ଓ ଖାଦ୍ୟର କ୍ୟାପ୍‌ସୁଲ୍। ଯିଏ ସୃଷ୍ଟିକଲା ତା' ଠୁ ଉଦ୍ଭାବନ କୌଶଳ ଲୁଟିନେଇ ଆମ ପ୍ରଫେସର୍ ତାକୁ ହତ୍ୟାକଲା । କିନ୍ତୁ ସେ ମହାନ ଆତ୍ମା ନିଜର ମୃତ୍ୟୁ ପୂର୍ବରୁ ଏ ସଭ୍ୟତାର ଅଧିକାଂଶ ବାସିନ୍ଦାଙ୍କୁ ସେଇ ଜୀବନ ଧାରଣର ମୃତ୍ୟୁ ସଂୀବନୀ ମହାବିଦ୍ୟା ଶିଖାଇ ଦେଇଥିଲେ । ଯାହା ଯୋଗୁଁ ଆମେ ବଂଚିରହିଛୁ । (କ୍ରମଶଃ)

+ ପୁରୋହିତପୁର, ଜଗତସିଂହପୁର
ମୋ:୯୭୭୮୫୨୦୩୭୦

---



ନଗେନ୍ଦ୍ର ନାଥ ପଟ୍ଟନାୟକ

# ତୁ ଆଜି ମା' ବଂଚାଇଦେଲୁ



ପ୍ରତିଦିନ ଦଶଟା ବାଜିବା ଆଗରୁ ବିଦ୍ୟାଳୟରେ ହାଜର ହୋଇଯାଏ ସୋହମ। ସମୟାନୁବର୍ତ୍ତୀ ହୋଇଥିବାରୁ ସେ ଗୁରୁଜୀଗୁରୁମାଙ୍କ ପ୍ରଶଂସାର ପାତ୍ର ବନିଯାଏ। ଏମିତି କୌଣସି ଦିନ ନାଇଁ ସେ ପାଂଚମିନିଟ ଡେରିରେ ବିଦ୍ୟାଳୟେର ପହଁଚିଛି । ହେଲେ ସେଦିନ ଆରମ୍ଭରୁ ହିଁ ସବୁକିଛି ଗଡବଡ ହୋଇଗଲା। ସୋହମ ମାଆ ନିଇତି ବଡି ସକାଳ ଠିକ ପାଂଚଟାରେ ଶେଜ ଛାଡନ୍ତି । କିନ୍ତୁ ସେଦିନ ତାଙ୍କ ନିଦ ଠିକଣା ସମୟରେ ଭାଙ୍ଗିଲା ନାଇଁ। ନିଦ ନ ଭାଙ୍ଗିଲାରୁ ସୋହମ ମା ଭୋରରୁ ଗାଧୁଆକୁଣ୍ଡରେ ପାଣି ଭରିପାରିଲେନି। ସୋହନ ସଅଳ ବିଛଣାରୁ ଉଠିପଡିଲା। କିନ୍ତୁ ଠିକଣା ସମୟରେ ତୟାର ହେବା ଲାଗି ତାକୁ ପଡିଶାଘରୁ ପାଣି ଆଣିବାକୁ ପଡିଲା। ସେଦିନ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ବିଦ୍ୟାଳୟ ପରିଦଶର୍ନ କାର୍ଯ୍ୟକ୍ରମ ଥାଏ। ସେଥିପାଇଁ ପ୍ରଧାନ ଗୁରୁଜୀ ବଡ ବ୍ୟସ୍ତ ହୋଇ ସୋହମକୁ ଡକାଇଲେ ବିଦ୍ୟାଳୟକୁ ଜଲଦି ଆସିବାପାଇଁ । ସେ ତରବର ହୋଇ ଘରୁ ଗୋଡକାଢି ବଡ ବଡ ପାହୁଣ୍ଡ ପକାଇ ବସଷ୍ଟାଣ୍ଡରେ ପହଁଚିଲା। ଆଖି ପିଛୁଳାକେ ପବନ ବେଗରେ ସାଏଁସାଏଁ ମଟରସାଇକେଲ ଚଲାଇ ଚଗଲା ପିଲାଟିଏ ତା କଡଦେଇ ଚାଲିଗଲା । ଫଳରେ ଲେଣ୍ଡାଏ କାଦୁଅ ଛିଟିକି ସୋହନ ଜାମାରେ ଲେସି ହୋଇଗଲା। ସୋହମ ସ୍କୁଲକୁ ଯିବ କଣ ବାଧ୍ୟହୋଇ ଫେରିଗଲା ଘରକୁ ।

ଘରେ ପାଦ ଥାପୁ ଥାପୁ ମାଆ ଦେଖିଲେ ସୋହମ ଜାମାରେ କାଦୁଅ ପଡି ଅସନା ଅପରିଷ୍କାର ଦିଶୁଚି। ଏବେ ସୋହମ ପିନ୍ଧାଜାମା ଦେହରୁ କାଢିଦେଇ ସଫା ଜାମାଟିଏ ଗଳେଇ ପକାଇଲା । ଦୁଆରମୁହଁ ଦରଜା ଦେଇ ଘରୁ ପଦାକୁ ବାହାରୁଥିବା ବେଳେ କାନ୍ଥରେ ଲାଗିଥିବା କଂଟାରେ ହାତଟା ବାଜି ଖଣ୍ଡିଆ ହୋଇଗଲା । କ୍ଷତସ୍ଥାନରୁ ପଚପଚ ହୋଇ ରକ୍ତ ନିଗିଡି ପଡୁଥାଏ। ସୋହମ ହାତର ରକ୍ତ ଜୁଡୁବୁଡୁ ଜାଗାରେ ମାଆ ମଲମ ଲଗେଇଦେଲେ । ଶାଢୀ କାନିରୁ ଚିରୁଡାଏ କନା ଚିରି କ୍ଷତ ସ୍ଥାନରେ ବାନ୍ଧିଦେଲ । ସେତେବଳକୁ ସ୍କୁଲବେଳ ଉଚ୍ଛୁର ହୋଇଗଲାଣି । ମାଆ ଉପରେ ଚିଡିଚିଡି ହୋଇ ସୋହମ ମନେମନେ ବହେ ଗାଳିଦେଲା । ବଡ ପାଟିରେ ଚିଲେଇକି କହିଲା –ଦେଖ ମା', ଏବେ ମୁଁ ପ୍ରଧାନଗୁରୁଜୀଙ୍କୁ କଅଣ କହି ବୁଝାଇବି ?' କଣ ଭାବିଲା କେଜାଣି ହଠାତ ମୋବାଇଲଟି ସ୍କୁଲବ୍ୟାଗ ଭିତରୁ ବାହାର କରିଆଣିଲା ସୋହମ। ଫୋନଯୋଗେ ପ୍ରଧାନଗୁରୁଜୀଙ୍କୁ ସବୁକଥା ଟିକିନିଖି କରି ମୂଳରୁ ଚୂଳଯାଏ ଜଣାଇ କ୍ଷମା ମାଗିଲା । ପ୍ରଧାନଗୁରୁଜୀ ତାଠୁ ସବୁକଥା ଶୁଣି ଚୁପଚାପ ରହିଲେ। ଏତିକିବେଳେ ମାଆ ଦେଖିଲେ ସୋହନ ମନମାରି ଚିନ୍ତାରେ ଘାରିହେଉଚି। ତା ମୁହଁ କଳାକାଠ ପଡିଯାଇଚି। କାମପାଇଟି ଛାଡିଛୁଡି ମା ଧାଇଁଆସିଲେ ସୋହମ କତିକି। ଫୋନଟିକୁ ଚଟାପଟ ଥୋଇଦେଇ ମାଆ କୋଳରେ ମୁଣ୍ଡଥାପି ସୋହନ କଇଁକଇଁ ହେଇ କାନ୍ଦିବାକୁ ଲାଗିଲା। ମାଆ ପଚାରିଲେ – ଆରେ ସୋହମ, ତୁ ଏମିତି ରାହାଧରି କାନ୍ଦୁଚୁ କାଇଁକି, କଅଣ ହୋଇଚି ତୋର ? ଦିନଟିଏ ତ ଡେରି ହୋଇଗଲା। ଏମିତି କଣ ହୋଇଗଲା ଯେ ଏଇ ତୁଛା କଥାଟିରେ ତୁ ଆଖିରୁ ଲହୁ ଗଡାଉଚୁ । କୋହଭରା ସ୍ୱରରେ ଲୁହ ଛଳଛଳ ଆଖିରେ ସୋହମ କହିଲା –ମା', ତୁ ମତେ ଆଜି ବଂଚେଇଦେଲୁ । ଆଜି ଆମ ବିଦ୍ୟାଳୟ ଶ୍ରେଣୀ କକ୍ଷଟିର ଛାତ ଭୁଷିଡିପଡିଲାରୁ ମୋର କେତେଗୁଡେ ସାଙ୍ଗ ଗୁରୁତର ଭାବେ ଖଣ୍ଡିଆଖାବରା ହୋଇ ପାଖ ଡାକ୍ତରଖାନାରେ ଚିକିତ୍ସିତ ହେଉଚନ୍ତି। ଭାଗ୍ୟ ଭଲ କାହାର ଅକାଳ ମରଣ ଘଟିନାହିଁ ।

+୯୯୯-୩, ଜଗମୋହନ ନଗର,
ଜାଗମରା,ଖଣ୍ଡଗିରି, ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮

# ରୋଗୀ ଚିକିତ୍ସାରେ ଅଣସ୍ୱାସ୍ଥ୍ୟକର୍ମୀ ସାମିଲ ନହେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୦/୮ (ନି.ପ୍ର): ସରକାରୀ ହସ୍ପିଟାଲରେ ରୋଗୀ ଚିକିତ୍ସାରେ ସମ୍ପୃକ୍ତ ହୋଇପାରିବେ ନାହିଁ ଅଣସ୍ୱାସ୍ଥ୍ୟକର୍ମୀ। ଏନେଇ ସବୁ ହସ୍ପିଟାଲ ମୁଖ୍ୟ ଓ ସିଡିଏମଓମାନଙ୍କୁ ଚିଠି ଲେଖିଛନ୍ତି ସ୍ୱାସ୍ଥ୍ୟ ବିଭାଗ ଏସିଏସ୍ ପ୍ରଦୀପ୍ତ କୁମାର ମହାପାତ୍ର। ଗଂଜାମ ଜିଲ୍ଲାର ଏକ ହସ୍ପିଟାଲରେ ଏସଂପର୍କିତ ଖବର ପ୍ରକାଶ ପାଇବା ପରେ ଏସିଏସ୍ ଚିଠି ଲେଖି ଅବଗତ କରାଇଛନ୍ତି। ସୂଚନା ଅନୁଯାୟୀ ଗଂଜାମ ଜିଲ୍ଲାର ଏକ ସରକାରୀ ହସ୍ପିଟାଲରେ ଡାକ୍ତରଙ୍କ ଅନୁପସ୍ଥିତିରେ ଜଣେ ସିକ୍ୟୁରିଟି ଗାର୍ଡ ରୋଗୀଙ୍କ ରକ୍ତଚାପ ମାପୁଥିବାର ଅଭିଯୋଗ ହୋଇଥିଲା। ଘଟଣାର ତଦନ୍ତ ପରେ ଡାକ୍ତର ସେଠାରେ ଉପସ୍ଥିତ ଥିଲେ ଏବଂ ସିକ୍ୟୁରିଟି ଗାର୍ଡ ଜଣକ କେବଳ ବିପି ମେସିନ୍ ର କଫ୍ ବାନ୍ଧୁଥିବାର ଜଣାପଡିଥିଲା। ତେବେ ଭବିଷ୍ୟତରେ ଏଭଳି ଘଟଣାର ପୁନରାବୃତି ନହେବା ସହ ଅଣସ୍ୱାସ୍ଥ୍ୟକର୍ମୀଙ୍କୁ କୌଣସି ପ୍ରକାର ଚିକିତ୍ସା ବ୍ୟବସ୍ଥାରେ ସାମିଲ ନକରିବା ଲାଗି ଯତ୍ନବାନ୍‌ହେବାକୁ ନିର୍ଦ୍ଦେଶ ଦିଆଯାଇଛି।

# ବିଜେଡି ଜିଲ୍ଲା ପରିଷଦ ସଭ୍ୟ ବହିଷ୍କୃତ

ଭୁବନେଶ୍ୱର ,୨୦/୮ (ନି.ପ୍ର): ଯାଜପୁର ଜିଲ୍ଲା କୋରେଇ ବିଧାନସଭା ନିର୍ବାଚନ ମଣ୍ଡଳୀର ଜୋନ୍ ୩ ଅନ୍ତର୍ଗତ ବିଜେଡି ଜିଲ୍ଲା ପରିଷଦ ସଭ୍ୟ ଧରଣୀଧର ଘଡେଇଙ୍କୁ ଦଳରୁ ବହିଷ୍କାର କରାଯାଇଛି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଧରଣୀଧରଙ୍କୁ ବହିଷ୍କାର କରାଯାଇଥିବା ଦଳର ସାଧାରଣ ସମ୍ପାଦକ (ଗଣମାଧ୍ୟମ ବ୍ୟାପାର) ମାନସ ମଙ୍ଗରାଜ ସୂଚନା ଦେଇଛନ୍ତି।

# ତ୍ରିରଙ୍ଗା ଯାତ୍ରାରେ ଯୋଗଦେବା ପାଇଁ ସେବାଦଳ କର୍ମୀଙ୍କ ଦିଲ୍ଲୀ ଯାତ୍ରା

ଭୁବନେଶ୍ୱର,୨୦/୮ (ନି.ପ୍ର): କେନ୍ଦ୍ର ସରକାର ବିଶେଷ ଭାବେ ନରେନ୍ଦ୍ର ମୋଦି ଭାରତବର୍ଷର ପ୍ରଧାନମନ୍ତ୍ରୀ ହେବାପରେ, ଗାନ୍ଧୀ ଓ ନେହେରୁଙ୍କ ବିଭିନ୍ନ କାର୍ଯ୍ୟକ୍ରମରେ ଯେଭଳି ସମାଲୋଚନା କରିବା ସହ ଅଗଣତାନ୍ତ୍ରୀକ ପନ୍ଥାରେ ଯେଉଁ କାର୍ଯ୍ୟ କରି ଚାଲିଛନ୍ତି, ତାହାର ପ୍ରତିବାଦରେ ଅଖିଳ ଭାରତୀୟ କଂଗ୍ରେସ ସେବାଦଳ ପକ୍ଷରୁ ଗଣତନ୍ତ୍ର ବଂଚାଅ ତ୍ରିରଙ୍ଗା ଯାତ୍ରା, ଭାରତରତ୍ନ ରାଜୀବ ଗାନ୍ଧୀଙ୍କ ଜୟନ୍ତୀରେ ଆସନ୍ତା ୨୦ ତାରିଖରେ ଦିଲ୍ଲୀ କଂଗ୍ରେସ ମୁଖ୍ୟାଳୟ ଠାରୁ ବୀରଭୂମି ପର୍ଯ୍ୟନ୍ତ ଯାତ୍ରା କରିବାର କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ ସେବାଦଳ କର୍ମକର୍ତା ମାନେ, କୁଳମଣି ସାହୁଙ୍କ ନେତୃତ୍ୱରେ ଗତକାଲି ଟ୍ରେନ ଯୋଗେ ଦିଲ୍ଲୀ ଯାତ୍ରା କରିଛନ୍ତି। ଏହି ଉପଲକ୍ଷେ କଂଗ୍ରେସ ଭବନଠାରେ ସେବାଦଳ କର୍ମକର୍ତାମାନଙ୍କୁ ଟୋପି ଓ ବ୍ୟାଚଦେଇ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ସେବାଦଳ ଅଧ୍ୟକ୍ଷ ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ଷ୍ଟିୟରିଂ କମିଟି ସଦସ୍ୟ ଡ. ବଦ୍ରୀନାଥ ପଟ୍ଟନାୟକ, ମନୋଜ କୁମାର ସାହୁ, ବରିଷ୍ଠ କଂଗ୍ରେସ ନେତା ଯଜ୍ଞେଶ୍ୱର ବାବୁ, ଜ୍ଞାନଦେବ ବେଉରା, ମନୋରଞ୍ଜନ ଦାଶ, ଜ୍ୟୋତିଷ କୁମାର ସାହୁ, ମହମ୍ମଦ ସାହାଦୁଲ୍ଲା ପ୍ରମୁଖ ଉପସ୍ଥିତ ଥିଲେ।

# ବିଦ୍ୟୁତ ଉତ୍ପାଦନ, ବଂଟନ ଓ ଉନ୍ନତିକରଣ ଉପରେ ଗୃହ କମିଟି ବୈଠକ : ବ୍ୟବସ୍ଥାଗତ ଉନ୍ନତି ପାଇଁ ସରକାରଙ୍କୁ ପରାମର୍ଶ

ଭୁବନେଶ୍ୱର,୨୦/୮ (ନି.ପ୍ର): ବିଦ୍ୟୁତ୍ ଉତ୍ପାଦନ, ବଂଟନ ଓ ଉନ୍ନତିକରଣ ଉପରେ ଗୃହ କମିଟି ବୈଠକ ଗୁରୁବାର ବିଧାନସଭା ପ୍ରକୋଷ୍ଠ ୫୯ରେ ଅନୁଷ୍ଠିତ ହୋଇଯାଇଛି। ବାଚସ୍ପତି ଡ଼ଃ ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଭିଡିଓ କନଫରେନସିଂ ଜରିଆରେ ଅନୁଷ୍ଠିତ ଉକ୍ତ ବୈଠକରେ ରାଜ୍ୟର ବିଦ୍ୟୁତ୍ ଉତ୍ପାଦନ ବଂଟନ ଓ ଉନ୍ନତିକରଣ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଓଡ଼ିଶା ରାଜ୍ୟ ଶକ୍ତି ଉତ୍ପାଦନ କ୍ଷେତ୍ରରେ ବଳକା ରାଜ୍ୟ ହୋଇଥିବା ଦୃଷ୍ଟିରୁ ରାଜ୍ୟର ଗରିବ ଜନସାଧାରଣଙ୍କୁ ସୁଲଭ ଦରରେ ବିଦ୍ୟୁତ୍ ଯୋଗାଣ ପାଇଁ ଏବଂ ପ୍ରତ୍ୟେକ ଗ୍ରାମରେ ବିଦ୍ୟୁତ୍ ସଂଯୋଗ ପାଇଁ ବାଚସ୍ପତି ଡ଼ଃ ପାତ୍ର ସରକାରଙ୍କୁ ପରାମର୍ଶ ଦେଇଥିଲେ। ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥାର ଉନ୍ନତିକରଣ ପାଇଁ ଗଠିତ ଚାରୋଟି ବିଧାନସଭା ସବ୍-କମିଟି ସଦସ୍ୟମାନେ ସମ୍ପୃକ୍ତ ଅଂଚଳକୁ ଗସ୍ତରେ ଯାଇ ବାସ୍ତବ ସ୍ଥିତି ଆକଳନ କରିବା ଓ ବିଧାନସଭାକୁ ରିପୋର୍ଟ ପ୍ରଦାନ କରିବା ପାଇଁ ବାଚସ୍ପତି ଡ଼ଃ ପାତ୍ର ପରାମର୍ଶ ଦେଇଥିଲେ। ବିଧାୟକ ଅମର ପ୍ରସାଦ ଶତପଥୀ ବ୍ୟବସ୍ଥାଗତ ଉନ୍ନତି ପାଇଁ ଏବଂ ବିଦ୍ୟୁତ୍ ଉପଭୋକ୍ତାମାନଙ୍କ ପାଇଁ ବିଦ୍ୟୁତ୍ ଦର କମାଇବା ନିମନ୍ତେ ପରାମର୍ଶ ଦେଇଥିଲେ। ବିଧାୟକ କିଶୋର ମହାନ୍ତି ଗ୍ରାମାଂଚଳରେ ବିଦ୍ୟୁତ୍ ସଂଯୋଗ ସ୍ଥିତିର ଉନ୍ନତିକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ପୂର୍ବରୁ ଓଡ଼ିଶା ଶକ୍ତି ଉତ୍ପାଦନ କ୍ଷେତ୍ରରେ ନିଅଂଟିଆ ରାଜ୍ୟ ହୋଇଥିବା ଦୃଷ୍ଟିରୁ ଅନେକ ରାଜ୍ୟ ସହ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା ଏବଂ ଅବଧି ପୁରିନଥିବାରୁ ସେହି ରାଜିନାମାଗୁଡିକ କାର୍ଯ୍ୟକାରୀ ହେଉଛି। ଫଳତଃ ଶକ୍ତି ବିତରଣ ଅପେକ୍ଷାକୃତ ଭାବେ ଅଧିକ ପଡୁଥିବା ଶକ୍ତି ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଦର୍ଶାଇଥିଲେ। ଇ – ଟେଣ୍ଡର ବ୍ୟବସ୍ଥା ମାଧ୍ୟମରେ ବୃହତ୍ ଶିଳ୍ପ ସଂସ୍ଥା ଓ ଉଦ୍ୟୋଗ ଗୁଡିକୁ ବିଦ୍ୟୁତ୍ ବଂଟନ କରାଯାଉଛି ଏବଂ ଏଥିରେ କୌଣସି ସନ୍ଦେହ ପ୍ରକାଶ କରିବା ଉଚିତ ନୁହେଁ ବୋଲି ମନ୍ତ୍ରୀ ଶ୍ରୀ ମିଶ୍ର ପ୍ରକାଶ କରିଥିଲେ। ଭାରତୀୟ ଜାତୀୟ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ବିଦ୍ୟୁତ୍ ବିତରକ ଟାଟା କମ୍ପାନୀ ବ୍ୟାପକ କର୍ମଚାରୀ ଛଟେଇ କରୁଥିବାରୁ ଘୋର ଉଦବେଗ ପ୍ରକାଶ କରିଥିଲେ। ବିଧାୟକ ନୃସିଂହ ଚରଣ ସାହୁ ପରଜଙ୍ଗ ଅଂଚଳରେ ବ୍ୟପକ ବିଦ୍ୟୁତ୍ କାଟ ହେଉଥିବା ଅଭିଯୋଗ କରିବା ସହ ଅବିଳମ୍ବେ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥାର ଉନ୍ନତି ପାଇଁ ଏକ ଗ୍ରୀଡ୍ ପ୍ରତିଷ୍ଠା କରିବା ପାଇଁ ଦାବୀ ଉପସ୍ଥାପନ କରିଥିଲେ। ବିଧାୟକ ଅନନ୍ତ ଦାଶ କେନ୍ଦୁଝର, ମୟୁରଭଞ୍ଜ, ଭଦ୍ରକ, ବାଲେଶ୍ୱର ପ୍ରଭୃତି ଜିଲ୍ଲାର ବିଭିନ୍ନ ଗ୍ରାମରେ ଅସମ୍ପୂର୍ଣ୍ଣ ଥିବା କାର୍ଯ୍ୟ ତୁରନ୍ତ ସମ୍ପୂର୍ଣ୍ଣ କରି ବିଦ୍ୟୁତ୍ ଯୋଗାଣ କରିବାକୁ ପରାମର୍ଶ ଦେଇଥିଲେ। ଭାରତୀୟ ଜନତା ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ ଅର୍ଥ ବ୍ୟବସ୍ଥା ଥିବା ସତ୍ତ୍ୱେ ପୁରୁଣା ତାରଗୁଡିକୁ ବଦଳା ଯାଉନଥିବା ଏବଂ ଏଥିପାଇଁ ବିଭିନ୍ନ ସମୟରେ ମନୁଷ୍ୟ ଏବଂ ହାତୀମାନେ ମୃତ୍ୟୁମୁଖରେ ପଡୁଥିବା ଦର୍ଶାଇଥିଲେ। ଗ୍ରାମ୍ୟ ଉନ୍ନୟନ, ଶ୍ରମ ଓ ନିୟୋଜନ ବିଭାଗ ମନ୍ତ୍ରୀ ସୁଶାନ୍ତ ସିଂ ବରଗଡ ଜିଲ୍ଲାରେ ବିଜୁ କୃଷକ କଲ୍ୟାଣ ଯୋଜନାର ସଫଳ କାର୍ଯ୍ୟକାରିତା ପାଇଁ ଟାଟା କମ୍ପାନୀ ତୁରନ୍ତ କୃଷକମାନଙ୍କୁ ବିଦ୍ୟୁତ୍ ସଂଯୋଗ ପ୍ରଦାନ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଗୃହ କମିଟି ବୈଠକରେ ଉପବାଚସ୍ପତି ରଜନୀକାନ୍ତ ସିଂ, ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ବିଧାୟକ ସନ୍ତୋଷ ସିଂ ସାଲୁଜା, ବିଧାୟକ ରାଜେନ୍ଦ୍ର ସାହୁ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୬୯ ଜଣ ସଂକ୍ରମିତଙ୍କ ପ୍ରାଣହାନି

ଭୁବନେଶ୍ୱର,୨୦/୮ (ନି.ପ୍ର): ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୬୯ ଜଣ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଥିବାର ସୂଚନା ମିଳିଛି। ଏନେଇ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ଏହା ସହିତ ରାଜ୍ୟରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୭,୨୨୩କୁ ବୃଦ୍ଧି ପାଇଛି। ସେହିପରି କରୋନାରେ ପ୍ରାଣ ହରାଇଥିବା ଆଉ ୬୯ ଜଣ ଲୋକଙ୍କ ସଂପର୍କରେ ସୂଚନା ଦେଇଛନ୍ତି ସରକାର। ପ୍ରାପ୍ତ ସୂଚନା ଅନୁଯାୟୀ, ଏହି ୬୯ ମୃତକଙ୍କ ମଧ୍ୟରେ ଜଗତସିଂହପୁର ଜିଲ୍ଲାରୁ ସର୍ବାଧିକ ୧୨ ଜଣ ଥିବା ବେଳେ କଟକ ଜିଲ୍ଲାରୁ ୧୧ ଜଣ ଆକ୍ରାନ୍ତ ଅଛନ୍ତି। ଅପରପକ୍ଷରେ ଭଦ୍ରକ ଓ ଯାଜପୁର ଜିଲ୍ଲାରୁ ୬ ଜଣ ଲେଖାଏଁ ଏବଂ ଢେଙ୍କାନାଳରୁ ୮ ଜଣ ଆକ୍ରାନ୍ତ ଅଛନ୍ତି। ଅନୁଗୁଳ, ଖୋର୍ଦ୍ଧା ଓ କେନ୍ଦ୍ରାପଡ଼ା ଜିଲ୍ଲାରୁ ୫ ଜଣ ଲେଖାଏଁ କରୋନା ଆକ୍ରାନ୍ତଙ୍କ ପରଲୋକ ଘଟିଛି। ଏଣେ କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲ୍ଲାରୁ ୩ ଜଣ ଲେଖାଏଁ ଆକ୍ରାନ୍ତଙ୍କ ପ୍ରାଣହାନି ଘଟିଛି। ଏହାଛଡ଼ା ପୁରୀ ଜିଲ୍ଲାରୁ ୪ ଜଣ ଓ ନୟାଗଡ଼ ଜିଲ୍ଲାରୁ ଜଣେ ମୃତକ ଅଛନ୍ତି।ସୂଚନାଯୋଗ୍ୟ, ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୯୮୬ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୫୭୪ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବାବେଳେ ସ୍ଥାନୀୟ ସଂକ୍ରମଣରୁ ୪୧୨ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିଭିତରେ ୧୮ ବର୍ଷରୁ କମ୍ ବୟସ୍କ ୧୨୮ ଜଣ ଶିଶୁ ଓ କିଶୋର କରୋନା ପଜିଟିଭ ଅଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୯, ୯୯, ୧୭୩ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ୯, ୮୨, ୩୧୯ ଜଣ ସୁସ୍ଥ ହୋଇଛନ୍ତି। ଏବେ ବି ୯, ୫୭୮ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି।

# କଲେଜ ଓ ବିଶ୍ୱବିଦ୍ୟାଳୟରେ ଅହେତୁକ ଫି ବୃଦ୍ଧି ବିରୁଦ୍ଧରେ ଏବିଭିପିର ବିକ୍ଷୋଭ

ଭୁବନେଶ୍ୱର,୨୦/୮ (ନି.ପ୍ର): କରୋନା କାଳରେ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟମାନଙ୍କରେ ଅହେତୁକ ଫି ବୃଦ୍ଧି ବିରୁଦ୍ଧରେ ଏବିଭିପି ତରଫରୁ ରାଜ୍ୟ ସମ୍ପାଦକ ସୌଭାଗ୍ୟ ମହାନ୍ତିଙ୍କ ନେତୃତ୍ୱରେ ରାଜଧାନୀର ଲୋୟର ପିଏମଜିରେ ରାଜ୍ୟସ୍ତରୀୟ ଆନ୍ଦୋଳନ କରାଯାଇଛି। ରାଜ୍ୟର ବିଭିନ୍ନ କଲେଜର ୧୪୨ ଜଣ ଛାତ୍ରଛାତ୍ରୀ ଏଥିରେ ଯୋଗ ଦେଇଥିଲେ। ମହାମାରୀ ସମୟରେ ଛାତଛାତ୍ରୀ ଅର୍ଥନୈତିକ ଅନଗ୍ରସରତାର ଦେଇ ଗତି କରୁଥିବା ବେଳେ ଆଡମିସନ, ରିଆଡମିସନ, ଓ ପରୀକ୍ଷା ଫିସରୁ ଅତିରିକ୍ତ ବୋଝକୁ ବାଦ୍ ଦେବା ନିମନ୍ତେ ଶତାଧିକ କାର୍ଯ୍ୟକର୍ତା ବିଧାନସଭା ଘେରାଉ କରିବାକୁ ଯାଉଥିବା ବେଳେ ପୋଲିସ କାର୍ଯ୍ୟକର୍ତାଙ୍କୁ ଗିରଫ କରିଥିଲେ। କରୋନା ମହାମାରୀ କାଳରେ ଛାତଛାତ୍ରୀ ଓ ତାର ପରିବାର ବର୍ଗ ଅର୍ଥନୈତିକ ଅନଗ୍ରସରତାର ସମ୍ମୁଖୀନ ହେଉଛନ୍ତି। ଶିକ୍ଷାନୁଷ୍ଠାନ ଖୋଲୁ ଖୋଲୁ ଆଡମିସନ, ରିଆଡମିସନ ଓ ପରୀକ୍ଷା ଫିସ ମଧ୍ୟରେ ନିଆଯାଉଥିବା ଅତିରିକ୍ତ ଅନାବଶ୍ୟକ ଦେୟ ବୋଝ ଉପରେ ଲଳିତା ବିଡା ସଦୃଶ ଛାତ୍ରଛାତ୍ରୀମାନଙ୍କୁ ମାନସିକ ଯନ୍ତ୍ରଣା ଦେଉଛି। କଲେଜର ଉନ୍ନତି କରଣ ନିମନ୍ତେ ଛାତଛାତ୍ରୀଙ୍କ ଉପରେ ବୋଝ ନ ଲଦି ସରକାରଙ୍କ ଦ୍ୱାରା ସ୍ୱତନ୍ତ୍ର ପ୍ୟାକେଜ ମାଧ୍ୟମରେ ତାହାକୁ ପୂର୍ତି କରିବା ପାଇଁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଦାବି କରିଛି। ସେହିପରି ଟ୍ୟୁସନ ଫିସକୁ ଛାଡି ଅନ୍ୟ ସବୁ ପ୍ରକାରର ଫିକୁ କଲେଜ କର୍ତୃପକ୍ଷ ଛାଡ କରନ୍ତୁ ବୋଲି ସଂଗଠନ ଦାବି କରିଛି। ସେହିପରି ଆଇଟିଆଇ ୨୦୧୯ ଓ ୨୦୨୦ରେ ଉତୀର୍ଣ୍ଣ ହେବାକୁ ଥିବା ବ୍ୟାଚରେ ସେମିଷ୍ଟର ମାନଙ୍କରେ ବ୍ୟାକ ଲାଗିଥିବା ଛାତ୍ରଛାତ୍ରୀ ମାନଙ୍କର ବ୍ୟାକ ପରୀକ୍ଷା ଓ ରେଗୁଲାର ପରୀକ୍ଷା ନିମନ୍ତେ ଛାତ୍ରଛାତ୍ରୀଙ୍କ ଫର୍ମ ପୁରଣ ହୋଇଥିଲେ ମଧ୍ୟ ଦୀର୍ଘ ସମୟ ଧରି ପରୀକ୍ଷା ହୋଇନାହିଁ। ରାଜ୍ୟ ସରକାର ଛାତ୍ରଛାତ୍ରୀଙ୍କ ପରୀକ୍ଷାର ବିକଳ୍ପ ପ୍ରସ୍ତୁତ କରନ୍ତୁ। ଚଳିତ ବର୍ଷ ଯୁକ୍ତ ଦୁଇ ଏକ୍ସ ରେଗୁଲାର ରେଜଲ୍ଟରେ ଅଧିକାଂଶ ଛାତ୍ରଛାତ୍ରୀଙ୍କୁ ଫେଲ କରି ଦିଆଯାଇଛି। ଏହାର ସମାଧାନ ପାଇଁ ସରକାର ତତ୍ପର ହୋଇ ତୁରନ୍ତ ସଠିକ୍ ରେଜଲ୍ଟ ପ୍ରକାଶ କରନ୍ତୁ ବୋଲି ସଙ୍ଗଠନ ଦାବି କରିଛି।

# ଡିଜିଟାଲ ଟେକ୍ନୋଲୋଜିରେ ଦକ୍ଷ ହେବେ ଶିକ୍ଷକ

ଭୁବନେଶ୍ୱର ,୨୦/୮ (ନି.ପ୍ର): '୫-'ଟି' ହାଇସ୍କୁଲ୍ ଟ୍ରାନ୍ସଫରମେସନ କାର୍ଯ୍ୟକ୍ରମ' ଅନ୍ତର୍ଗତ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଓଡ଼ିଶା ବିଦ୍ୟାଳୟ ଶିକ୍ଷା ପ୍ରାଧିକରଣ(ଓସେପା) କାର୍ଯ୍ୟାଳ ୟଠାରେ ଭର୍ଚୁଆଲ୍ ମୋଡ୍ ରେ ଗୁରୁବାରଠାରୁ ଆରମ୍ଭ ହୋଇଛି। ଏଥିରେ ଗଞ୍ଜାମ ଜିଲ୍ଲାର ୫୦ଟି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକଶିକ୍ଷୟିତ୍ରୀ ଏବଂ ସହକାରୀ ଶିକ୍ଷକ-ଶିକ୍ଷୟିତ୍ରୀମାନ ଯୋଗଦେଇଥିଲେ। ଏହି ଅବସରରେ ଶିକ୍ଷକମାନଙ୍କୁ ଡିଜିଟାଲ ତଥା ସ୍ମାର୍ଟବୋର୍ଡ ମାଧ୍ୟମରେ କିଭଳି ଶିକ୍ଷାଦାନ କରିବେ ସେ ନେଇ ଅବଗତ କରାଯାଇଥିଲା। ବିଦ୍ୟାଳୟ ଗଣଶିକ୍ଷା ବିଭାଗ ପ୍ରମୁଖ ସଚିବ ସତ୍ୟବ୍ରତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଓଡ଼ିଶା ବିଦ୍ୟାଳୟ ଶିକ୍ଷା ପ୍ରାଧିକରଣ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରମୁଖ ସଚିବ ଶ୍ରୀ ସାହୁ ସମସ୍ତ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସ୍ମାର୍ଟ ଶ୍ରେଣୀଗୃହର ବ୍ୟବହାର କରି ଉତମ ମାନର ଶିକ୍ଷାଦାନ ଲାଗି ଆହ୍ୱାନ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ବିକାଶ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କର ଦାୟିତ୍ୱ ହେବା ଉଚିତ ବୋଲି ସେ କହିବା ସହ ସ୍ମାର୍ଟ କ୍ଲାସ୍ 'ବ୍ଲେଣ୍ଡେଡ୍ ଲର୍ଣ୍ଣିଂ'ର ଉପଯୋଗ ଉପରେ ଗୁରୁତ୍ୱ ଦେଇଥିଲେ। '୫-'ଟି' ହାଇସ୍କୁଲ୍ ଟ୍ରାନ୍ସଫରମେସନ କାର୍ଯ୍ୟକ୍ରମ'ରେ ଅନ୍ତର୍ଭୁକ୍ତ ହୋଇଥିବା ସମସ୍ତ ବିଦ୍ୟାଳୟର ପାସ୍ ହାର ଯେପରି ଶତ ପ୍ରତିଶତ ରହିବ ଏବଂ ଅଧିକରୁ ଅଧିକ ଛାତ୍ରଛାତ୍ରୀ ଯେପରି 'ଏ୧' ଗ୍ରେଡ୍ ରେ କୃତକାର୍ଯ୍ୟ ହେବେ ତାହା ଉପରେ ଗୁରୁତ୍ୱ ଦେବାକୁ ପ୍ରମୁଖ ସଚିବ ସମସ୍ତ ପ୍ରଧାନଶିକ୍ଷକ ଏବଂ ଶିକ୍ଷକଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷକଙ୍କୁ ଡିଜିଟାଲ ଟେକ୍ନୋଲୋଜିରେ ଦକ୍ଷ କରିବା ଆମ ଲକ୍ଷ୍ୟ। ଆଗାମୀ ଦିନରେ ନିରନ୍ତର ଭାବରେ ପର୍ଯ୍ୟାୟକ୍ରମେ ସମସ୍ତ ଶିକ୍ଷକଙ୍କ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆୟୋଜନ କରାଯିବ ବୋଲି ସେ କହିଥିଲେ। ପାଠ୍ୟଖସଡ଼ା ଅନୁଯାୟୀ ସ୍ମାର୍ଟବୋର୍ଡରେ ପାଠ ପଢାଇବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପ୍ରସ୍ତୁତ ନିରନ୍ତର ପାଠ୍ୟକ୍ରମ ମୂଲ୍ୟାଙ୍କନ ପଦ୍ଧତି ଅନୁଯାୟୀ ଉପଲବ୍ଧ ଇ-କଂଟେଂଟ ଗୁଡ଼ିକ ପର୍ଯ୍ୟାୟ କ୍ରମେ ବ୍ୟବହାର କରାଯିବ ଏବଂ ଶିକ୍ଷକମାନେ ନିଜେ ଯେପରି କଂଟେଂଟ ପ୍ରସ୍ତୁତ କରିପାରିବେ ସେଥିଲାଗି ଜିଲ୍ଲାସ୍ତରରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆୟୋଜନ କରାଯିବ ବୋଲି ସେ କହିଥିଲେ। ଏହି ଅବସରରେ ବିଭିନ୍ନ ବିଷୟର ପ୍ରଶିକ୍ଷକମାନେ ଉପସ୍ଥିତ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ଡିଜିଟାଲ ଶିକ୍ଷାଦାନ ପ୍ରଣାଳୀ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ଆଗାମୀଦିନରେ ଅନ୍ୟ ବିଦ୍ୟାଳୟ ଗୁଡିକର ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ମଧ୍ୟ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସାମିଲ କରାଯିବ।

# ସୁଶାନ୍ତଙ୍କ ସ୍ୱଦେଶୀ କ୍ରାନ୍ତି ମିଶନ୍ : ମନ ଜିଣୁଛି ବିହନ ରାଖୀ

ଭୁବନେଶ୍ୱର,୨୦/୮ (ନି.ପ୍ର): ଆଗକୁ ଆସୁଛି ରାଖୀ ପୂର୍ଣ୍ଣମୀ। କରୋନା ମହାମାରୀ ପାର୍ବଣକୁ ଫିକା କରିଥିଲେ ମଧ୍ୟ ଏହି ବିପଦକୁ ସୁଯୋଗରେ ରୂପାନ୍ତରିତ ପାଇଁ ପ୍ରୟାସ କରିଛନ୍ତି ଭୁବନେଶ୍ୱର ପୋଖରୀପୁଟ ଅଂଚଳରେ ରହୁଥିବା ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁ। କୁହାଯାଏ ଅସୁବିଧାରୁ ସୁଯୋଗର ସୃଷ୍ଟି ହୁଏ। କରୋନା ସମୟରେ ଅନେକ ଲୋକ ଜୀବିକା ହରାଇଥିବା ବେଳେ ସୁଶାନ୍ତ ରାଖୀ ପୂର୍ଣ୍ଣମୀ ପାଇଁ ସ୍ଥାନୀୟ ଅଂଚଳରୁ ବିଭିନ୍ନ ସାମଗ୍ରୀ ଯଥା-ଧଳାଧାନ, କଳାଧାନ, ନାଲିଧାନ, ବାଜରା, ସୂର୍ଯ୍ୟମୁଖୀ, କଖାରୁ, ଚାରମଗଜ ଇତ୍ୟାଦି ବିହନ ସହ ତୁଳା, କାଠି, କାଗଜ, ନଡ଼ା, ସୂତା ଆଦିକୁ ବ୍ୟବହାର କରି ପରିବେଶକୁ ସୁହାଇଲା ଭଳି ଅର୍ଥାତ୍ (ଇକୋ-ଫ୍ରେଣ୍ଡଲି) ଶସ୍ତା ସ୍ୱଦେଶୀ ରାଖୀ ପ୍ରସ୍ତୁତ କରି ବଜାରରେ ଉପଲବ୍ଧ କରାଇଛନ୍ତି। ସୁଶାନ୍ତ ତାଙ୍କ ପତ୍ନୀ ଅନସୂୟା ସାହୁ ରାଖୀ ତିଆରିରେ ଲାଗି ପଡ଼ିଛନ୍ତି। ବିଭିନ୍ନ ପ୍ରକାର ବିହନ, ତୁଳା, କାଠିରେ ପ୍ରସ୍ତୁତ ଭଳିକି ଭଳି ଆକର୍ଷଣୀୟ ସୁନ୍ଦର ରାଖୀ ତିଆରି କରି ଏଗୁଡ଼ିକ ରାଜଧାନୀର ପୋଖରୀପୁଟ, ପଟିଆ, ଶୈଳଶ୍ରୀ ବିହାର, ଜଟଣୀ ଇତ୍ୟାଦି ଅଂଚଳକୁ ବିକ୍ରି ପାଇଁ ପଠାଯାଉଛି। ଗତବର୍ଷ କରୋନା ସମୟରୁ ଆରମ୍ଭ ହୋଇଥିବା ଏହି ସ୍ୱଦେଶୀ ମିଶନ୍ ଚଳିତବର୍ଷ ମନକୁ ଛୁଇଁଲା ପରି ୯୦ ପ୍ରକାର ରଙ୍ଗର ସୂତାକୁ ରାଖୀ ତିଆରିରେ ବ୍ୟବହାର କରାଯାଇଛି। ବଜାରରେ ରାଖୀର ମୂଲ୍ୟ ୨୦ ଟଙ୍କାରୁ ୮୦୦ ଟଙ୍କା ମଧ୍ୟରେ ବିକ୍ରି ହେଉଥିବା ବେଳେ ସୁଶାନ୍ତଙ୍କ ପ୍ରୟାସରେ ନିର୍ମିତ ରାଖୀଗୁଡ଼ିକ ୨୫ରୁ ୫୦ ଟଙ୍କା ମୂଲ୍ୟରେ ବିକ୍ରି କରାଯାଉଛି। ଦୁଇମାସ ମଧ୍ୟରେ ପାଖାପାଖି ଏକହଜାରରୁ ଉର୍ଦ୍ଧ୍ୱ ରାଖୀ ତିଆରି କରାଯାଇଥିବା ଜଣାପଡ଼ିଛି। ଲାଭ ପାଇଁ କେବଳ ନୁହେଁ ବରଂ ସ୍ୱଦେଶୀ ଓ ପରିବେଶକୁ ସହୁଇଲା ଭଳି ସାମଗ୍ରୀର ବ୍ୟବହାର ପାଇଁ ଏକ ନୀରବ ଆନ୍ଦୋଳନ ଗଢି ତୋଳିବାର ଆଭିମୁଖ୍ୟ ସହ ଏ ରାଖୀ ମାଟି ସହ ମଣିଷର ସବୁଜିମାର ସମ୍ପର୍କ ଯୋଡ଼ିବାର ଏକ ପ୍ରୟାସ ବୋଲି ସୁଶାନ୍ତ କହିଛନ୍ତି। ଆଗକୁ ବିକଳ୍ପ ସ୍ୱଦେଶୀ ସାମଗ୍ରୀମାନ ତିଆରି କରି ବଜାରରେ ଉପଲବ୍ଧ କରାଇବା ଆଶବ୍ୟକ ବୋଲି ସୁଶାନ୍ତ କୁହନ୍ତି। ଆସନ୍ତା ବର୍ଷକୁ ଏହି ସ୍ୱଦେଶୀ ଇକୋ-ଫ୍ରେଣ୍ଡଲି ରାଖୀ ଭାରତର କୋଣ ଅନୁକୋଣରେ ସୁଲଭ ମୂଲ୍ୟରେ ଲୋକଙ୍କ ପାଖରେ ପହଂଚାଇବାର ଶ୍ରୀ ସାହୁ ଲକ୍ଷ୍ୟ ରଖିଛନ୍ତି। ଆତ୍ମନିର୍ଭର ଭାରତ ଯୋଜାନରେ ଆର୍ଥିକ ସହଯୋଗ ମିଳିଲେ ଅନେକ ମହିଳା ଘରେ ରହି ଜୀବିକା ଉପାର୍ଜନ କରିପାରିବେ ବୋଲି ସୁଶାନ୍ତ କହିଛନ୍ତି।

# ରାଜ୍ୟ ସରକାରଙ୍କୁ ଏନ୍‌ଜିଟିଙ୍କ ନିର୍ଦ୍ଦେଶ : ହାତୀ କରିଡର ବିଜ୍ଞପ୍ତି ପ୍ରକାଶ କର



ଭୁବନେଶ୍ୱର,୨୦/୮ (ନି.ପ୍ର): ରାଜ୍ୟରେ ୩ଟି ହାତୀ ରିଜର୍ଭ ରହିଛି। ସେଥିରେ ୧୪ଟି ହାତୀ କରିଡର ଚିହ୍ନଟ ହୋଇଛି। ମାତ୍ର ଆଜି ପର୍ଯ୍ୟନ୍ତ ଏନେଇ ବିଜ୍ଞପ୍ତି ପ୍ରକାଶ କରାଯାଇ ନାହିଁ। ୯ ବର୍ଷ ହେଲା କେବଳ କାଗଜପତ୍ରରେ ସବୁ କିଛି ଚାଲିଛି। ଯାହାକୁ ନେଇ ନ୍ୟାସନାଲ ଗ୍ରିନ୍ ଟ୍ରିବୁନାଲ (ଏନ୍‌ଜିଟି) ଅସନ୍ତୋଷ ପ୍ରକାଶ କରିବା ସହ ଆସନ୍ତା ଦୁଇ ମାସ ମଧ୍ୟରେ ରାଜ୍ୟର ୧୪ଟି ହାତୀ କରିଡର ସମ୍ପର୍କରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ ୨୦୦୯ରୁ ୧୦୧୨ ପର୍ଯ୍ୟନ୍ତ ରାଜ୍ୟରେ ୧୪ଟି ହାତୀ କରିଡର ପାଇଁ ସର୍ଭେ ହୋଇଥିଲା। ଅଞ୍ଚଳ ଚିହ୍ନଟ ସହ ବିଜ୍ଞପ୍ତି ଜାରି କରିବାକୁ ପିସିସିଏଫ୍(ବନ୍ୟପ୍ରାଣୀ) ୨୦୧୨ରେ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ। ତେବେ ଏପର୍ଯ୍ୟନ୍ତ ବିଜ୍ଞପ୍ତି ପ୍ରକାଶ ପାଇ ନାହିଁ। ଯେଉଁଥିପାଇଁ ହାତୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି। ସେମାନେ ଅସୁରକ୍ଷିତ ଭାବେ ଚଳପ୍ରଚଳ କରୁଥିବାରୁ ପ୍ରତିବର୍ଷ ରାଜ୍ୟରେ ହାତୀ ମୃତ୍ୟୁ ସଂଖ୍ୟା ବଢ଼ିଚାଲିଛି। ଓଡ଼ିଶାରେ ପାଖାପାଖି ଦୁଇ ହଜାର ହାତୀ ଚଳପ୍ରଚଳ କରିପାରିବାର କ୍ଷମତି ରହିଥିବାରୁ ହାତୀଙ୍କ ବାସସ୍ଥାନ ସୁରକ୍ଷିତ ରଖିବା ସହ ସେମାନଙ୍କ ଚଲାପଥକୁ ସୁରକ୍ଷିତ କରିବାକୁ ପଡ଼ିବ ବୋଲି ଏନ୍‌ଜିଟି ଦର୍ଶାଇଛନ୍ତି।

# ୟୁଜିସି ମାନ୍ୟତା ସହ ବିଶ୍ୱବିଦ୍ୟାଳୟ ତାଲିକାରେ ସାମିଲ ହେଲା କଳାହାଣ୍ଡି ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର,୨୦/୮ (ନି.ପ୍ର): ୟୁଜିସି ମାନ୍ୟତା ସହ ବିଶ୍ୱବିଦ୍ୟାଳୟ ତାଲିକାରେ ସାମିଲ ହେଲା କଳାହାଣ୍ଡି ବିଶ୍ୱବିଦ୍ୟାଳୟ। ୟୁଜିସି ଅଧିନିୟମ-୧୯୫୬, ଧାରା ୨ (ଏଫ୍) ଅନୁଯାୟୀ, କମିଶନ ବିଶ୍ୱବିଦ୍ୟାଳୟର ମାନ୍ୟତା ସେବା ସହ ବିଶ୍ୱବିଦ୍ୟାଳୟ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଛି। ଏନେଇ ୟୁଜିସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏ ସମ୍ପର୍କରେ ଟୁଇଟ୍ କରି ସୂଚନା ଦେଇଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ନିଷ୍ପତ୍ତି ଦ୍ୱାରା ଜନଜାତି ବହୁଳ କଳାହାଣ୍ଡି ଜିଲ୍ଲା ସମେତ ଆଖପାଖ ଜିଲ୍ଲାର ଛାତ୍ରଛାତ୍ରୀଙ୍କ ଆଶା ଓ ଆକାଂକ୍ଷା ପୂରଣ ହେବ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଜାତୀୟ ଶିକ୍ଷା ନୀତି ଜରିଆରେ ଏହି ବିଶ୍ୱବିଦ୍ୟାଳୟ ଜରିଆରେ ଗୁଣାତ୍ମକ ଶିକ୍ଷା ଉପଲବ୍ଧ କରାଯିବ ବୋଲି କହିଛନ୍ତି ଧର୍ମେନ୍ଦ୍ର। ତେବେ କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଆବଶ୍ୟକ ତଥ୍ୟ ପ୍ରଦାନ କଲେ ୟୁଜିସି ଅଧିନିୟମ ୧୯୫୬ ଧାରା ୧୨ (ବି) ଅନୁଯାୟୀ, ଖୁବଶୀଘ୍ର କେନ୍ଦ୍ରୀୟ ଅନୁଦାନ ପାଇବ ବୋଲି ଟ୍ୱିଟ୍ କରି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ, ଭବାନୀପାଟଣାସ୍ଥିତ ସରକାରୀ ସ୍ୱୟଂଶାସିତ କଲେଜକୁ ଉନ୍ନୀତ କରାଯାଇ ୨୦୧୯ ଜୁନ୍ ପହିଲାରୁ କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଭାବେ କାର୍ଯ୍ୟକ୍ଷମ କରାଯାଇଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲାର କଲେଜଗୁଡ଼ିକୁ ଏହି ପ୍ରସ୍ତାବିତ ନବଗଠିତ ବିଶ୍ୱବିଦ୍ୟାଳୟ ଅଧୀନକୁ ଅଣାଯାଇଥିଲା। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନରେ ପ୍ରାୟ ୨୪୦ଟି କଲେଜ ଥିବାରୁ ସେଠାରେ ପ୍ରଶାସନିକ କାର୍ଯ୍ୟର ଚାପକୁ ହ୍ରାସ କରିବା ପାଇଁ ସରକାର ଏଭଳି ପଦକ୍ଷେପ ନେଇଥିଲେ। ୨୦୧୯ ମାର୍ଚ୍ଚ ୬ତାରିଖରେ ଉଚ୍ଚଶିକ୍ଷା ନୀତି ଆଧାରରେ ଏହି ନୂଆ ବିଶ୍ୱବିଦ୍ୟାଳୟ ଗଠନ ନିମନ୍ତେ ସରକାର ପଦକ୍ଷେପ ନେବା ପରେ ଏହା ବିଶ୍ୱବିଦ୍ୟାଳୟ ରୂପେ କାର୍ଯ୍ୟକ୍ଷମ ହୋଇଥିଲା। ଏବେ ଏହାକୁ ୟୁଜିସି ମାନ୍ୟତା ମିଳିବା ସହ ବିଶ୍ୱବିଦ୍ୟାଳୟ ତାଲିକାରେ ସାମିଲ କରାଯାଇଥିବାରୁ ଜିଲ୍ଲାବାସୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି।

# କେନ୍ଦ୍ରାପଡ଼ା ଜିଲ୍ଲାର କୃଷି ଓ କୃଷକଙ୍କ ବାସ୍ତବ ସ୍ଥିତି ସମୀକ୍ଷା

## ସରକାରଙ୍କ ଚାଷୀମାରଣ ନୀତି ବିରୁଦ୍ଧରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିବ କିଷାନ କଂଗ୍ରେସ

ଭୁବନେଶ୍ୱର,୨୦/୮ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାର କୃଷି ଓ କୃଷକମାନଙ୍କ ବାସ୍ତବ ସମସ୍ୟାଗୁଡ଼ିକର ସ୍ଥିତି ଅନୁଧ୍ୟାନ କରିବା ପାଇଁ ଗତକାଲି ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟଠାରେ କେନ୍ଦ୍ରାପଡ଼ା ଜିଲ୍ଲା କିଷାନ କଂଗ୍ରେସ ସଭାପତି ନାରାୟଣ ଚନ୍ଦ୍ର ପରିଡ଼ାଙ୍କ ସଭାପତିତ୍ୱରେ ଜିଲ୍ଲାର ସମସ୍ତ ୯ଟି ବ୍ଲକ ଓ ୨ଟି ନଗରାଂଚଳ କିଷାନ କଂଗ୍ରେସ କର୍ମକର୍ତା ଓ ଚାଷୀ ପ୍ରତିନିଧିମାନଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟ କିଷାନ କଂଗ୍ରେସର ଉପାଧ୍ୟକ୍ଷ ମହେନ୍ଦ୍ର ପରିଡ଼ା କାର୍ଯ୍ୟସୂଚୀ ଅନୁଯାୟୀ ସ୍ୱାଗତ ଭାଷଣ ପ୍ରଦାନ କରିବା ପରେ ବିଭିନ୍ନ ବ୍ଲକର ଚାଷୀ ପ୍ରତିନିଧିମାନେ ସେମାନଙ୍କ ଅଂଚଳରେ ଚାଷ କ୍ଷେତ୍ରରେ ଉପୁଜୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ରାଜ୍ୟ ଅଧ୍ୟକ୍ଷ ତଥା ଏଆଇସିସି ସଭ୍ୟ ଅମୀୟ କୁମାର ପଟ୍ଟନାୟକ ଓ ପିସିସି ଗଣ ମାଧ୍ୟମ ବିଭାଗର ଅଧ୍ୟକ୍ଷ ତଥା ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ଜିଲ୍ଲା କଂଗ୍ରେସ କମିଟି ଉପସଭାପତି ପ୍ରଫୁଲ୍ଲ ଦାସ, ବ୍ଲକ ସଭାପତି ଚିତ୍ରସେନ ପରିଡା ପ୍ରମୁଖ କଂଗ୍ରେସ ନେତୃବୃନ୍ଦ ଉପସ୍ଥିତ ରହି ଜିଲ୍ଲାର ଚାଷ ଓ ଚାଷୀଙ୍କ ବାସ୍ତବ ସ୍ଥିତି ସମ୍ପର୍କରେ ଚାଷୀ ପ୍ରତିନିଧିମାନଙ୍କଠାରୁ ବିସ୍ତୃତ ଭାବରେ ଅବଗତ ହେବା ପରେ ଆସନ୍ତା ୧ ମାସ ମଧ୍ୟରେ କିଷାନ କଂଗ୍ରେସ ସଂଗଠନକୁ ପ୍ରତି ଗ୍ରାମଠାରୁ ଜିଲ୍ଲା ପର୍ଯ୍ୟନ୍ତ କ୍ରିୟାଶୀଳ କରାଇବା ସହ ଜିଲ୍ଲା କଂଗ୍ରେସ କମିଟି ସଭାପତିଙ୍କ ପରାମର୍ଶ କ୍ରମେ ଆସନ୍ତା ୧ ମାସ ମଧ୍ୟରେ ଚାଷୀମାନଙ୍କର ପ୍ରମୁଖ ଦାବୀ ପୂରଣ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୃଷକମାରଣ ନୀତି ବିରୁଦ୍ଧରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କିଷାନ କଂଗ୍ରେସ ତରଫରୁ ବିକ୍ଷୋଭ ପ୍ରଦର୍ଶନ କରାଯିବା ପାଇଁ ଆହ୍ୱାନ ଦେଇଥିଲେ। ଓଡ଼ିଶାରେ କେନ୍ଦ୍ରାପଡ଼ା ଜିଲ୍ଲାରେ ପ୍ରଥମେ କେନାଲ ନିର୍ମାଣ କରାଯାଇଥିଲା। କିନ୍ତୁ ଏହି ଜିଲ୍ଲାରେ ଜଳସେଚନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଠପ୍। ମୁଖ୍ୟ ଓ ଶାଖା କେନାଲଗୁଡ଼ିକ ପୋତି ହୋଇ ଗଲାଣି, ଠିକଣା ସମୟରେ କେନାଲରେ ମଧ୍ୟ ପାଣି ଆସୁନାହିଁ। ୫୦୦ରୁ ଉର୍ଦ୍ଧ୍ୱ ଉଠା ଜଳସେଚନ ପଏଂଟ ଅଚଳ। ଜଳସେଚନ ଓ ଜଳ ନିଷ୍କାସନ ଦିଗରେ ସମ୍ପୂର୍ଣ୍ଣ ସ୍ଥାଣୁତା ଦେଖା ଦେଇଛି। କେନ୍ଦ୍ରାପଡ଼ା ଜିଲ୍ଲା ଏକ ଚାଷୀ ବହୁଳ ଅଂଚଳ। ଯେଉଁ ଜିଲ୍ଲାକୁ ଉପାନ୍ତ ଓ ଧୋୟା ଅଂଚଳ କୁହାଯାଏ। ଧାନ ଛଡ଼ା ବିରି, ମୁଗ, ଆଖୁ,ଚିନାବାଦାମ, ପନିପରିବା ଚାଷ ଏହି ଜିଲ୍ଲାର ମୁଖ୍ୟ ଫସଲ। ସରକାରଙ୍କ ଦୂର ଦୃଷ୍ଟି ଅଭାବରୁ ପୂର୍ବ ଅର୍ଥକରୀ ଫସଲ ଝୋଟ ବା ନଳିତା ଚାଷ ଲୋପ ହେବାକୁ ବସିଲାଣି। ଯେଉଁ ଚାଷରେ କି ଚାଷୀ ବେଶ୍ ଅଧିକ ଦୁଇ ପଇସା ଲାଭ କରି ପାରିବ। ୫୦ ଏକରରୁ ଉର୍ଦ୍ଧ୍ୱ ଜଜାଙ୍ଗ କୃଷି ବିଜ୍ଞାନ କେନ୍ଦ୍ର ଚାଷୀଙ୍କ ସ୍ୱାର୍ଥ ଅପେକ୍ଷା ସରକାରଙ୍କ ସ୍ୱାର୍ଥରେ ଜଡ଼ିତ। ଚାଷୀଙ୍କୁ ଏଠାରୁ ଉପଯୁକ୍ତ ସମ୍ପ୍ରସାରଣ ଶିକ୍ଷା ଓ ବୈଷୟିକ ଜ୍ଞାନ କୌଶଳ ପ୍ରଦାନ କରାଯାଉ ନାହିଁ। ଜିଲ୍ଲାରେ ଖରିଫ୍ ଓ ରବିରେ କୃଷି ଋଣ ଲଗାଣ କେବଳ କାଗଜପତ୍ରରେ ଚାଲିଛି। ଭାଗଚାଷୀଙ୍କ ସମସ୍ୟା ଓ ବଳିଆ ଯୋଜନା ସମ୍ପର୍କରେ ନ କହିଲେ ଭଲ। ଖରସ୍ରୋତା ବୃହତ ଜଳସେଚନ ପ୍ରକଳ୍ପ ପାଇଁ ଆଜି ପର୍ଯ୍ୟନ୍ତ ଡିପିଆର ପ୍ରସ୍ତୁତ ହୋଇ ନ ଥିବା ବେଳେ ଧାମରା ସାମୁଦ୍ରିକ ବନ୍ଦର କମ୍ପାନୀଙ୍କୁ ଜଳ ଯୋଗାଇବାକୁ ଉଭୟ ସରକାର ପ୍ରସ୍ତୁତ। ଆଗାମୀ ଦିନରେ ଏହି ଜଳ ପ୍ରକଳ୍ପ ଦ୍ୱାରା ଭିତରକନିକା ଜୈବ ବିବିଧତା ନଷ୍ଟ ହେବା ସହ ଭୂତଳ ଜଳ ଏକ ସଙ୍କଟମୟ ପରିସ୍ଥିତିରେ ପହଂଚିବ। ବିହନ ଉତ୍ପାଦନ ଯୋଜନାରେ ଏହି ଜିଲ୍ଲା ସ୍ୱାବଲମ୍ବୀ ହେବା ପାଇଁ ଭିତିଭୂମି ରହିଥିବା ବେଳେ ଖରିଫ୍‌ରେ ଆବଶ୍ୟକ ଥିବା ୨୦ ହଜାର କ୍ୱିଂଟାଲ ବିହନ ମଧ୍ୟ ଚାଷୀ ଠିକଣା ସମୟରେ ପାଇ ପାରୁ ନାହିଁ। ନକଲି ବିହନ ସାଙ୍ଗକୁ ବିହନ ଓ ସାରର ଅଭାବ ଚାଷୀଙ୍କ ଚିନ୍ତାକୁ ଦ୍ୱିଗୁଣିତ କରୁଛି। ଖରିଫ୍ ଉତ୍ପାଦିତ ଧାନ ବିକିବା ପାଇଁ ଚଷୀ ସେମାନଙ୍କ ନାମ ପଞ୍ଜିକରଣ କରିଥିଲେ ମଧ୍ୟ ପଞ୍ଜିକୃତ ଚାଷୀଙ୍କଠାରୁ ଧାନ କିଣାଯାଉ ନାହିଁ। ଫଳରେ ଚାଷୀ ବାରମ୍ବାର ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ଏପରିକି କେନ୍ଦ୍ରାପଡ଼ା ଜିଲ୍ଲାକୁ ଚାଷୀଙ୍କଠାରୁ ରବି ଧାନ କ୍ରୟ ପାଇଁ ଅନ୍ତର୍ଭୁକ୍ତ କରାଯାଉ ନ ଥିବା ହେତୁ ଚାଷୀ ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଜିଲ୍ଲାର ଚାଷୀ ପରିବାର ସଂଖ୍ୟା ୩ ଲକ୍ଷ ୨୧ ହଜାରରୁ ଉର୍ଦ୍ଧ୍ୱ ହୋଇଥିବା ବେଳେ କାଳିଆ ଯୋଜନାରେ ମାତ୍ର ୪୦ ପ୍ରତିଶତ ଓ ପିଏମ କିଷାନ ଯୋଜନାରେ ମାତ୍ର ୩ ପ୍ରତିଶତ ଚାଷୀ ଅନ୍ତର୍ଭୁକ୍ତ ହୋଇଛନ୍ତି। ଅପର ପକ୍ଷରେ ଉଭୟ ସରକାର ଚାଷୀଙ୍କୁ ଏହି ଦୁଇଟି ଯୋଜନାରେ ସଶକ୍ତ କରୁଥିବା ଏହା କେବଳ ପ୍ରଚାର ସର୍ବସ୍ୱ ହୋଇଛି।

# ୩ ସହୀଦଙ୍କୁ ଶ୍ରଦ୍ଧାଞ୍ଜଳି

ଜଳେଶ୍ୱର ୨୦/୮(ନିପ୍ର) : ଆଜି ଜଳେଶ୍ୱର ଓଡିଶାରେ କୁଦୁମା ଜାତି ଅନୁସୂଚିତ ଜନଜାତିର ମାନ୍ୟତା ପାଇନଥିବା ବେଳେ ଲଢିବାଲାଗି ଦିଲ୍ଲୀରେ ହୋଇଥିବା ଆନ୍ଦୋଳନରେ ଯୋଗ ଦେବାଲାଗି ଜଳେଶ୍ୱରରୁ ପୁରୁଷୋତ୍ତମ ଗଲାବେଳେ ଗତ ୨୮-୮-୯୫ ରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ରବିନାରାୟଣ ଜେନା, ଶ୍ରୀହରୀ ଚରଣ ଜେନା, ଗୌରାଙ୍ଗ ମଲ୍ଲିକଙ୍କର ମୃତ୍ୟୁ ଘଟିଥିବାରୁ ତାଙ୍କ ପ୍ରତିମୂର୍ତ୍ତୀ ଜଳେଶ୍ୱର ଥାନା ଅନ୍ତର୍ଗତ ବର୍ଦ୍ଧନାଠାରେ ନିର୍ମାଣ କରାଯାଇଛି । ଆଜି ତାଙ୍କର ଶ୍ରଦ୍ଧାଞ୍ଜଳି ଦିବସ ଥିବାରୁ କୋଭିଡ ଆଇନ୍‌ଅନୁଯାୟୀ ପରିଷଦର ସଭାପତି ରମେଶ ଚନ୍ଦ୍ର ଜେନା, ଆଇନ୍‌ଜିବୀ ରାମଚନ୍ଦ୍ର ଜେନା, ସୁଦର୍ଶନ ଜେନା, ସୁଧାକର ଜେନା, ହେମନ୍ତ ଦଳେଇ ଓ ଭାଗବତ ଜେନା ପ୍ରମୁଖ ପ୍ରତିମୂର୍ତ୍ତୀଠାରେ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ ।

# କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୧ ଗିରଫ

ଭୁବନେଶ୍ୱର,୨୦/୦୮ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୧ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୯୪୦ ବାହନକୁ ଜବତ କରା ଯାଇଛି ।

# ସହଯୋଗ ବିଜୟଙ୍କ କବିତା ପୁସ୍ତକ 'ଭାବ ସୁମନ' ଲୋକାର୍ପିତ



ବାଲିଆପାଳ,୨୦/୦୮ (ନି.ପ୍ର): ସାଂପ୍ରତିକ ସମୟରେ ଓଡିଶାରେ ବହୁଧା ବିଭକ୍ତ ସାହିତ୍ୟିକ ଗୋଷ୍ଠୀ ମୁଣ୍ଡ ଟେକି ଉଠିଛି । ବିରୋଧୀ ଭାବନା ଯୋଗୁଁ ଅଧିକାଂଶ ସାହିତ୍ୟିକ ବୃଥାରେ ସମୟ ଦେଉଛନ୍ତି । ସେମାନେ ସଂଘବଦ୍ଧ ଭାବନାରେ ଉଦବୋଧ ହୋଇ ସୁସ୍ଥ ସମାଜ ଗଠନରେ ସହାୟକ ହୁଅନ୍ତୁ,ମାନବିକତା ଓ ମଣିଷ ପଣିଆକୁ ବଂଚାଇ ରଖିବା ପାଇଁ ଲେଖନୀକୁ ସ୍ରାଣିତ କରନ୍ତୁ । ଭ୍ରଷ୍ଟାଚାର ବିରୋଧରେ ମିଳିତ ହୋଇ ସଂଗ୍ରାମ କରନ୍ତୁ ଯାହା ଦ୍ୱାରା ସମାଜର ମଙ୍ଗଳ ହେବ । ମାତ୍ର ସାହିତ୍ୟିକ ମାନେ ଐକ୍ୟ ଭାବନା ପରିହାର କରିବା ବିଡମ୍ବନା ବୋଲି ଶୁକ୍ରବାର ବାଲିଆପାଳ ବ୍ଲକ ଏସକେଜି ସାରସ୍ୱତ ଟ୍ରଷ୍ଟ ପରିସରରେ ସହଯୋଗୀ ବିଜୟଙ୍କ କବିତା ପୁସ୍ତକ ଭାବ ସୁମନର ଲୋର୍କାପଣ ଉତ୍ସବରେ ଅତିଥି ମାନେ ଯୋଗ ଦେଇ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି । ସମ୍ବାଦ ସାହିତ୍ୟି ଘର ବାଲିଆପାଳ ଶାଖା ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଝାଡେଶ୍ୱର ପ୍ରଧାନ ଅଧକ୍ଷତା କରିଥିଲେ । ଏଥିରେ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡିଆ ବିଭାଗ ପ୍ରାଧାପକ ନାରାୟାଣ ପ୍ରସାଦ ବେହେରା ମୁଖ୍ୟ ଅତିଥି ,ଜଗାଇ କଲେଜ ଓଡିଆ ବିଭାଗ ମୁଖ୍ୟ ତଥା ବାଦିପାଲା ଗାୟକ ଦୟାନିଦ୍ ସାହୁ ମୁଖ୍ୟବକ୍ତା ,ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ କାଳୀପଦ ପଣ୍ଡା,ରିତିକ୍ ଦେବ ଅଧାପକ କେଦାରନାଥ ମହାନ୍ତି,ଟ୍ରଷ୍ଟର ମୁଖ୍ୟ ପ୍ରାଧାପକ ସୁକାନ୍ତ ଗିରି,ଜଗନ୍ନାଥ ସେବା ସଂସ୍ଥା ମୁଖ୍ୟ ଜଗନ୍ନାଥ ପ୍ରଧାନ,ପୂର୍ବତନ ଜିଲାପରିଷଦ ସଦସ୍ୟ ଅଜୟ ସାହୁ ପ୍ରମୁଖ ସମ୍ମାନୀତ ଅତିଥି ଭାବରେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ସାହିତ୍ୟ ଘର ସଂପାଦିକା ଡ.ରଶ୍ମିତା ପାଣିଗ୍ରାହୀ ମଂଚ ଆହ୍ୱାନ ,ସନ୍ୟାସୀ ବେହେରା ବେଦପାଠ , ଗୀତିକାର ରମାନାଥ କର ପ୍ରାରମ୍ଭିକ ସଙ୍ଗୀତ,ସାହିତ୍ୟ ଘର ସଂଯୋଜକ ବ୍ୟୋମକେଶ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅତିଥିମାନେ ଭାବ ସୁମନକୁ ଉନ୍ମୋଚନ କରିଥିଲେ । କବି ଭାରତୀ ସରିତା ମହାନ୍ତି,ପ୍ରାକ୍ତନ ଏବିଓ ମନ୍ମଥ ସାହୁ,ଡ.କୃଷ୍ଣାକୁମାରୀ ନାୟକ, ସେହ୍ନଲତା ନାୟକ,ଅର୍ଦ୍ଧେନ୍ଦୁ ପାଣିଗ୍ରାହୀ, ବିଜୟ ପାତ୍ର, ରାମକୃଷ୍ଣ ଦାସ ଅଧିକାରୀ,ପ୍ରମୋଦ ଭୂୟାଁ, ମିତାରାଣୀ ପ୍ରାଣିଗ୍ରାହୀ ପ୍ରମୁଖ ବିଶିଷ୍ଟ ବ୍ୟକ୍ତିମାନେ ଏଥିରେ ଅଂଶ ଗ୍ରହଣ କରିଥିଲେ । ଏହି ଅବସରରେ ସାହିତ୍ୟ ଘର ସଂପାଦିକା ରସ୍ମିତା ପାଣିଗ୍ରାହଜୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିନାୟକ ସେଠୀ, ରୀତାରାଣୀ ସେଠୀ, ଉମାକାନ୍ତ ନାୟକ, ପଙ୍କଜ କୁମାର ସାହୁ , ତପନ କୁମାର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କବିଙ୍କର ପୁତ୍ର ବଧୂ ପ୍ରଯୁକ୍ତା ରଥ ଧନ୍ୟବାଦ ପ୍ରଦାନ କରିଥିଲେ ।

# ବାଲିଆପାଳରେ ବିଭିନ୍ନ ସ୍ଥାନରେ ସଦ୍‌ଭାବନା ଦିବସ ପାଳିତ

ବାଲିଆପାଳ,୨୦/୦୮ (ନି.ପ୍ର): ବାଲିଆପାଳରେ ବିଭିନ୍ନ ସ୍ଥାନରେ ସଦଭାବନା ଦିବସ ପାଳିତ ହୋଇଯାଇଛି । ନୁଆଗାଁସ୍ଥିତ ନିତ୍ୟାନନ୍ଦ ସରସ୍ୱତୀ ଶିଶୁ ମନ୍ଦିରରେ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପ୍ରଭାକର ବେହେରା ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ ।ମୁଖ୍ୟ ଅତିଥି ବାବେ ଅ୍ଧାପକ ଦୟାନିଧି ସାହୁ ଯୋଗଦେଇ ସ୍ୱର୍ଗତଃ ରାଜୀବ ଗାନ୍ଧୀଙ୍କ ଆଦର୍ଶ ଓସ୍ମୃତିଚାରଣ କରିଥିଲେ ।ଅନ୍ୟ ମାନଙ୍କ ମ୍ଧରେ ଇଂ ରଞ୍ଜନ କୁମାର ବେହେରା,ଗୁରୁଜୀ ଧରଣୀ ଧର ନାୟକ ଓ ଗୁରୁମା ଅଞ୍ଜୁବାଳା ମାଝୀ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ ।ଗୁରୁଜୀ ବସନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ବାଲିଆପାଳ ବ୍ଲକ କଂଗ୍ରେସ କାର୍ଯ୍ୟାଳୟରେ ବ୍ଲକ ଅଧ୍ୟକ୍ଷ ବିଜନ ନାୟକ ଅ୍ଧକ୍ଷତାରେ ସଦଭାବନା ଦିବସ ପାଳିତ ହୋଇଛି । ଏହି କାର୍ଯ୍ୟକ୍ରମରେ ଦଳୀୟ ନେତୃମଣ୍ଡଳିମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ସର୍ବ ପ୍ରଥମେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ରାଜୀବ ଗାନ୍ଧିଙ୍କ 'ଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା । ପରେ ଜାତି, ସମ୍ପ୍ରଦାୟ, ଧର୍ମ ଓ ଭାଷାର ଭେଦଭାବରୁ ଉର୍ଦ୍ଧ୍ୱରେ ରହି ସମସ୍ତେ ଭାରତ ବର୍ଷରେ ଏକତା ଏବଂ ଅଖଣ୍ଡତା ରକ୍ଷା ପାଇଁ ସପଥ ନେଇଥିଲେ । ସେହିପରି ସୁନାରୁଢ଼ ନୋଡାଲ ସ୍କୁଲ, ସୁବର୍ଣ୍ଣରେଖା ସରକାରୀ ଉଚ୍ଚବିଦ୍ୟାଳୟ,ସିମୁଳିଆ ୟୁଜିୟୁପି ସ୍କୁଲ, କୁମ୍ଭାରୀ ନୋଡାଲ ୟୁପି, ଡଗରା ମଦରଟେରସା ସେବା ସଂଘ ସ୍କୁଲ ସମେତ ବିଭିନ୍ନ ବିଦ୍ୟାଳୟରେ ସଦଭାବନା ଦିବସ ପାଳିତ ହୋଇଯାଇଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଆରମ୍ଭ ହେଲା ସ୍ମାର୍ଟ ହେଲଥ କାର୍ଡ ....

ମାଲକାନଗିରିରେ ସୀମିତ ରହିବ ନାହିଁ । ଅନ୍ୟ ଜିଲ୍ଲାକୁ ମଧ ଦଳ ବଳ ଘେନି ଓହ୍ଲାଇବେ ଦଳୀୟ ମୁଖିଆ । ମାସ ଶେଷକୁ ସୁନ୍ଦରଗଡ ପରେ ମୟୁରଭଂଜ ଓ ବଲାଙ୍ଗୀର ଗସ୍ତ ପାଇଁ ଯୋଜନା ପ୍ରସ୍ତୁତ ହେଉଥିବା ସୂଚନା ମିଳୁଛି । ସୁଚନା ଅନୁସାରେ, କେବଳ ସ୍ମାର୍ଟ ହେଲଥ କାର୍ଡ ନୁହେଁ, ସ୍ମାର୍ଟ ସ୍କୁଲ ମଧ ରହିଛି ପ୍ରଚାର ଏଜେଣ୍ଡାରେ । ୧୦୦ରୁ ଅଧିକ ବିଧାୟକ ୨୩ରୁ ଗଂଜାମର ଏକାଧିକ ସ୍କୁଲ ବୁଲିବା ସହ ଏହି କାର୍ଯ୍ୟ ନେଇ ଜନସଚେତନତା ସୃଷ୍ଟି କରିବେ । ନିର୍ବାଚନ ପାଇଁ ସିନା ବିଗୁଲ ବାଜିନି, ହେଲେ ୨୦୧୭ରେ ଯେଉଁ ଝଟକା ଶାସକ ଦଳ ପାଇଥିଲା, ତାକୁ ପ୍ରତିହତ କରିବାକୁ ଏବେଠାରୁ ଲାଗୁପଡିଲାଣି ଦଳ ।

## ଉତ୍କଳମଣି ଗୋପବନ୍ଧୁ ଦାସଙ୍କ....

ସିଟି ସ୍କାନ ମେସିନ କାର୍ଯ୍ୟକ୍ଷମ କରାଯାଇଛି । କରୋନା ମହାମାରୀ ସମୟରେ ସିଟି ସ୍କାନ୍ ମେସିନ କାର୍ଯ୍ୟକ୍ଷମ ହେବା ଫଳରେ ବହୁ ରୋଗୀ ଉପକୃତ ହୋଇ ପାରିଛନ୍ତି । ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ 'ନର ସେବା ହିଁ ନାରାୟଣ ସେବା' ଆଦର୍ଶରେ ଗରିବ ଓ ଅସହାୟ ଲୋକଙ୍କୁ କମ ମୂଲ୍ୟରେ ଚିକିତ୍ସା ସେବା ଯୋଗାଇ ଦେବାର ଲକ୍ଷ୍ୟ ନେଇ ଜିମସାର ସ୍ଥାପନ କରାଯାଇଥିଲା । ଉତ୍କଳମଣି ଗୋପବନ୍ଧୁଙ୍କ ଇଚ୍ଛା ଏବଂ ଅଭିଳାଷକୁ ସାକାର କରିବା ପାଇଁ "ସମାଜ" ଓ "ଲୋକ ସେବକ ମଣ୍ଡଳ" ଦ୍ୱାରା ଉଚ୍ଚକୋଟୀର ସେବାମୂଳକ ଚିକିତ୍ସା ଓ ଆୟୁର୍ବିଜ୍ଞାନ ଶିକ୍ଷା ପାଇଁ ଏହି ପ୍ରତିଷ୍ଠାନ ସ୍ଥାପନା କରି ପଣ୍ଡିତ ଗୋପବନ୍ଧୁଙ୍କ 'ସେବା'ର ପରମ୍ପରାକୁ ଆଗକୁ ନେଉଅଛି । ଉତ୍କଳମଣି ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ଏହି ଅନୁଷ୍ଠାନ ଆହୁରି ପ୍ରଗତି କରିବ ଓ ଆସନ୍ତା ଦିନ ମାନଙ୍କରେ ଏହା ଏକ ମେଡ଼ିକାଲ କଲେଜର ରୂ ନେବ ବୋଲି ସେ କହିଛନ୍ତି ।

# ସ୍ୱାଧୀନତାର ୭୫ ବର୍ଷ ଉପଲକ୍ଷେ ଆୟକର ବିଭାଗ ତରଫରୁ ସାଇକେଲ ରାଲି

ଭୁବନେଶ୍ୱର,୨୦/୦୮ (ନି.ପ୍ର): ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି, ଆଜାଦି କା ଅମୃତ ମହୋତ୍ସବ ଅବସରରେ ଆୟକର ବିଭାଗ, ଓଡ଼ିଶା ତରଫରୁ ଏକ ସାଇକେଲ ରାଲି ଆୟୋଜନ କରାଯାଇଥିଲା । ପ୍ରାୟ ୨୫୦ ଜଣ ଏହି ସାଇକେଲ ରାଲିରେ ଯୋଗ ଦେଇଥିଲେ । ଆୟକର ବିଭାଗର ଅଧିକାରୀ, କର୍ମଚାରୀମାନଙ୍କ ସମେତ ବିଭିନ୍ନ ସଂଗଠନର ସାଇକେଲ ଚଳାଳିମାନେ ଏଥିରେ ଯୋଗଦେଇଥିଲେ । ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ପଦ୍ମଶ୍ରୀ ଦିଲ୍ଲିପ ତିର୍କୀ ଭୁବନେଶ୍ୱରସ୍ଥ ଆୟକର ଭବନ କାର୍ଯ୍ୟାଳୟରେ ଏହି ରାଲିର ଶୁଭ ଉଦ୍‌ଘାଟନ କରିଥିଲେ । ସାଇକେଲ ରାଲି ସକାଳ ୮ଟା ସମୟରେ କଟକର ଆୟକର ଭବନରେ ପହଂଚିଥିଲା । ସେଠାରେ ପ୍ରଧାନ ଆୟକର କମିଶନର ଶ୍ରୀ ମନୋରଞ୍ଜନ ପାଣିଗ୍ରାହୀ ଏବଂ କଟକ ଜିଲ୍ଲାପାଳ ଶ୍ରୀ ଭବାନୀ ଶଙ୍କର ଚଇନି ରାଲିକୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । କଟକରୁ ରାଲି ଜାତୀୟ ରାଜପଥ ଦେଇ ଦ୍ୱିପହରରେ ପୁରୀରେ ପହଂଚିଥିଲା । କଟକରେ ଆୟକର ଭବନର କର୍ମଚାରୀମାନେ ରାଲିରେ ସାମିଲ ହୋଇ ସାଇକେଲ ଚଳାଇ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଲୋକମାନଙ୍କ ମଧ୍ୟରେ ଦେଶାତ୍ମଭାବ ଜାଗ୍ରତ କରିଥିଲେ । ଜିଲ୍ଲାପାଳ ମଧ ନିଜେ ସାଇକେଲ ଚଳାଇ ରାଲିରେ ଯୋଗଦେଇଥିବା ଅଂଶଗ୍ରହଣକାରୀଙ୍କୁ ଉତ୍ସାହ ପ୍ରଦାନ କରିଥିଲେ । ଏହି ରାଲିରେ ଆୟକର କମିଶନର ଶ୍ରୀ ସରୋଜ ମହାପାତ୍ର, ପ୍ରଧାନ ଆୟକର କମିଶନର ଶ୍ରୀ ଅସିତ ମହାପାତ୍ର, ଅତିରିକ୍ତ ଆୟକର କମିଶନର ଶ୍ରୀ ବିଜୟ ଗୌତମ, ଆୟକର ଅଧିକାରୀ ଶ୍ରୀ ରଞ୍ଜନ ମହାନ୍ତି, ଶ୍ରୀ ପି.କେ. ସାହୁ, ଶ୍ରୀ କ୍ଷିତୀଶ ମହାନ୍ତି, ଶ୍ରୀ ଚିତ୍ତ ପଟ୍ଟନାୟକ, ଶ୍ରୀ ଏସ୍.କେ. ଦତ୍ତ, ଶ୍ରୀ ଏସ୍.ପି. ରଥ, ନଜ୍‌ରୁଲ୍ ଇସ୍‌ଲାମ୍, ଆଡ୍‌ଭୋକେଟ୍ ଶ୍ରୀ ପ୍ରଦୀପ ପଟ୍ଟନାୟକ ପ୍ରମୁଖ କର୍ମଚାରୀମାନେ ଯୋଗଦେଇଥିଲେ ।

# କରୋନାରେ ଆଉ ୬୯ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୨୦/୦୮ (ନି.ପ୍ର): ରାଜ୍ୟରେ କରୋନାରେ ଆଉ ୬୯ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢ଼ି ୭,୨୨୩ ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ଜଗତସିଂହପୁର ଜିଲ୍ଲାରୁ ସର୍ବାଧିକ ୧୨ ଜଣ ଥିବା ବେଳେ କଟକ ଜିଲ୍ଲାରୁ ୧୧ ଜଣ. ଢେଙ୍କାନାଳରୁ ୮ ଜଣ ଅଛନ୍ତି । ଭଦ୍ରକ ଓ ଯାଜପୁର ଜିଲ୍ଲାରୁ ୬ ଜଣ ଲେଖାଏଁ ଏବଂ ଆକ୍ରାନ୍ତ ଅଛନ୍ତି। ଅନୁଗୁଳ, ଖୋର୍ଦ୍ଧା ଓ କେନ୍ଦ୍ରାପଡ଼ା ଜିଲ୍ଲାରୁ ୫ ଜଣ ଲେଖାଏଁ କରୋନା ଆକ୍ରାନ୍ତଙ୍କ ପରଲୋକ ଘଟିଛି । ପୁରୀ ଜିଲ୍ଲାରୁ ୪ ଜଣଙ୍କର ମୃତ୍ୟୁ ଘଟିଛି । କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲ୍ଲାରୁ ୩ ଜଣ ଲେଖାଏଁ ଆକ୍ରାନ୍ତଙ୍କ ପ୍ରାଣହାନି ଘଟିଛି । ଏହାଛଡ଼ା ଓ ନୟାଗଡ଼ ଜିଲ୍ଲାରୁ ଜଣେ ମୃତକ ଅଛନ୍ତି । ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ଯେ ପ୍ରତ୍ୟେକ ଦିନ ଆସୁଥିବା ମୃତ୍ୟୁ ସଂଖ୍ୟା ସେହି ନିର୍ଦ୍ଦିଷ୍ଟ ଦିନର ନୁହେଁ । ବିଭିନ୍ନ ସ୍ତରରେ ଅଡିଟ କରା ଯାଇ ମୃତ୍ୟୁ ସଂଖ୍ୟା ଘୋଷଣା କରା ଯାଉଥିବା ବିଭାଗ ପକ୍ଷରୁ କୁହା ଯାଇଛି ।

# ବାବା ନିଖିରେଶ୍ୱର ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ରକ୍ତଦାନଶିବିର : ୭୧ ୟୁନିଟ ରକ୍ତ ସଂଗୃହିତ




ବାଲିଆପାଳ,୨୦/୦୮ (ନି.ପ୍ର): ବାଲିଆପାଳ ବ୍ଲକ ନିଖିରା ପ ।ୟତ ବାବା ନିଖିରେଶ୍ୱର ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନଶିବିର ଅନୁଷ୍ଠିତ ହୋଇଯାଇଛି । ସୁରେନ୍ଦ୍ରଭୂୟାଁ ସହେଯାଗ ନିଖିରେଶ୍ୱର ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ରକ୍ତଦାନ ଶିବିରରେ ମୁଖ୍ୟଅତିଥି ଭାବରେ ବାଲିଆପାଳ ତହସିଲଦାର ଦୀପକ କୁମାର ଦାସ ଯୋଗ ଦେଇ ଶିବିରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ସମ୍ମାନୀତ ଅତିଥି ଭାବରେ ଘୁଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଫାର୍ମାସିଷ୍ଟ ରତୀନ୍ଦ୍ରନାଥ ପରିଡା, ବାଲେଶ୍ୱର ରକ୍ତ ଭଣ୍ଡାର ଡାକ୍ତର ପ୍ରଶାନ୍ତ କୁମାର ଦାସ,ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗିରିଶ ଚନ୍ଦ୍ର ପାତ୍ର ,ସମିତି ସଦସ୍ୟ ଅଞ୍ଜନ କୁମାର ଗିରି ପ୍ରମୁଖ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ବାଲେଶ୍ୱର ରକ୍ତଭଣ୍ଡାର ଡାକ୍ତର ଶ୍ରୀ ଦାସ ରକ୍ତଦାତା ମାନଙ୍କର ସ୍ୱାସ୍ଥ୍ୟପରୀକ୍ଷା କରିଥିବା ବେଳେ ଟେକନିସିଆନ ବିଜୟ କୁମାର ମହାପାତ୍ର, ସ୍ୱାଗତିକା ପରିଡା, ଦେବାଶିଷ ଦ ,ଅଜୟ ମହାପାତ୍ର ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ । ସ୍ୱେଚ୍ଛାସେବୀ ସଙ୍ଗଠନର ମୁଖ୍ୟ ସାମ୍ବାଦିକ ତାରାକାନ୍ତ ଜେନା, କରୁଣାକର ପ୍ରଧାନ, ଜୟନ୍ତ ମହାନ୍ତି ଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ରକ୍ତଦାନ ଶିବିରରେ ମୋଟ ୭୧ୟୁନିଟ ରକ୍ତ ସଂଗ୍ରହିତ ହୋଇଥିଲା । କାର୍ଯ୍ୟକ୍ରମକୁ ସାମ୍ବାଦିକ ଉମାକାନ୍ତ ନାୟକ, ସାଗର ପଟ୍ଟନାୟକ, ପଙ୍କଜ କୁମାର ସାହୁ, ବିଶ୍ୱଜିତ ଦଳାଇ ପ୍ରମୁଖ ପରିଚାଳନା କରିଥିଲେ ।

# ମୁଖ୍ୟ ଚିକିତ୍ସାଳୟରେ କର୍କଟରୋଗ ପରାମର୍ଶ ଶିବିର



ବାଲେଶ୍ୱର,୨୦/୦୮ (ନି.ପ୍ର): ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କର୍କଟ ରୋଗ ପରାମର୍ଶ ଶିବିର ବାଲେଶ୍ୱର ସଦର ଡାକ୍ତରଖାନାରେ ଅନୁଷ୍ଠିତ ହୋଇଯାଇଛି । ଦିଲୀ ସର୍ବୋଦୟ ହସପିଟାଲର ବରିଷ୍ଠ କର୍କଟ ରୋଗ ବିଶେଷଜ୍ଞ ଡାକ୍ତର ଦୀନେଶ ପେଣ୍ଡାରକର, ଆଚାର୍ଯ୍ୟ ହରିହର କର୍କଟ ରୋଗ ଚିକିତ୍ସା କେନ୍ଦ୍ରର ନିର୍ଦ୍ଦେଶକ ଡାକ୍ତର ଲଲାଟେନ୍ଦୁ ଷଡ଼ଙ୍ଗୀ, ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଡାକ୍ତର ସୁଶାନ୍ତ କୁମାର ସ୍ୱାଇଁ ପ୍ରମୁଖ ଏଥିରେ ଯୋଗଦେଇ କର୍କଟ ରୋଗ ଚିକିତ୍ସାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଶିବିରରେ ଯୋଗଦେଇ ଥିବା ୪୨ ଜଣ କର୍କଟ ରୋଗୀଙ୍କୁ ପରୀକ୍ଷା ସହ ଚିକିତ୍ସା ସମ୍ପର୍କରେ ପରାମର୍ଶ ଦିଆଯାଇଥିଲା । ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦୁଲାଲ ସେନ ଜଗଦେବ, ଅତିରିକ୍ତ ଚିକିତ୍ସାଧିକାରୀ ଡାକ୍ତର ମୃତ୍ୟୁଞ୍ଜୟ ମିଶ୍ର, ଜିଲା କର୍କଟ କେନ୍ଦ୍ରର ମୁଖ୍ୟ ଡାକ୍ତର ପ୍ରିୟ କୁମାର ଘୋଷଙ୍କ ସମେତ ଡାକ୍ତର ଅରୂପ ଅଭିଷେକ, ଡାକ୍ତର ଦୀପକ ନାୟକ, ଅର୍ଥ ପରାମର୍ଶଦାତା ମନୋଜ କୁମାର ଚାନ୍ଦ, ନର୍ସିଂ ଅଫିସର ସସ୍ମିତା ବିଶ୍ୱାଳ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ ।

# କବି ହରନାରାୟଣ ମିଶ୍ରଙ୍କ କବିତା ପୁସ୍ତକ "ଶୁଭାନ୍ୱେଷ" ଉନ୍ମୋଚିତ



ବାରିପଦା,୨୦/୦୮ (ନି.ପ୍ର): ବରିଷ୍ଠ ସାରସ୍ୱତ ସାଧକ କବି ହରନାରାୟଣ ମିଶ୍ରଙ୍କ ଲିଖିତ କବିତା ପୁସ୍ତକ "ଶୁଭାନ୍ୱେଷ" ଭର୍ଚୁଆଲ ପଦ୍ଧତିରେ ଉନ୍ମୋଚନ ହୋଇଯାଇଛି । ସାହିତ୍ୟ ସଂସ୍କୃତି ବିକାଶ ମଞ୍ଚର ସଭାପତି ଡ. ସରୋଜ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉନ୍ମୋଚନ ସମାରୋହରେ ମୁଖ୍ୟ ଅତିଥି ଭାବେ ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ରାଉତ, ମୁଖ୍ୟବକ୍ତା ଭାବେ ବାରିପଦା ଗୋପବନ୍ଧୁ ସାହିତ୍ୟ ସଂସଦର ସମ୍ପାଦକ ଅମିତାଭ ମିଶ୍ର ଯୋଗଦେଇ ପୁସ୍ତକଟିକୁ ଉନ୍ମୋଚନ କରିବା ସହ କବିଙ୍କର ମହନୀୟ ଉଦ୍ୟମକୁ ପ୍ରଶଂସା କରିଥିଲେ । ପୂର୍ବରୁ ଶ୍ରୀ ମିଶ୍ରଙ୍କର ବହୁ ପୁସ୍ତକ ପ୍ରକାଶିତ ହୋଇ ପାଠକୀୟ ସ୍ୱୀକୃତି ଲାଭ କରିଛି । କିଶୋର ସାହିତ୍ୟ ଭିତ୍ତିକ ପୁସ୍ତକ "ଶୁଭାନ୍ୱେଷ" କବିଙ୍କର ଲେଖନୀର ପଦଯାତ୍ରା ସିରିଜର୍ ପଞ୍ଚଦଶ ସଙ୍କଳନ । କବିଙ୍କର ଏହି ୨୫ତମ ସୃଷ୍ଟି ସମସ୍ତଙ୍କ ଦ୍ୱାରା ଆଦୃତ ହେବ ବୋଲି ମତ ପ୍ରକାଶ ପାଇଥିଲା ।

# ବାରିପଦା ପୌରାଞ୍ଚଳରେ ଡୋର ଟୁ ଡୋର ଡିଜିଟାଲ ନମ୍ବରିଂ ସର୍ଭେ ପ୍ରକ୍ରିୟା ଆରମ୍ଭ



ବାରିପଦା,୨୦/୦୮ (ନି.ପ୍ର): ବାରିପଦା ସହରାଞ୍ଚଳର ସମସ୍ତ ବାସଗୃହ ଓ ବ୍ୟବସାୟିକ ପ୍ରତିଷ୍ଠାନ ଗୁଡିକର ଡୋର ଟୁ ଡୋର ଡିଜିଟାଲ ଡୋର ନମ୍ବରିଂ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଯାଇଅଛି । ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ, ଓଡିଶାଙ୍କ ସ୍ୱୀକୃତିପ୍ରାପ୍ତ ଜିଆଇଏସ କନଜରଟିଉମ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ଦ୍ୱାରା କରାଯାଉଥିବା ଏହି ଡିଜିଟାଲ ଡୋର ନମ୍ବରିଂ ସର୍ଭେ ମାଧମରେ ସମଗ୍ର ବାରିପଦା ପୌରାଞ୍ଚଳର ସମସ୍ତ ତଥ୍ୟ ଏକ ୟୁନିକ ମାଧମରେ ଉପଲବ୍ଧ ହୋଇପାରିବ । ଏହି ଡିଜିଟାଲ ନମ୍ବରିଂ ସର୍ଭେ ପ୍ରକ୍ରିୟା ଜିଆଇଏସ କନଜରଟିଉମ ଇଣ୍ଡିଆ ପ୍ରାଇଭେଟ ଲିମିଟେଡର ଜିଲ୍ଲା ସଂଯୋଜକବଜଗତ ଜ୍ୟୋତି ମିଶ୍ରଙ୍କ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିବା ବେଳେ ଏ ପ୍ରସଙ୍ଗରେ ଗତ ଅଗଷ୍ଟ ୪ ତାରିଖରେ ବାରିପଦା ପୌରପାଳିକା ସମ୍ମିଳନୀ ପ୍ରକୋଷ୍ଠରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଅଧକ୍ଷତାରେ ୨୦ ଜଣ ସର୍ଭେକ୍ଷକଙ୍କୁ ତାଲିମ ପ୍ରଦାନ ମଧ କରାଯାଇଅଛି । ଏହି ତାଲିମ କାର୍ଯ୍ୟକ୍ରମରେ ପୌରପାଳିକାର ସମସ୍ତ ଟିକସ କଲେକ୍ଟର ତଥା ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ପୌରପାଳିକା ଅଧୀନରେ ଥିବା ୨୮ଗୋଟି ୱାର୍ଡର ପ୍ରତ୍ୟେକ ଘର ସହିତ ରାସ୍ତା, ଡ୍ରେନ, ଖାଲି ପଡିଥିବା ଜାଗାସବୁକୁ ନେଇ ୟୁନିକ ନମ୍ବରିଂ କରାଯିବ । ଏହି ୟୁନିକ ନମ୍ବରିଂ ଦ୍ୱାରା ସହରବାସୀ ସମସ୍ତ ସୁବିଧାସୁଯୋଗ ପାଇପାରିବେ । ସହରବାସୀଙ୍କ ହିତସାଧନ ନିମନ୍ତେ ନିଜର ମୌଳିକ ସମସ୍ୟା ସମ୍ପର୍କରେ ଅନଲାଇନ ମାଧମରେ ବାରିପଦା ପୌରପାଳିକାକୁ ସେମାନଙ୍କର ଅଭିଯୋଗ ସମ୍ପର୍କିତ ସୂଚନା ଜଣାଇପାରିବେ ଏବଂ ୟୁନିକ ନମ୍ବର ମାଧମରେ ଖୁବ ସହଜରେ ସମସ୍ୟାର ସମାଧାନ ହେବା ସହ ସମସ୍ତ ତଥ୍ୟ ଶୀଘ୍ର ଜାଣିହେବ ବୋଲି କୁହାଯାଇଛି । ଏହି ସର୍ଭେ କାର୍ଯ୍ୟ ଆସନ୍ତା ୩ ମାସ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ସମ୍ପୃକ୍ତ ସଂସ୍ଥାର ସଂଯୋଜକଙ୍କ ଠାରୁ ସୂଚନା ମିଳିଛି । ଏହି ସର୍ଭେ କାର୍ଯ୍ୟରେ ବାରିପଦା ପୌରପାଳିକାର ସମସ୍ତ ଜନସାଧାରଣ ପୂର୍ଣ୍ଣ ସହଯୋଗ କରିବାକୁ ଅନୁରୋଧ କରାଯାଇଛି ।

# ଦିବ୍ୟାଙ୍ଗଙ୍କୁ ରେସନ ସାମଗ୍ରୀ ବଣ୍ଟନ

ବାଲିଆପାଳ,୨୦/୦୮ (ନି.ପ୍ର): ବାଲିଆପାଳର ବରିଷ୍ଠ ସାମ୍ବାଦିକ ସ୍ୱର୍ଗତଃ ପ୍ରଣବ ସାହୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ସ୍ୱେଚ୍ଛାସେବୀ ସଙ୍ଗଠନ ଏକ୍ସନଏଡ ତରଫରୁ ଆଜି ୫୦ରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗ ମାନଙ୍କୁ ତିନି ମାସର ରେସନ ସାମଗ୍ରୀ ବିତରଣ କରାଯାଇଛି ।ସ୍ୱର୍ଗତଃ ସାହୁଙ୍କ ଖପରାପଦାସ୍ଥିତ ବାସଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏକ୍ସନ ଏଡର ନିର୍ଦ୍ଦେଶକ ଦେବବ୍ରତ ସାହୁ, ଶୁଭେନ୍ଦୁ ରାୟ, ବି.ଏନ ଦୁର୍ଗା, ଅର୍ଜୁନ ଦିଗାଲ,ସ୍ୱର୍ଗତଃ ସାହୁଙ୍କ ବାପା ଶିକ୍ଷାବିତ ନାରାୟଣ ପ୍ରସାଦ ସାହୁ,ପତ୍ନୀ ମମତା ରାଣି ସାହୁ,ଭାଇ ପ୍ରଦୀପ କୁମାର ସାହୁ,ପ୍ରଭାତ କୁମାର ସାହୁ,ଅଜୟ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# 'ଶହୀଦ ସ୍ମରଣେ'କାର୍ଯ୍ୟକ୍ରମରେ ବାଲେଶ୍ୱର ସାମ୍ବାଦିକ ସମ୍ବର୍ଦ୍ଧିତ



ବାଲେଶ୍ୱର,୨୦/୦୮ (ନି.ପ୍ର): ସ୍ୱେଚ୍ଛାସେବୀ ସଂଗଠନ 'ସମରକ୍ରାନ୍ତି ସେନା' ଓ 'ଓଡ଼ିଶା ୟନିୟନ ଅଫ ଓ୍ୱାର୍କିଙ୍ଗ ଜର୍ଣ୍ଣାଲିଷ୍ଟ'(ଓୟୁଡବ୍ଲ୍ୟୁଜେ) ମିଳିତ ସହଯୋଗରେ ମହାନ ଦେଶଭକ୍ତ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ସ୍ମୃତିରେ ଆୟୋଜିତ 'ଶହୀଦ ସ୍ମରଣେ' କାର୍ଯ୍ୟକ୍ରମରେ ବାଲେଶ୍ୱରର ୬ଜଣ ସାମ୍ବାଦିକ ସମ୍ବର୍ଦ୍ଧିତ ହୋଇଛନ୍ତି । ସେମାନେ ହେଲେ 'ଓୟୁଡବ୍ଲ୍ୟୁଜେ'ର ଜିଲା ସଭାପତି ଉଜ୍ଜ୍ୱଳ ଚନ୍ଦ୍ର କର, ସମ୍ପାଦକ ରବି ରଂଜନ କର, ସନ୍ଦୀପ୍ତ କୁମାର ଦାସ, ବାସୁଦେବ ରାଉଳ, ଚୈତନ୍ୟ ପ୍ରସାଦ ଦାସ ଓ ବିରଞ୍ଚି ପ୍ରଧାନ । ଭୁବନେଶ୍ୱରର କେଶରୀ ହୋଟେଲ ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ଲାଫ୍‌ଟନାଣ୍ଟ ଜେନେରାଲ ନାରାୟଣ ପ୍ରସାଦ ମହାନ୍ତି, ପୂର୍ବତନ ସାଂସଦ ପ୍ରସନ୍ନ ପାଟଶାଣୀ, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ପଟ୍ଟନାୟକ ଓ ସୁଜ୍ଞାନ ଚୌଧୁରୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସମ୍ବର୍ଦ୍ଧିତ କରିଥିଲେ ।

# ଅହେତୁକ ବସ୍‌ଭଡା ବୃଦ୍ଧି : ଉଦାସୀନ ପରିବହନ ବିଭାଗ

ଜଳେଶ୍ୱର,୨୦/୮(ନିପ୍ର) : ଓଡିଶାର ଉପାନ୍ତ ଅଂଚଳରୁ ରାଜ୍ୟର ବିଭିନ୍ନ ସ୍ଥାନକୁ ବସ୍‌ଚଳାଚଳ ଆପାତତଃ ଚାଲିଥିବା ବେଳେ ଅହେତୁକ ବସ୍‌ଭଡା ବୃଦ୍ଧି ଘଟିଛି । ପରିବହନ ବିଭାଗ ଏହା ଜାଣି ମଧ୍ୟ ଅଜଣା ରହୁଥିବାରୁ ଏବେ ଜନ ଅସନ୍ତୋଷ ଦେଖା ଦେଇଛି । ଚନ୍ଦନେଶ୍ୱର ରୁ ବାଲେଶ୍ୱର, ପୁରୀ, ଜଳେଶ୍ୱରରୁ ରାଉରକେଲା, କେଉଁଝର ଏବଂ ପଶ୍ଚିମବଂଗର ବିଭିନ୍ନ ସ୍ଥାନରୁ ଓଡିଶାକୁ ବସ୍ ଚଳାଚଳ ହେଉଛି । କରୋନା ସଂକ୍ରମଣ ଯୋଗୁଁ ବସ୍‌ଚଳାଚଳ ବନ୍ଦ ରହିବା ଏବଂ ଡିଜେଲ ଓ ପେଟ୍ରୋଲର ମୂଲ୍ୟବୃଦ୍ଧି ଆଳରେ ବସ୍‌ଭଡାକୁ ୨/୩ ଗୁଣା ବୃଦ୍ଧି କରାଯାଇଛି । ସରକାରଙ୍କ ନିୟମ ଅନୁଯାୟୀ କିଲୋମିଟର ଅନୁସାରେ ବସ୍‌ଭଡା ନିଆଯାଉନାହିଁ । କେତେକ କ୍ଷେତ୍ରରେ କଣ୍ଡକ୍ଟରଙ୍କ ଇଚ୍ଛା ଅନୁଯାୟୀ ଭଡା ନିଆଯାଉଥିବା ଅଭିଯୋଗ ହୋଇଛି । ପୂର୍ବରୁ ଚନ୍ଦନେଶ୍ୱରରୁ ଜଳେଶ୍ୱର ୩୦ଟଙ୍କା ଭଡା ଥିବା ବେଳେ ଏବେ ୬୦ଟଙ୍କା ନିଆଯାଉଛି । ସେହିପରି ଚନ୍ଦନେଶ୍ୱରରୁ ବାଲେଶ୍ୱର ପୂର୍ବରୁ ୭ଟଙ୍କା ନିଆଯାଉଥିବା ବେଳେ ଏବେ ୧୫୦ଟଙ୍କା ନିଆଯାଉଛି । କେବଳ ଏତିକି ନୁହେଁ ଚନ୍ଦନେଶ୍ୱରୁ ପୁରୀ ୨୦୦ଟଙ୍କା ଭଡା ଲାଗୁଥିବା ବେଳେ ଏବେ ୫୦୦ଟଙ୍କା ନିଆଯାଉଥିବାର ଅଭିଯୋଗ ହୋଇଛି । ସେହିପରି କୌଣସି ସ୍ଥାନରୁ ଗନ୍ତବ୍ୟସ୍ଥାନକୁ ଗଲେ ପୂର୍ବରୁ ଲାଗୁଥିବେ ଭଡା ଠାରୁ ଅଧିକ ଲାଗୁଥିବାରୁ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି । ବିକଳ୍ପଭାବେ ଅନ୍ୟ ବ୍ୟବସ୍ଥା ନଥିବାରୁ ଯାତ୍ରୀମାନେ ଏପରି ଅର୍ଥ ଦେବାକୁ ବାଧ୍ୟ ହେଉଛନ୍ତି । ଗତ କିଛିଦିନ ଧରି ବସ୍‌ଗୁଡିକରେ ଯାତ୍ରୀ ଅଧିକ ହେଉଥିବାରୁ ଭଡି ଅଧିକ ହେଉଛି । କରୋନା ନିରୟମ ଅନୁଯାୟୀ ପ୍ରତିଦିନ ବସ୍‌ଗୁଡିକ ବିଶୋଧନ କରିବା, ହାତ ବିଶୋଧନ ଲାଗି ଆବଶ୍ୟକ ସାନିଟାଇଜର ରଖାଯାଉନାହିଁ । ତେଣୁ ବହୁ ଯାତ୍ରୀ ଭୟ ଓ ଆଶଙ୍କା ମଧ୍ୟରେ ଯାତାୟାତ କରୁଛନ୍ତି । ବିଶେଷ କରି ରାତ୍ରିକାଳିନ ବସ୍ ଗୁଡିକରେ ପରୀକ୍ଷା ନିରୀକ୍ଷା ଲାଗି ଯାଇଥାନ୍ତି । ବସ୍‌ଗୁଡିକ ବିଶୋଧନ ହେଉନଥିବାରୁ ସେମାନଙ୍କ ଅଭିଭାବକମାନେ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଛନ୍ତି ।

# ବାଲେଶ୍ୱରରେ ରୋଟାରୀ ଇନରହୁଇଲ କ୍ଲବ ଜିଲ୍ଲା ଚେୟାରମ୍ୟାନ




ବାଲେଶ୍ୱର,୨୦/୦୮ (ନି.ପ୍ର): ରୋଟାରୀ ଇନର ହୁଇଲ କ୍ଲବ ଜିଲା ଚେୟାରମ୍ୟାନ ମନିଷା ଶ୍ରୀବାସ୍ତବ ବାଲେଶ୍ୱର ଗସ୍ତରେ ଅବସରରେ ବାଲେଶ୍ୱର ଇନର ହୁଇଲ କ୍ଲବ ପକ୍ଷରୁ ଦିବସ ବ୍ୟାପୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଚେୟାରମ୍ୟାନ ଶ୍ରୀମତୀ ଶ୍ରୀବାସ୍ତବ କ୍ଲବର କର୍ମକର୍ତ୍ତା ଓ ସଦସ୍ୟାଙ୍କ ସହ ସହରର ସହଦେବଖୁଣ୍ଟା ଚାନ୍ଦମାରୀ ପଡ଼ିଆସ୍ଥିତ 'ଅମୃତଧାରା ବୃଦ୍ଧାଶ୍ରମ' ପରିଦର୍ଶନ ସହ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟବସ୍ଥା ତଥା ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ । କ୍ଲବ ପକ୍ଷରୁ ବୃଦ୍ଧାଶ୍ରମ ଅନ୍ତେବାସୀଙ୍କୁ ସାଲ, ତଉଲିଆ, ବିସ୍କୁଟ ପ୍ରଭୃତି ପ୍ରଦାନ କରାଯାଇଥିଲା । ସେ ରୋଟାରୀ କ୍ଲବ ପକ୍ଷରୁ ନିର୍ମାଣଧୀନ ସିନେମାଛକ ଟ୍ରାଫିକ ସିଗନାଲ ପୋଷ୍ଟ କାର୍ଯ୍ୟସ୍ଥଳ ବୁଲି ଦେଖିଥିଲେ । ଏହି ଅବସରରେ ରୋଟାରୀ ଭବନ ପରିସରରେ ଆୟୋଜିତ ବିଶେଷ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀମତୀ ଶ୍ରୀବାସ୍ତବ ଇନରହୁଇଲ କ୍ଲବର ଆଭିମୁଖ୍ୟ ଓ କାର୍ଯ୍ୟଧାରା ସମ୍ପର୍କରେ ଉପସ୍ଥିତ କର୍ମକର୍ତ୍ତା ତଥା ସଦସ୍ୟାଙ୍କୁ କହିଥିଲେ । ପୁରୁଷ ଓ ମହିଳାଙ୍କ ମଧ୍ୟରେ ଥିବା ଲିଙ୍ଗଗତ ପାର୍ଥକ୍ୟ ଦୂରକରି ବନ୍ଧୁତ୍ୱର ଆଦର୍ଶରେ ମହିଳାମାନଙ୍କ ଅଧିକାର ସାବ୍ୟସ୍ତ ପାଇଁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ନାରୀଶକ୍ତି ଜାଗରଣ, ସ୍ୱାସ୍ଥ୍ୟ, ପରିବେଶ, ଅସହାୟ ଶିଶୁ ଓ ଅବହେଳିତ ବୃଦ୍ଧ-ବୃଦ୍ଧାଙ୍କ ସୁରକ୍ଷା ପ୍ରତ ଗୁରୁତ୍ୱ ଦେବା ପାଇଁ ସେ କର୍ମକର୍ତ୍ତା ଓ ସଦସ୍ୟାଙ୍କୁ ପରାମର୍ଶ ଦେଇଥିଲେ । ବାଲେଶ୍ୱର ଇନହୁଇଲ କ୍ଲବର ସଭାପତି ଡାକ୍ତର କଳ୍ପନା ଦାସ ଏଥିରେ ଅଧ୍ୟକ୍ଷତା ସହ କ୍ଲବର ସମାଜସେବା ମୂଳକ କାର୍ଯ୍ୟଧାରା ସମ୍ପର୍କରେ ସୂଚନା ଦେଇଥିଲେ । ସିପ୍ରାରେଖା ମହାପାତ୍ର ଏଥିରେ ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ ସୁନୀତା ଚାନ୍ଦ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଦୀପିକା ପରମାର ଜିଲା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡାକ୍ତର ଗୀତା ଗିରି ବିବରଣୀ ପାଠ ସହ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୁବାସିନୀ ଜେନା, ସ୍ୱାତି ଦାସ, ବନୀ ମୁଜମଦାର, ସୁପର୍ଣ୍ଣା ଦାସ, ନଳିନୀ ଜଟାନିଆ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଡାକ୍ତର ମନୋରଂଜନ ଦାସ, କଲ୍ୟାଣ ଚାନ୍ଦ, ଦେବାଶିଷ ଦାସ, ଡାକ୍ତର ରଶ୍ମିକାନ୍ତ ଜଟାନିଆ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।

## ରାସ୍ତାରେ ଧାନରୁଆ ପ୍ରସଙ୍ଗ : ପ୍ରଶାସନକୁ ଅବଗତ କଲେ ଗ୍ରାମବାସୀ

ନୀଳଗିରି,୨୦/୦୮ (ନି.ପ୍ର): କିଛି ଦିନ ପୂର୍ବରୁ ନୀଳଗିରି ବ୍ଲକ ବେଗୁନିଆ ଗ୍ରା.ପ.ର ତୋଟାପଡ଼ା ଗ୍ରାମ ରାସ୍ତା ଶୋଚନୀୟ ହୋଇପଡ଼ିଥିବା ବେଳେ ସ୍ଥାନୀୟ ଲୋକେ ଯାତାୟତରେ ଘୋର ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଶେଷରେ ବାଧ୍ୟ ହୋଇ ରାସ୍ତାରେ ଧାନ ଗଛ ରୋଇଥିବା ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲା । ଏ ନେଇ ଆଜି ନୀଳଗିରି ଉପଜିଲ୍ଲାପାଳ ହରିଶ୍ଚନ୍ଦ୍ର ଜେନା ଓ ତହସିଲଦାର ଅଶେଷ କୁମାର ନାୟକ ଘଟଣାସ୍ଥଳ ପରିଦର୍ଶନ କରିଥିଲେ । ଗ୍ରାମବାସୀମାନେ ଉକ୍ତ ରାସ୍ତା ବାବଦରେ ତୁରନ୍ତ ମରାମତି ପାଇଁ ପ୍ରଶାସନ ନିକଟରେ ଦାବୀ କରିଥିବା ବେଳେ ଉପଜିଲ୍ଲାପାଳ ଖୁବଶୀଘ୍ର ଉକ୍ତ ରାସ୍ତା ମରାମତି କରାଯିବାର ପ୍ରତିଶୃତି ଦେଇଛନ୍ତି ।

# ବୋଲେରୋ-ଅଟୋ ମୁହାଁମୁହିଁ ଧକ୍କା : ୨ ଗୁରୁତର ୭ରୁ ଅଧିକ ଆହତ



ବାରିପଦା/ ଉଦଳା,୨୦/୦୮ (ନି.ପ୍ର): ବୋଲେରୋ ଅଟୋ ମୁହାଁମୁହିଁ ଧକ୍କା ହେବା ଫଳରେ ୨ଜଣ ଗୁରୁତର ହୋଇଥିବା ବେଳେ ୭ଜଣରୁ ଅଧିକ ଆହତ ହୋଇଥିବାର ଖବର ମିଳିଛି । ସୂଚନା ମୁତାବକ କପ୍ତିପଦା ଥାନା ଶାଳଚୁଆ ବିଦ୍ୟାଧର ନଗରର ୯ ଜଣ ଶ୍ରମିକ ଏକ ଅଟୋରେ ଉଦଳା ଥାନା ରାଢୋ ଅଞ୍ଚଳକୁ ଆସୁଥିଲେ । ରାଢୋ ଗ୍ରାମରେ ସେମାନେ ବିଲରେ ତଳିରୁଆ କାମ କରିବା ପାଇଁ ଆସୁଥିବା ବେଳେ ଉଦଳା-କପ୍ତିପଦା ରାଜ୍ୟ ରାଜପଥର ହୋଣ୍ଡା ସୋରୁମ୍ ନିକଟରେ ରାସ୍ତାରେ ଏକ ଗୋରୁ ରହିଥିବାରୁ ବିପରୀତ ଦିଗରୁ ଆସୁଥିବା ଏକ ବୋଲେରୋକୁ ଅଟୋଟି ମୁହାଁମୁହିଁ ଧକ୍କା ଦେଇଥିଲା । ପରେ ଉଭୟ ଗାଡି ରାସ୍ତା ପାର୍ଶ୍ୱକୁ ଓଲଟି ପଡିଥିଲା । ଖବର ପାଇ ଉଦଳା ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଅଟୋ ଭିତରେ ଫଶି ରହିଥିବା ଶ୍ରମିକଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ତେବେ ଅଟୋରେ ୯ଜଣ ଶ୍ରମିକ ରହିଥିବା ବେଳେ ସେମାନଙ୍କ ମଧ୍ୟରୁ ୮ଜଣ ମହିଳା ରହିଥିଲେ । ୯ଜଣଙ୍କ ମଧ୍ୟରୁ ଦୁଇ ଜଣଙ୍କ ଅବସ୍ଥା ଗୁରୁତର ରହିଥିବା ବେଳେ ଅନ୍ୟମାନେ ଆହତ ହୋଇଛି । ଉଦଳା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି ।

## ଶ୍ରୀ ଶ୍ରୀ ରାଧାମଦନ ମୋହନ ମନ୍ଦିରରେ ଝୁଲଣ ଯାତ୍ରା



ବାଲିଆପାଳ,୨୦/୦୮ (ନି.ପ୍ର): ବାଲିଆପାଳ ପଂଚାୟତ କଚୁଆପଡା ଗ୍ରାମରେ ଥିବା ଶ୍ରୀ ଶ୍ରୀ ରାଧାମଦନ ମୋହନ ମନ୍ଦିରରେ ମଙ୍ଗଳବାର ଠାରୁ ଝୁଲଣ ଯାତ୍ରା ଆରମ୍ଭ ହୋଇଛି । ଆସନ୍ତା ୨୨ ତାରିଖ ରବିବାର ଦିନ ବଳରାମ ଜୟନ୍ତି ଏବଂ ଗହ୍ମା ପୂର୍ଣ୍ଣିମାରେ ଏହା ଉଦଯାପିତ ହେବ । ଇସ୍କନର ତଥା ବିରଭଦ୍ର ପ୍ରଭୁ ମାୟାପୁରୀର ପୂର୍ବତନ ନୃସିଂହ ଦେବଙ୍କ ପୂଜାରୀ ବବ୍ରହ୍ମଚାରୀ ବିରଭଦ୍ର ପ୍ରଭୁ ଏବଂ ଉପେନ୍ଦ୍ର ପ୍ରଭୁଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ପ୍ରତ୍ୟେହ ସକାଳ ୬ଟାରେ ମଙ୍ଗଳ ଅରତୀ, ୭.୩୦ରେ ଦର୍ଶନ ଅରତୀ, ୧୨.୩୦ରେ ଭୋଗ ଆରତୀ, ସଂଧ୍ୟା ୬.୩୦ରେ ସଂଧ୍ୟା ଅରତୀ ପରେ ଝୁଲଣ ଯାତ୍ରା ଅନୁଷ୍ଠିତ ହେଉଛି । ଏହାକୁ ଦେଖିବା ପାଇଁ ବହୁ ଶ୍ରଦ୍ଧାଳୁ ସଂଧ୍ୟାରେ ଭିଡ ଜମାଉଛନ୍ତି । କରୋନା ନିୟମ ମାନି ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି ।

## ନଗ୍ରମ ପଞ୍ଚାୟତରେ ନୂତନ ପାନୀୟଜଳ ପ୍ରକଳ୍ପ ଶିଳାନ୍ୟାସ



ବାଲେଶ୍ୱର,୨୦/୦୮ (ନି.ପ୍ର): ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ପକ୍ଷରୁ ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନଗ୍ରମ ଗ୍ରାମ ପଞ୍ଚାୟତରେ ନୂତନ ପାନୀୟ ଜଳ ପ୍ରକଳ୍ପର ଶିଳାନ୍ୟାସ ଆଜି ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ବାଲେଶ୍ୱର ସଦର ବିଧାୟକ ସ୍ୱରୂପ କୁମାର ଦାସ ଅତିଥି ଭାବେ ଯୋଗଦେଇ ପ୍ରକଳ୍ପର ଶୁଭ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ । ଏହି ପ୍ରକଳ୍ପ ଧାର୍ଯ୍ୟ ସମୟ ମଧ୍ୟରେ ଶେଷ ହେବା ସହ ଏହା ଦ୍ୱାରା ଫୁଲୱାରକଷବା, ଟିକିରାପାଳ, ବେଡ଼ପଛ ଅରାଡ଼ ଏବଂ ମୁଣ୍ଡାପାଳ ଆଦି ଗ୍ରାମର ଲୋକଙ୍କ ପାନୀୟ ଜଳ ସମସ୍ୟା ଦୂର ହେବ ବୋଲି ସେ ଆଶା ପ୍ରକାଶ କରଇଥିଲେ । ଗ୍ରାମାଞ୍ଚଳରେ ପାଇପ ଯୋଗେ ପ୍ରତ୍ୟକ ଘରକୁ ପାନୀୟ ଜଳ ଯୋଗାଇବାର ବ୍ୟବସ୍ଥା କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ପଞ୍ଚାୟତିରା ମନ୍ତ୍ରୀ ପ୍ରତାପ ଜେନାଙ୍କୁ ବିଧାୟକ ଶ୍ରୀ ଦାସ କୃତଜ୍ଞତା ଜ୍ଞାପନ କରଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବ୍ଲକ ଚେୟାରମ୍ୟାନ ନାରାୟଣ ପ୍ରଧାନ, ବ୍ଲକ ସଭାପତି ବସନ୍ତ ପଣ୍ଡା, ବ୍ଲକ ଯୁବ ସଭାପତି ଦିଲୀପ ମହାନ୍ତି, ବ୍ଲକ ମହିଳା ସଭାପତି ଲିନା ସାହୁ, ଶକ୍ତିପଦ ରାୟ, ପ୍ରଣବ ପଣ୍ଡା, ବ୍ଲକ ଯୁବ କାର୍ଯ୍ୟକାରୀ ସଭାପତି ଦିବ୍ୟଶକ୍ତି ଜେନା, ପଞ୍ଚାୟତ ଯୁବ ସଭାପତି କିରଣ ମହାନ୍ତି, ପଞ୍ଚାୟତ ସୋସିଆଲ ମିଡ଼ିଆ ସଂଯୋଜକ ପ୍ରଶାନ୍ତ ଖିଲାର, ୱାର୍ଡ଼ ମେମ୍ବର ହେମନ୍ତ ଜେନା, ଦୀନବନ୍ଧୁ ଜେନା, ସମାଜସେବୀ ହରିଶ ଦାସ ପ୍ରମୁଖ ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ଯବାନଙ୍କ ଆଖିରେ ଲୁହ : ବାପା ମାଆଙ୍କ ସୁରକ୍ଷା ଓ ନ୍ୟାୟ ପାଇଁ ଆକୁଳ ନିବେଦନ

ନୀଳଗିରି,୨୦/୦୮ (ନି.ପ୍ର): ଜନୈକ ଯବାନ ନିଜର ଜୀବନକୁ ପାଣି ଛଡ଼ାଇ ଦେଶ ସୁରକ୍ଷାରେ ସାମିଲ ଥିବା ବେଳେ ନିଜର ବାପା ମାଆଙ୍କ ସୁରକ୍ଷା ଓ ନ୍ୟାୟ ପାଇ ପାରୁ ନ ଥିବାରୁ ଯବାନ ଆଖିରେ ଲୁହ ନିଗାଡ଼ି ପଡୁଥିବା ଦେଖିବାକୁ ମିଳିଛି । ଯିଏ ଦିନ ରାତି ଏକ କରି ଦେଶ ସୁରକ୍ଷା କରୁଛି, ମାତ୍ର ଜନ୍ମଦାତା ବାପା ମାଆଙ୍କୁ ସୁରକ୍ଷା ଦେଇ ନ ପାରି ସୀମାରେ ଥାଇ ଲୁହ ଭରା ଆଖିରେ ପ୍ରଶାସନକୁ ନ୍ରାୟ ପାଇଁ ଆକୁଳ ନିବେଦନ କରୁଥିବା ସୋସିଆଲ ମିଡିଆରେ ଭାଇରାଲ ହେଉଛି । ପ୍ରାପ୍ତ ସୂଚନା ଅନୁସାରେ ନୀଳଗିରି ଥାନା ଅଯୋଧ୍ୟା ଫାଣ୍ଡି ଅଧିନସ୍ଥ ତିନିଦେଶ ଗ୍ରାମର ମନରଂଜନ ମହାପାତ୍ରଙ୍କର ବଡ଼ ପୁଅ ନିନି ଗୋପାଳ ମହାପାତ୍ର ଯିଏକି ଯବାନ ଭାବେ ଜାମ୍ମୁ କାଶ୍ମୀର ସୀମାରେ କାର୍ଯ୍ୟରତ । ଘରେ ବାପା, ମାଆ ଓ ସାନ ଭାଇ ରହୁଥିବା ବେଳେ ଘରବାଡ଼ିକୁ କେନ୍ଦ୍ର କରି ତାଙ୍କର ପଡ଼ୋଶୀ ପ୍ରଦୀପ ବିଶ୍ୱାଳ, ପ୍ରତାପ ବିଶ୍ୱାଳ ସମେତ ଅନ୍ୟମାନେ ବାପା, ମାଆ ଓ ଭାଇକୁ ହଇରାଣ ହରକତ କରିବା ସହିତ ଗାଳିଗୁଲଜ କରୁଥିବା ବେଳେ ମରଣାନ୍ତକ ଆକ୍ରମଣ ରେ ଶିକାର ହୋଇଥିଲେ । ଉକ୍ତ ଜାଗାରେ ଆମ୍ଭ ପରିବାରକୁ ନ ରଖିବା ପାଇଁ ସେମାନେ କୁଟନୀତି କରି ଅଯଥାରେ ହଇରାଣ କରି ଆସୁଥିବା ବେଳେ ସୀମାରେ ଥାଇ ବାପା ମାଆଙ୍କର ଦୁଃଖ ସହି ନ ପାରି ଗତ ଏପ୍ରିଲ ମାସରେ ଗାଁକୁ ଆସି ଘଟଣା ବାବଦରେ ଅଯୋଧ୍ୟା ଫାଣ୍ଡିରେ ଅଭିଯୋଗ କଲା ପରେ ମିମାଂସା ହୋଇଥିଲା । ଯବାନ ନିନିଗୋପାଳ ମହାପାତ୍ର ଚାକିରି ସ୍ଥାନକୁ ଗଲାପରେ ମିଛରେ ପ୍ରତିପକ୍ଷମାନେ ବାପା , ମାଆ ଓ ନିନିଗୋପାଳଙ୍କ ନାମରେ ଥାନାରେ ଅଭିଯୋଗ କରିଛନ୍ତି । ଏପରିକି ମୋର ଚାକିରିରେ ନାଲିଗାର ପକାଇବା ସହ ଚାକିରୀ ଛଡ଼ାଇ ନେବାର ଧମକ ଦେଉଛନ୍ତି ବୋଲି ନିନିଗୋପାଳ ପ୍ରକାଶ କରିବା ସହ ମିଥ୍ୟାରେ ବାପା, ମାଆ ଓ ଭାଇଙ୍କୁ ନିର୍ଯ୍ୟାତନା ଦେଉଛନ୍ତି । ଦେଶକୁ ସୁରକ୍ଷା ଦେଉଥିବା ଯବାନଙ୍କ ଆଖିରେ ଆଜି ଲୁହ ବହୁଥିବା ବେଳେସ୍ଥାନୀୟ ପ୍ରଶାସନ ଯବାନଙ୍କ ପରିବାର ପ୍ରତି କେତେ ଦୂର ସୁରକ୍ଷା ଦେଉଛି ଏବଂ ଅଭିଯୁକ୍ତମାନଙ୍କ ବିରୁଦ୍ଧରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା ।

# ଜମି ଜମା ବିବାଦରୁ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ : ୬ ଜଣ ଆହତ



ବାଲିଅପଳ,୨୦/୦୮ (ନି.ପ୍ର): ବାଲିଆପାଳ ଥାନା ଅର୍ନ୍ତଗତ ପଡଂଚୁପାଲି ପଂଚାୟତର କାଳଶିମୁଳୀ ଗ୍ରାମରେ ଜମିଜମା ବିବାଦକୁ ନେଇ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିବା ବାଲିଆପାଳ ଥାନାରେ ଅଭିଯୋଗ ହୋଇଛି । ଉଭୟ ପକ୍ଷରୁ ୬ ଜଣ ଆହତ ହୋଇଛନ୍ତି । ଆହତ ମାନଙ୍କୁ ଦୁଇଟି ଆମ୍ବୁଲାନ୍ସରେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଗୁରୁତର ଆହତଙ୍କୁ ବସ୍ତା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ କାଳଶିମୁଳୀ ଗ୍ରାମର ମାୟାଧର ବେହେରା ଓ ଲମ୍ବୋଦର ବେହେରାଙ୍କ ମଧ୍ୟରେ ପୂର୍ବରୁ ଜମି ଜମା ବିବାଦକୁ ନେଇ ବିବାଦ ଥିଲା । ଆଜି ସକାଳେ ତାହା ଉଗ୍ର ରୂପ ନେଇଥିଲା । ବିଲ ମଝିରେ ଉଭୟ ପରିବାର ମଧ୍ୟରେ ସଂଘର୍ଷ ଆରମ୍ଭ ହୋଇଥିଲା 'ଳରେ ଉଭୟ ପରିବାରରୁ ୬ ଜଣ ଆହତ ହୋଇଛନ୍ତି । ଆହତଙ୍କ ମଧ୍ୟରୁ ମାୟାଧର ବେହେରା, ତାଙ୍କ ପତ୍ନୀ ସୌଦାମିନୀ ବେହେରା ଓ ପୁଅ ଜଗଦିଶ ବେହେରାଙ୍କୁ ସ୍ଥାନୀୟ ଇଡକୋ ଡାକ୍ତରଖାନାରେ ଭର୍ତ୍ତି କରାଯଇଥିବା ବେଳେ ଅଧିକ ଗୁରୁତର ଥିବା ଲମ୍ବୋଦର ବେହେରା ତାଙ୍କ ପତ୍ନୀ ମମତା ବେହେରା ଏବଂ ପୁଅ ତାରାକାନ୍ତ ବେହେରାଙ୍କ ବସ୍ତା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ଅଦ୍ୟାବଧି ଥାନାରେ କୌଣସି ପକ୍ଷ ମାମଲା ଦାୟର କରିନଥିବା ଜଣା ଯାଇଛି ।

# ଖଗଡାପାଳ ବସ୍ତି ପାଲଟିଛି ବ୍ରାଉନସୁଗାର ହବ

## ବ୍ରାଉନସୁଗାର ପାଇଁ ଚୋରି କରୁଛନ୍ତି ବାଇକ : ବାଲେଶ୍ୱର ପୁଲିସ ଦ୍ୱାରା ୨ ଗିରଫ : ୪ ଟି ବାଇକ ଜବତ

ବାଲିଆପାଳ,୨୦/୦୮ (ନି.ପ୍ର): ବାଲିଆପାଳ ବ୍ଲକ ମଧୁପୁରା ପଂଚାୟତର ଖଗଡାପାଳ ବସ୍ତି ଏବେ ପାଲଟିଛି ବ୍ରାଉନସୁଗାର ହବ । ଏହି ବସ୍ତିର ସେକ ସୋଲ ସମେତ ଆଉ କିଛି ଯୁବକ ଜଳେଶ୍ୱରରୁ ବ୍ରାଉନସୁଗାର ଆଣି ଖୋଲା ଖୋଲି ବିକ୍ରୀ କରିବା ସହିତ ନିଜେ ମଧ୍ୟ ଖାଉଛନ୍ତି । ଏହାକୁ ଖାଇ ବାଲିଆପାଳ ଅଂଚଳର ଅନେକ ଯୁବକ ପଥଭ୍ରଷ୍ଟ ହେବା ସହିତ ଚୋରି, ଡକାୟତି ପ୍ରଭୃତି ଅପରାଧୀକ ମାମଲାରେ ସମ୍ପୃକ୍ତ ହେଉଛନ୍ତି । ଏପରିକି ବିଭିନ୍ନ ସ୍ଥାନରୁ ବାଇକ ଚୋରି କରି ବ୍ରାଉନସୁଗାର ପାଇଁ ନାମ ମାତ୍ର ଦାମରେ ବିକ୍ରୀ ଏବଂ ବନ୍ଧକ ରଖୁଥିବା ଜଣାଯାଇଛି । ଏହିଭଳି ଏକ ରାକେଟରେ ସମ୍ପୃକ୍ତ ୩ ଜଣକୁ ଗୁରୁବାର ମଧ୍ୟ ରାତ୍ରୀରେ ସହଦେବଖୁଂଟା ପୁଲିସ ଉଠାଇନେବା ସହିତ ଜେରା ପାଇଁ ବାଲେଶ୍ୱର ନେଇଯାଇଛି । ବାଲେଶ୍ୱରରେ ଗତ କିଛି ଦିନ ଧରି କ୍ରମାଗତ ଭାବେ ବାଇକ ଚୋରି ହେଉଥିବା ବିଭିନ୍ନ ଥାନାରେ ମାମଲା ରୁଜୁ ହୋଇଥିଲା । ସହଦେବଖୁଂଟା ପୁଲିସ ଏହାର ଅନୁସନ୍ଧାନ କରି ମୁଖ୍ୟ ଅଭିଯୁକ୍ତ ବାଲିଆପାଳ ବ୍ଲକ ଗେଙ୍ଗୁଟିଆ ଗ୍ରାମର ରାଜୀବଲୋଚନ ଗିରିଙ୍କୁ ଗୁରୁବାର ରାତିରେ ଗିରଫ କରିଥିଲା । ରାଜୀବ ଜଣେ ନିୟମୀତ ବ୍ରାଉନସୁଗାର ସେବନ କରୁଥିବା ନିଶାସକ୍ତ ଯୁବକ । ନିଶା ପାଇଁ ସେ ବାଲେଶ୍ୱରର ଜନଗହଳି ପୂର୍ଣ୍ଣ ସ୍ଥାନରୁ କୌଶଳ କ୍ରମେ ବାଇକ ଚୋରି କରୁଥିବା ପୁଲିସ ଆଗରେ ସ୍ୱୀକାର କରିଛି । ଏହି ବାଇକକୁ ସେ ବସ୍ତା, ବାଲିଆପାଳ, ସିଙ୍ଗଲା, ଜଳେଶ୍ୱର ପ୍ରଭୃତି ସ୍ଥାନରେ ବ୍ରାଉନସୁଗାର ମାଫିଆଙ୍କୁ ସ୍ୱଳ୍ପ ଦାମରେ ବିକ୍ରୀ କରି ସେମାନଙ୍କ ଠାରୁ ବ୍ରାଉନସୁଗାର ଅଣି ନିଜେ ସେବନ କରିବା ସହିତ ବାଲିଆପାଳ ଅଂଚଳରେ ମଧ୍ୟ ବିକ୍ରୀ କରୁଥିଲେ । ଖଗଡାପାଳ ବସ୍ତିର ସେକ ସୋଲ ଜଣେ ଜଣାଶୁଣା ବ୍ରାଉନସୁଗାର ବେପାରୀ । ସୋଲକୁ ରାଜୀବ ୩ଟି ବାଇକ ଖୁବ ଅଳ୍ପ ଦାମରେ ବିକ୍ରୀ କରି ତାଠାରୁ ବ୍ରାଉନସୁଗାର ଆଣି ଖାଇଥିଲା । ସେହିପରି ଖଗଡାପାଳ ଗ୍ରାମର ରଂଜନ ବେହେରା ମଧ୍ୟ ରାଜୀବ ପାଖରେ ମାତ୍ର ୪ ହଜାର ଟଙ୍କାରେ ଏକ ବାଇକ ବନ୍ଧା ରଖିଥିଲେ । ଏହି ୩ ଜଣକୁ ବାଲେଶ୍ୱର ପୁଲିସ ବାଲିଆପାଳ ଥାନାକୁ ଆଣିଥିଲା । ତେବେ ସୋଲ ନିଶାସକ୍ତ ଅବସ୍ଥାରେ ଚେତାଶୂନ୍ୟ ହୋଇ ରହିଥିବାରୁ ତାକୁ ବାଲିଆପାଳ ପୁଲିସ ଜିମାରେ ଛାଡି ଦେଇ ଅନ୍ୟ ଦୁଇଜଣକୁ ବାଲେଶ୍ୱର ନେଇଯାଇଥିବା ଜଣାଯାଇଛି । ସୋଲ କିଣିଥିବା ୩ଟି ବାଇକ ବାଲେଶ୍ୱର ପୁଲିସ ନିକଟରେ ଜମା କରିବ ବୋଲି କହିଥିବା ବେଳେ ରଂଜନ ବେହେରା ବନ୍ଧକ ରଖିଥିବା ବାଇକ ପୁଲିସ ବାଲେଶ୍ୱର ନେଇଯାଇଛି । ଏହି କିଛି ଦିନ ଭିତରେ ରାଜୀବ ବାଲେଶ୍ୱରରୁ ୮ଟି ବାଇକ ଚୋରି କରିଥିବା ପୁଲିସ ଆଗରେ ସ୍ୱୀକାର କରିଛି ।

# ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟର ମ୍ୟାଲେରିଆ ଓ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ



ଉଦଳା,୨୦/୦୮ (ନି.ପ୍ର): ସ୍ଥାନୀୟ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟର +୨ ଓ +୩ର ଜାତୀୟ ସେବା ଯୋଜନା ତରଫରୁ ମିଳିତ ଭାବରେ ଚଳିତ ଅଗଷ୍ଟ ୧୯ ତାରିଖ ଗୁରୁବାରଦିନ ମ୍ୟାଲେରିଆ ଓ ଡେଙ୍ଗୁ ରୋଗ ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ମହାବିଦ୍ୟାଳୟର ଅଧକ୍ଷା ଜୟଶ୍ରୀ ଚୌଧୁରୀଙ୍କ ଅଧକ୍ଷତାରେ ଆଲୋଚନାଚକ୍ର ଓ ପରେ ଜାତୀୟ ସେବା ଯୋଜନାର ଛାତ୍ରୀ ମାନଙ୍କ ଦ୍ୱାରା ଏକ ଶୋଭାଯାତ୍ରା ବାହାରି ଉଦଳା ସହର ପରିକ୍ରମା କରିଥିଲା । ଜାତୀୟ ସେବା ଯୋଜନାରେ ମହାବିଦ୍ୟାଳୟରେ କାର୍ଯ୍ୟରତ +୨ର ପ୍ରୋଗ୍ରାମ ଅଫିସର ଅଧାପକ ରାଜକିଶୋର ବେହେରା ଓ +୩ର ପ୍ରୋଗ୍ରାମ ଅଫିସର ଅଧାପିକା ପ୍ରଣତି ରାଜଙ୍କ ସମେତ ଅଧାପକ ରବି ନାରାୟଣ ମହାପାତ୍ର ଓ ଅଧାପିକା କୁମ କୁମ ଦାସ ଆଲୋଚନାରେ ଅଂଶଗ୍ରହଣ କରି ମ୍ୟାଲେରିଆ ଓ ଡେଙ୍ଗୁ ରୋଗର ଭୟାବହତା ଓ ଏଥିପାଇଁ ଆମକୁ କିପ୍ରକାର ସତର୍କତା ଅବଲମ୍ବନ କରିବାକୁ ହେବ ସେ ବିଷୟରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଏହାପରେ ଅଧାପକ ବିବେକାନନ୍ଦ ଦାସବାବୁଙ୍କ ନେତୃତ୍ୱରେ ଛାତ୍ରୀମାନେ ସଚେତନତା ମୂଳକ ବାର୍ତ୍ତା ଲେଖାଥିବା ପ୍ଲା କାର୍ଡ଼ ଧରି ବିଭିନ୍ନ ପ୍ରକାର ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ । କାର୍ଯ୍ୟକ୍ରମରେ କୋଭିଡ଼ ପାଇଁ ସବୁ ପ୍ରକାର ସତର୍କତା ଅବଲମ୍ବନ କରାଯିବା ସହିତ ସମସ୍ତଙ୍କୁ ମାସ୍କ ପିନ୍ଧିବା ବାଧତା ମୂଳକ କରାଯାଇଥିଲା । କାର୍ଯ୍ୟକ୍ରମକୁ ସଫଳ କରିବାରେ ଅଧାପିକା ମଞ୍ଜୁଳା କଲିଆ, ସୁପ୍ରିତି ନାୟକ, ଗୁଞ୍ଜନା ଭୂୟାଁ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ କ୍ଷୀରୋଦ ମହାନ୍ତି ସାରା ପଅଥିବୀରେ ମ୍ୟାଲେରିଆ ଓ ଡେଙ୍ଗୁ ରୋଗରେ ପିଡ଼ିତ ହୋଇ ପ୍ରତିବର୍ଷ କେତେଲୋକ ମୃତ୍ୟୁବରଣ କରୁଛନ୍ତି ସେ ସମ୍ପର୍କରେ ସୂଚନା ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମର ଯବନିକା ପକାଇଥିଲେ ।

# ବିମ୍ବାଧର ସାହୁ ପାଇଲେ ପ୍ରକୃତି ବନ୍ଧୁ ପୁରସ୍କାର



ବାରିପଦା,୨୦/୦୮ (ନି.ପ୍ର): ଓଡ଼ିଆ ସରକାର ଜଙ୍ଗଲ ଓ ପରିବେଶ ବିଭାଗ ତରଫରୁ ପ୍ରକୃତି ସଂରକ୍ଷଣ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିମ୍ବାଧର ସାହୁଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରଦାନ କରାଯାଇଛି ଓ ଏହି ପୁରସ୍କାର ବାରିପଦା ଡିଏଫଓ ସନ୍ତୋଷ ଯୋଶୀଙ୍କ ହାତରୁ ବିମ୍ବାଧର ଗ୍ରହଣ କରିଛନ୍ତି ଓ ପ୍ରକାଶ ଥାଉକି ଶ୍ରୀ ସାହୁ ଦୀର୍ଘ ୧୦ ବର୍ଷରୁ ଉର୍ଦ୍ଧ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ, ଅନୁଷ୍ଠାନ ଓ ରାସ୍ତା କଡରେ ନିଜ ଉଦ୍ୟମରେ ନିମ୍ବ ଚାରା ରୋପଣ କରି ଆସୁଛନ୍ତି ଓ ଇତି ମଧ୍ୟରେ ସେ ପ୍ରାୟ ଚାଳିଶ ହଜାର ନିମ୍ବ ଚାରା ନିଜେ ପ୍ରସ୍ତୁତ କରି ଯୁବ ପୀଢ଼ିଙ୍କ ସହ ବିଭିନ୍ନ ସ୍ଥାନରେ ରୋପଣ କରିସାରିଲେଣି । ତାଙ୍କର ଏହି କାର୍ଯ୍ୟକଳାପ ପାଇଁ ସେ ବହୁବାର ସରକାରୀ ଓ ବେସରକାରୀ ସଂସ୍ଥା ଦ୍ୱାରା ପୁରସ୍କୃତ ହୋଇଛନ୍ତି । ଏଥି ପୂର୍ବରୁ ତାଙ୍କ ଦ୍ୱାରା ପରିଚାଳିତ ଓଡିଶା ଇଣ୍ଡଷ୍ଟ୍ରିଆଲ ଟ୍ରେନି ସେଣ୍ଟର ପ୍ରକୃତି ମିତ୍ର ପୁରସ୍କାର ପାଇସାରିଛି ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo